

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୫୭ ଭୁବନେଶ୍ୱର ବୁଧବାର, ଫେବୃଆରୀ ୧୯.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.157 Bhubaneswar, Wednesday, Februarry 19, 2025


# କିଟ୍ ପାଇଁ ବଦନାମ ଓଡ଼ିଶା

ଭୁବନେଶ୍ୱର, ୧୮/୨: ମହାଭାରତ ସରିଲାଣି ! କିନ୍ତୁ ଶିକ୍ଷାମନ୍ତ୍ରାଳୟ ଚୁପ୍। କିଟ୍ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରୀ ଆତ୍ମହତ୍ୟାକୁ ନେଇ ଉଠୁଛି ପଡୁଛି ସାରାଦେଶ। ଓଡ଼ିଶାର ଏକ ଶିକ୍ଷାନୁଷ୍ଠାନର କଳା କାରନାମାକୁ ନେଇ ଆମ ଦେଶ ଭାରତ ଓ ଆମ ରାଜ୍ୟ ଓଡ଼ିଶାର ଭାବମୂର୍ତ୍ତି ବିଦେଶରେ ବଦନାମ ହେବାରେ ଲାଗିଛି। ଅନ୍ୟଦେଶର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାଂସଦଙ୍କ ପର୍ଯ୍ୟନ୍ତ ସମସ୍ତେ ଓଡ଼ିଶାର ଏହି ପ୍ରସଙ୍ଗକୁ ନେଇ ଆଲୋଚନା କରୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ଏ ପ୍ରସଙ୍ଗରେ ଦେଶର ଶିକ୍ଷା ମନ୍ତ୍ରଣାଳୟ ଚୁପ୍ ରହିଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି। ପୂରା ଘଟଣାଟି ଏମିତି। ରବିବାର ସନ୍ଧ୍ୟାରେ କିଟ୍ ବିଶ୍ୱବିଦ୍ୟାଳୟରେ ପାଳିତ ହେଉଥିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ଆଉ ସେହି କାର୍ଯ୍ୟକ୍ରମକୁ ଉପଭୋଗ କରୁଥିଲେ କର୍ମଚାରୀ ଓ ଛାତ୍ରଛାତ୍ରୀ। କୋଳାହଳ ଭିତରେ ବି-ଟେକ୍ ଇଞ୍ଜିନିୟରିଂ ପଢୁଥିବା ନେପାଳ ଛାତ୍ରୀ ନିଜ ରୁମ୍‌ରେ ଝୁଲି ପଡ଼ିଥିଲେ। ସେହି ଖବର ବିଦ୍ୟୁତ୍ ବେଗରେ ବ୍ୟାପୀ ଯାଇଥିଲା। ଆଉ ଏକତ୍ର ହୋଇଥିଲେ ସମସ୍ତ ନେପାଳୀ ଛାତ୍ରଛାତ୍ରୀ। କଲେଜରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମ୍‌ଖିଆଲ୍ ନୀତି ଓ ପୂର୍ବତନ ପ୍ରେମିକ(ଆତ୍ମହତ୍ୟା କରିଥିବା ଛାତ୍ରୀ)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କିଟ୍




କର୍ତ୍ତୃପକ୍ଷ କମିସନ୍‌ରେଟ୍ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ ରାତି ତମାମ ବୁଝାସୁଝା କରିଥିଲା। ହେଲେ ଛାତ୍ରଛାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ରାତି ତମାମ ଚାଲିଲା ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ। ସୋମବାର ସକାଳେ ସକାଳେ କିଟ୍ କର୍ତ୍ତୃପକ୍ଷ କଲେଜରେ ସାଇନ୍-ଏ-ଡାଏ ଘୋଷଣା କରିଥିଲେ। ହଷ୍ଟେଲ୍ ଖାଲି କରିବା ପାଇଁ ନେପାଳୀ ଛାତ୍ରଛାତ୍ରୀଙ୍କୁ କହିଥିଲେ। ଅତି କଦର୍ଯ୍ୟ ଭାଷାରେ ଛାତ୍ରଛାତ୍ରୀଙ୍କୁ ଗାଳି ଦେଇଥିଲେ। କିଟ୍ କର୍ତ୍ତୃପକ୍ଷ ଏତେ ପରିମାଣରେ ତଳକୁ ଖସି ଯାଇଥିଲେ ଯେ, ଛାତ୍ରଛାତ୍ରୀଙ୍କ ଦେଶର ଆର୍ଥିକ ସ୍ଥିତିକୁ ନେଇ ଅପହାସ୍ କରିଥିଲେ। ଯାହାର ଭିଡିଓ ଭାଇରାଲ୍ ହୋଇଥିଲା। ଏପରିକି ନିପାଳୀ ଛାତ୍ରଛାତ୍ରୀଙ୍କୁ ସିକ୍ୟୁରିଟି ଗାର୍ଡ଼ ଲଗାଇ ମାଡ଼ ମାରିଥିଲେ। ପିଲାମାନଙ୍କୁ ବସ୍‌ରେ ନେଇ କଟକ ଓ ଅନ୍ୟାନ୍ୟ ସ୍ଥାନରେ ଛାଡ଼ି ଆସିଥିଲେ କିଟ୍ କର୍ତ୍ତୃପକ୍ଷ।ନେପାଳୀ ଛାତ୍ରଛାତ୍ରୀଙ୍କୁ କିଟ୍‌ରେ ଦିଆଯାଉଥିବା ନିର୍ଯାତନା ନେଇ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜାତୀୟ ଓ ଆନ୍ତର୍ଜାତୀୟ ଗଣମାଧମରେ ମୁଖ୍ୟ ଖବର ପାଲଟିଥିଲା। ସମାଲୋଚନାରେ ଶିକାର ହୋଇଥିଲା ଭାରତର ଶିକ୍ଷା ବ୍ୟବସ୍ଥା ! ନେପାଳ ଷ୍ଟୁଡେଣ୍ଟ ୟୁନିୟନ୍ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହିତ କିଟ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲା। ଅନ୍ୟପକ୍ଷରେ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦିଲ୍ଲୀରେ ଅବସ୍ଥାପିତ ନେପାଳ ଦୂତାବାସ କର୍ମକର୍ତ୍ତାଙ୍କୁ ଓଡ଼ିଶା ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି। ଏହା ପରେ ଆଜି ନେପାଳ ଦୂତାବାସ ପକ୍ଷରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆସିଥିଲେ। ସେମାନେ ଛାତ୍ରୀଙ୍କ ମୃତ୍ୟୁ ନେଇ ରାଜ୍ୟ ସରକାର ଓ କିଟ୍ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ତଥ୍ୟ ସଂଗ୍ରହ କରିଥିଲେ। ଏହି ମାମଲାରେ ପୋଲିସ୍ ୫ ଜଣଙ୍କୁ ଗିରଫ କରିଥିଲା। ହେଲେ ସେମାନେ କିଛି ସମୟ ପରେ ବେଲ୍‌ରେ ବାହାରିଛନ୍ତି। ନେପାଳ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦେଶର ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇବା ପରେ କିଟ୍ କର୍ତ୍ତୃପକ୍ଷଙ୍କ ମୁହଁ ଟାଣ କମିଥିଲା। ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିଥିବା ୨ ମହିଳା ଅଧିକାରୀ କ୍ଷମାପ୍ରାର୍ଥନା କରିଥିଲେ। ଏପରିକି ହଷ୍ଟେଲ୍ ଫେରିଆସିବା ପାଇଁ ନେପାଳୀ ଛାତ୍ରଛାତ୍ରୀଙ୍କୁ ଅପିଲ୍ କରିଥିଲେ କିଟ୍ କର୍ତ୍ତୃପକ୍ଷ। ମାତ୍ର ସୁରକ୍ଷା ଦୃଷ୍ଟିରୁ ଛାତ୍ରଛାତ୍ରୀମାନେ ହଷ୍ଟେଲ୍ ଆସିନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଜେଡି ନେତା ତଥା ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତଙ୍କ କିଟ୍‌ରେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଆଜି କମ୍ପିଥିଲା ବିଧାନସଭା। ମୁହାଁମୁହିଁ ହୋଇଥିଲେ ଶାସକ ବିଜେପି, ବିଜେଡି ଓ କଂଗ୍ରେସ ବିଧାୟକ। ଏହା ପରେ ଘଟଣାର ନୀରପେକ୍ଷ ତଦନ୍ତ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଯେଉଁ ଛାତ୍ରଛାତ୍ରୀମାନେ ହଷ୍ଟେଲ ଛାଡ଼ି ପଳାଇ ଯାଇଛନ୍ତି, ସେମାନଙ୍କୁ ଫେରାଇ ଆଣିବା ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କିଟ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ମଧ କିଟ୍‌ରେ ଅଶାନ୍ତ ବାତାବରଣ ଲାଗି ରହିଛି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ତେବେ ଏଠି ପ୍ରଶ୍ନ ଉଠୁଛି, ଓଡ଼ିଶାର KIIT ଶିକ୍ଷାନୁଷ୍ଠାନ ପାଇଁ ବିଶ୍ୱ ସ୍ତରରେ ଓଡ଼ିଶା ଓ ଭାରତ ନିନ୍ଦିତ ହେଲା। ହେଲେ ସେହି ପ୍ରସଙ୍ଗରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନେଉନି କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ? ଏପରିକି ମନ୍ତ୍ରାଳୟ ଏହି ପ୍ରସଙ୍ଗରେ କୌଣସି ମନ୍ତବ୍ୟ ମଧ ଦେଉନାହିଁ। କିଟ୍ ବିଶ୍ୱବିଦ୍ୟାଳୟ ଘଟଣାକୁ ସାରାଦେଶ ନିନ୍ଦା କରୁଥିବା ବେଳେ ଓଡ଼ିଶାର ଛାତ୍ର ନେତାମାନେ ଆନ୍ଦୋଳନ କରୁଛନ୍ତି। ହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର କୌଣସି ପ୍ରତିକ୍ରିୟା ଆସିନାହିଁ। ଏହି ପ୍ରସଙ୍ଗରେ ସେ ଚୁପ୍ କାହିଁକି ? କେନ୍ଦ୍ରମନ୍ତ୍ରୀ ଓ ବିଜେଡି ନେତା ତଥା ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତଙ୍କର ଭିତରେ କିଛି ଅଛି କି ? କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନୀରବତାକୁ ନେଇ ଏବେ ନାନା କଳ୍ପନା ଜଳ୍ପନା ଲାଗିତ ରହିଛି।

## ବିଧାନସଭାରେ କିଟ୍ ତାତି

ଭୁବନେଶ୍ୱର, ୧୮/୨: ବିଧାନସଭାରେ ମଙ୍ଗଳବାର ଶୂନ୍ୟକାଳରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ନେପାଳୀ ଛାତ୍ରଛାତ୍ରୀଙ୍କ ପ୍ରତି ଅମାନବୀୟ ଆଚରଣକୁ ନେଇ ଉଦବେଗ ବ୍ୟକ୍ତ କରାଯାଇଛି । ସବୁ ଦଳ ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି । କଂଗ୍ରେସ ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି କରିଥିବାବେଳେ ବିଜେପି ଏହି ଘଟଣାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି କରିଛି । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, କିଟରେ ଯେଉଁ ଅଭାବନୀୟ ଘଟଣା ଘଟିଛି ସେଥିପାଇଁ ସାରା ବିଶ୍ୱରେ ଓଡ଼ିଶା ନିନ୍ଦିତ ହେଲା । ଯେଉଁ ସବୁ ଭିଡିଓ ଭାଇରାଲ ହେଉଛି ତାକୁ ଦେଖିଲେ କାନ୍ଦ ଲାଗୁଛି । ନେପାଳୀ ପିଲାମାନଙ୍କୁ କିଭଳି ଅମାନବୀୟ ଭାବେ ମାରପିଟ୍ କରାଯାଉଛି । ନେପାଳ ସହ ଆମ ସମ୍ପର୍କ ଅତି ଘନିଷ୍ଠ । ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ କସ୍ତୁରୀ ସେଠାରୁ ଆସିଥାଏ । କିନ୍ତୁ ଯେଉଁମାନେ ନେପାଳୀ ଛାତ୍ରଛାତ୍ରୀଙ୍କୁ କିଟ୍ କର୍ତ୍ତୃପକ୍ଷ ବାଡ଼େଇଲେ ତାହା ନିନ୍ଦନୀୟ । ଦିଲ୍ଲୀ ଆଜି ଏହି ଘଟଣାରେ ଉଠୁଛି ପଡୁଛି । ତେଣୁ



ଏହାର ବିଚାରବିଭାଗୀୟ ତଦନ୍ତ କରାଯାଉ, ନଚେତ୍ ଗୃହରେ ଧାରଣାରେ ବସିବି ବୋଲି ତାରା ଚେତାବନୀ ଦେଇଛନ୍ତି । ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ମଧ ଏହି ଘଟଣାରେ ଉଦବେଗ ବ୍ୟକ୍ତ କରିଛନ୍ତି । ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ଏବେ ଆଇନଶୃଙ୍ଖଳା ରକ୍ଷା କରିବାରେ ବିଫଳ । କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ବିଶ୍ୱରେ ନିନ୍ଦିତ ହୋଇଛି । ବିଜେପି ବିଧାୟକ ବାବୁ ସିଂ ଏହି ଘଟଣାରେ ତୁରନ୍ତ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି କରିଛନ୍ତି । ଅଚ୍ୟୁତଙ୍କ ବିନା ଅନୁମତିରେ କିଟ୍ ପରିସରରେ କିଛି ହୁଏନି ଓ ସବୁଥିରେ ତାଙ୍କର ହସ୍ତକ୍ଷେପ ଥାଏ । ତେଣୁ ନେପାଳୀ ଛାତ୍ରଛାତ୍ରୀଙ୍କ ସହ ଯେଉଁଭଳି କାର୍ଯ୍ୟ କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ । ଏଭଳି ଘଟଣାରେ ଯଦି ଅଚ୍ୟୁତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନହୁଏ ତା'ହେଲେ ତାହା ଠିକ୍ ହେବନି । ୨୫ଜଣ ଗୁଣ୍ଡାଙ୍କୁ ଲଗାଇ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ ମାରପିଟ୍ କରାଯାଉଛି । ଏହା ସୁସ୍ଥ ଗଣତନ୍ତ୍ର ନୁହେଁ । ଅଚ୍ୟୁତଙ୍କ ବିରୁଦ୍ଧରେ ଯଦି ଏବେ କାର୍ଯ୍ୟାନୁଷ୍ଠାନ ନହେବ ତା'ହେଲେ ଆମେ ଲଜ୍ଜିତ ହେବୁ । କାରଣ ଏଥର ସେ ସବୁ ସୀମା ଟପି ଯାଇଛନ୍ତି । ଏହା ଓଡ଼ିଶା ମାଟିର ସମ୍ମାନର କଥା । ସେସବୁ କଥାକୁ ମ୍ୟାନେଜ୍ କରି ଦିଅନ୍ତି । ଭାବୁଛନ୍ତି ଏଥର ବି କରିଦେବେ । କିନ୍ତୁ ଏଭଳି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ଓ ସେଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି କରିବେ ବୋଲି କହିଛନ୍ତି । ବାବୁ ସିଂ ଆହୁରି ମଧ ଅଭିଯୋଗ କରିଛନ୍ତି ଯେ, ଗରିବ ଲୋକମାନଙ୍କ ଜମିକୁ ହଡ଼ପ କରିବା ଜଙ୍ଗଲ ଜମିକୁ ଦଖଲ କରି କୋଠା ଓ ମନ୍ଦିର ନିର୍ମାଣ ଆଦି କରିଛନ୍ତି । ହଜାର ହଜାର ଏକର ଜମିକୁ କିଟ୍ ଜବରଦଖଲ କରିଛି । ଯେଉଁମାନେ କିଟରେ ଠିକାଦାରୀ କାର୍ଯ୍ୟ କରୁଛନ୍ତି ସେମାନେ କେଉଁ ଦଳର ତାହା ତଦନ୍ତ ହେବା ଦରକାର । ଗୁଣ୍ଡାବାହିନୀ ଲଗାଇ ଜମି ମାଲିକମାନଙ୍କଠୁ କିଟ୍ ଏସବୁ ଜମି ହାତେଇଛି । କାହାର ଧର୍ମପତ୍ନୀ, କାହାର ଶାଳକ ଓ କାହାର ବନ୍ଧୁବାନ୍ଧବଙ୍କୁ କିଟରେ ଚାକିରି ମିଳିଛି ତା'ର ଖୋଳତାଡ଼ ହେବା ବି ଦରକାର ।

## ପ୍ରେମ ପାଇଁ କିଟ୍ ବଦନାମ୍

ଭୁବନେଶ୍ୱର, ୧୮/୨: ଲଗାମ ଛଡ଼ା କିଟ୍‌ର କିଛି ଛାତ୍ରଛାତ୍ରୀ ! କର୍ତ୍ତୃପକ୍ଷଙ୍କ ବି ନାହିଁ ନିଘା ! ଏମିତି କିଛି ପିଲା ଅଛନ୍ତି ସେମାନଙ୍କୁ ଘାରୁଛି ପ୍ରେମ । ସ୍ଥାନୀୟ ଲୋକଙ୍କ ଅଭିଯୋଗ, ସଂଧ୍ୟା ହେଲେ ରାସ୍ତାରେ ପରିବାର ସହ ଯାଇହେଉନି । କିଟ୍ କ୍ୟାମ୍ପସ ନିକଟରେ ନିଶା କାରବାର ହେଉଥିବାର ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଛି । ପୋଲିସ୍ ଅନେକ ଥର ରେଡ୍ ବି କରିଛି । ବେଳେ ବେଳେ କିଛି ପିଲାଙ୍କୁ ବି ଧରିଛି । ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୋଧହୁଏ କିଛି ବି କଟକଣା କିଟ୍ କର୍ତ୍ତୃପକ୍ଷଙ୍କର ଥିବା ସ୍ଥାନୀୟ ଲୋକମାନେ ଅନୁଭବ କରିପାରୁନାହାନ୍ତି । ତେବେ ସେମାନେ କହୁଛନ୍ତି, ଆମେ କହିପାରୁନୁ କି ସହିପାରୁନୁ । ଏବେ ଯାଇଛି ଜଣେ ନେପାଳୀ ଛାତ୍ରୀଙ୍କ ଜୀବନ । ପ୍ରେମ ନିଶା ଗଳାରେ ଫାଶ ସାଜି ଜୀବନ ନେଇଛି । ଏହି ଘଟଣାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ଦେଖାଦେବାରୁ ହଜାରରୁ ଅଧିକ ନେପାଳୀ ଛାତ୍ରଛାତ୍ରୀଙ୍କୁ ସମୂହ ସସ୍ପେଣ୍ଡ କରିଥିଲା କିଟ୍ ବିଶ୍ୱବିଦ୍ୟାଳୟ। ଏହି ଘଟଣା ଏବେ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଥିବା ଅନେକ ମତ ଦେଉଛନ୍ତି । ପ୍ରେମ ବ୍ୟାପାରକୁ ନେଇ ଜୀବନ ହାରିଛନ୍ତି ନେପାଳର ଜଣେ ଛାତ୍ରୀ । ଧୋକାବାଜ୍ ପ୍ରେମିକ, ଛାତ୍ରୀଙ୍କ ସହ କିଛି ଅନ୍ତରଙ୍ଗ ସମୟ ବିତାଇବା ପରେ ଭିଡିଓ ଭାଇରାଲ କରିଥିବା ଅଭିଯୋଗ ହୋଇଛି । ଫଳରେ ଜୀବନ ହାରିଛନ୍ତି ଛାତ୍ରୀ । କୁହାଯାଉଛି, ପ୍ରେମିକ ଜଣକ ସେହି କ୍ୟାମ୍ପସର ଛାତ୍ର। ନିଶା କରବାର ନେଇ ତାଙ୍କ ନାଁରେ ରହିଛି ବହୁ ଅଭିଯୋଗ । ପ୍ରେମିକର ଟାର୍ଗେଟ୍‌ରେ ରହୁଥିଲେ ନୂଆ ନୂଆ ଝିଅ । ସେମାନଙ୍କୁ ଫସାଇ ତାଙ୍କ ମାଧ୍ୟମରେ ନିଶା କାରବାର କରୁଥିବା ଅଭିଯୋଗ ରହିଛି ପ୍ରେମିକ ନାଁରେ । ସେପଟେ ପ୍ରେମିକା ପଞ୍ଜିକା ଏବେ ପୋଲିସ ହାତରେ ଲାଗିଛି । ମୃତ ଛାତ୍ରୀଙ୍କ ମୋବାଇଲ୍, ଲାପଟପ୍ ଏବଂ କିଛି ଡିଜିଟାଲ ପ୍ରମାଣପତ୍ରରୁ ଧରାପଡ଼ିଛି ପ୍ରେମିକର କାରବାର । ଆଉ ଏବେ ପୋଲିସ କରୁଛି ପୁଙ୍ଖାନୁପୁଙ୍ଖ ତଦନ୍ତ। ପିଲାମାନଙ୍କ ଭବିଷ୍ୟତ ଗଢ଼ିବାକୁ ବାପା ମା' କିଟ୍ ଉପରେ ଭରସା ରଖିଛନ୍ତି । ପାଣି ପରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଛାତ୍ରଛାତ୍ରୀଙ୍କୁ ଘାରୁଛି ଡ୍ରଗ୍ସ ଓ ପ୍ରେମ ନିଶା । ଏବେ ଗୋଟିଏ ଛାତ୍ରୀଙ୍କ ଜୀବନ ଚାଲିଗଲା ତା' ନୁହେଁ ବିଗତ ଦିନରେ ଏଭଳି ସଂଗୀନ ଅଭିଯୋଗ ଆସିଛି କିଟ୍ ବିରୋଧରେ । ହେଲେ ଏତେ ବଡ଼ ଅନ୍ତର୍ଜାତୀୟ ସ୍ତରର ଅନୁଷ୍ଠାନର ହଷ୍ଟେଲରେ SOP ରହିଛି କି ନାହିଁ ତା' ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି । ଏ ସଂପର୍କରେ କିଟ କର୍ତ୍ତୃପକ୍ଷ କି ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

## ସଂକଳ୍ପ ପଦଯାତ୍ରାକୁ ବିପୁଳ ଜନସମର୍ଥନ

ଭୁବନେଶ୍ୱର, ୧୮/୨: ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ନବନିଯୁକ୍ତ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ହଜାର ହଜାର ସଂଖ୍ୟାରେ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ଶୁଭେଚ୍ଛୁମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଶଙ୍ଖ, ହୁଳହୁଳି, ଓଡ଼ିଶୀ ନୃତ୍ୟ ଏବଂ ଆଧାତ୍ମିକ ପରିବେଶରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସଂକଳ୍ପ ପଦଯାତ୍ରା କମିଟି ଅଧକ୍ଷ ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କଂଗ୍ରେସ କର୍ମୀମାନେ ଶ୍ରୀ ଭକ୍ତ ଦାସଙ୍କୁ ସ୍ୱାଗତ କରିଥିଲେ । ବିଜୁପଟ୍ଟନାୟକ ବିମାନ ବନ୍ଦର ଠାରୁ ଶିଶୁ ଭବନ ଛକ ଦେଇ ରାଜମହଲ ଛକ, କଳ୍ପନା ଛକ, ବିଜେବି କଲେଜ ଛକ, ସାମନ୍ତାପୁର ଛକ, ଉତରାଛକ ସମେତ ବିଭିନ୍ନ ପ୍ରମୁଖ ସ୍ଥାନରେ କଂଗ୍ରେସ ନେତା ଓ କର୍ମୀମାନେ ଶ୍ରୀ ଦାସଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଶିଶୁ ଭବନ ଛକ ଠାରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ସି.ଏସ୍. ରାଜନ ଏକ୍କା, ସୋଫିଆ ଫିରଦୋଷ, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗ, ଅଶୋକ ଦାସ, ଅପାଲ୍ଲ ସ୍ୱାମୀ କାଡ୍ରାକା ପ୍ରମୁଖ ବିଧାୟକ ମାନେ ଶ୍ରୀ ଦାସଙ୍କୁ ସ୍ୱାଗତ ଜଣାଇବା ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ । ଭୁବନେଶ୍ୱର କୋର୍ଟ ସାମ୍ମୁଖରେ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନଜୀବିମାନେ ଶ୍ରୀଯୁକ୍ତ ଦାସଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସାମନ୍ତାପୁର ଛକରେ ଏକାମ୍ର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଚମ୍ପତିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁମାନେ ନବନିଯୁକ୍ତି ପିସିସି ସଭାପତି ଶ୍ରୀଦାସଙ୍କୁ ସ୍ୱାଗତ କରିଥିଲେ । ସେହିପରି ଲିଙ୍ଗିପୁର ଛକ ପୂର୍ବରୁ ଶତାଧିକ ସାଧାରଣ ଜନତା ସଂକଳ୍ପ ଯାତ୍ରାକୁ ସମର୍ଥନ ଜଣାଇ ପଦଯାତ୍ରାରେ ସାମିଲ ହୋଇଥିଲେ । ଅପରାହ୍ନ ୩ ଘଟିକାରେ ସଂକଳ୍ପ ପଦଯାତ୍ରା ଲିଙ୍ଗିପୁର



ଠାରେ ପହଂଚିଥିଲା । ମଧ୍ୟାହ୍ନ ଭୋଜନ ପରେ ଚିତ୍ରକୁଣ୍ଡାର ମାନନୀୟ ବିଧାୟକ ଶ୍ରୀଯୁକ୍ତ ମଙ୍ଗୁ ଖିଲଙ୍କ ନେତୃତ୍ୱରେ ନବରଙ୍ଗପୁରର ପ୍ରାକ୍ତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଅଖିଳ ଭତ୍ରା ବିଜେଡ଼ି ଦଳ ଛାଡ଼ି ପିସିସି ସଭାପତି ଶ୍ରୀଯୁକ୍ତ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି କଂଗ୍ରେସ ଦଳରେ ବିଧିବଧ ଭାବରେ ଯୋଗ ଦେଇଥିଲେ । ହଜାର ହଜାର ସଂଖ୍ୟାରେ ପଦଯାତ୍ରୀମାନେ ମଧ୍ୟାହ୍ନ ଭୋଜନ ସାରି ପୁନଃର୍ବାର ଅପରାହ୍ନ ୫ ଘଟିକା ସମୟରେ ପିପିଲି ଅଭିମୁଖେ ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଥିଲେ । ପିସିସି ସଭାପତିଙ୍କ ସହ ବରିଷ୍ଠ ବିଧାୟକ ଶ୍ରୀଯୁକ୍ତ ତାରାପ୍ରସାଦ ବାହିନିପତି ସଂକଳ୍ପ ପଦଯାତ୍ରାରେ ସାମିଲ ହୋଇଥିଲେ । ଉତରାଛକ ଠାରେ ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ ନବନିଯୁକ୍ତ ପିସିସି ସଭାପତିଙ୍କୁ ସ୍ୱାଗତ କରିଥିଲେ । ପିପିଲି ନିର୍ବାଚନ ଆରମ୍ଭ ପୂର୍ବରୁ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ମାନସ ଆଚାର୍ଯ୍ୟ, ଜ୍ଞାନ ରଞ୍ଜନ ପଟ୍ଟନାୟକ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ନିରୁପମା ପାତ୍ର, ପିପିଲ ପଂଚାୟତ ସମିତିର ପୂର୍ବତନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ୫୦୦ ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଶ୍ରୀଯୁକ୍ତ ଦାସଙ୍କ ଭବ୍ୟ ସମ୍ବର୍ଦ୍ଧନ କରିଥିଲେ । ଏହି ସଂକଳ୍ପ ପଦଯାତ୍ରା ୩ ଦିନ ଧରି ଚାଲିବ । ଭୁବନେଶ୍ୱର ବିମାନ ବନ୍ଦରରୁ ଆଜି ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇ ପିପିଲିରେ ରାତ୍ର ୮.୩୦ ମିନିଟ୍ ଘଟିକାରେ ପହଂଚିଥିଲା । ପିପିଲି ବଜାରରେ ସାଧାରଣ ଜନତା ଓ ବ୍ୟବସାୟ ସଂଘର ବହୁ କର୍ମକର୍ତା ରୁଣ୍ଡ ହୋଇ ବିରାଟ ପଟୁଆରକୁ ହାତ ହଲେଇ ସ୍ୱାଗତ କରିଥିଲେ । ସଂକଳ୍ପ ପଦଯାତ୍ରୀମାନେ ପିପିଲ ହାଟ ବଜାର କଲ୍ୟାଣ ମଣ୍ଡପ ଠାରେ ରାତ୍ରୀ ଯାପନ କରିବେ । ଶ୍ରୀଯୁକ୍ତ ଦାସ ଉତରାଛକ ଠାରେ ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଫଳ ବଂଟନ କରିଥିଲେ । ଆସନ୍ତାକାଲି ସକାଳ ୮.୩୦ ମିନିଟ୍ ?ରେ ପୁନଶ୍ଚ ପିପିଲିରୁ ଦ୍ୱିତୀୟ ଦିବସ ସଂକଳ୍ପ ପଦଯାତ୍ରା ଆରମ୍ଭ ହେବ । ଏହି ବିଶାଳ ସଂକଳ୍ପ ଯାତ୍ରା ପାଇଁ କଂଗ୍ରେସ ପ୍ରେମୀ, କଂଗ୍ରେସ କର୍ମୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି । ଗଣମାଧ୍ୟମକୁ ସମ୍ବୋଧିତ କରି ନବନିଯୁକ୍ତ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶା ପାଇଁ ନୂଆ ଏକ ଅଧ୍ୟାୟ ଆରମ୍ଭ ହୋଇଛି । ସଂପୂର୍ଣ୍ଣ ଶକ୍ତିର ସହ କଂଗ୍ରେସ ଆଗକୁ ବଢ଼ିବ । ଓଡ଼ିଶାକୁ କଂଗ୍ରେସ ସରକାର ଫେରାଇ ଆଣିବା ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀ ପ୍ରୟାସ କରିବେ ଓ ନିୟମିତ ଭାବେ ଜନସାଧାରଣଙ୍କ ସୁଖ ଦୁଃଖରେ ଦଳ ପହଂଚିବ ।

## ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ରେଡ

ଭୁବନେଶ୍ୱର, ୧୮/୨: ବାଲେଶ୍ୱର ଜିଲ୍ଲା ଭୋଗରାଇର ସହୋରିଆ ପଞ୍ଚାୟତ ଅଧୀନ ନରସିଂହପୁର ଗାଁରେ ଆଜି ମଙ୍ଗଳବାର ସିବିଆଇର ୪ଜଣିଆ ଟିମ୍ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ପୈତୃକ ବାସଭବନରେ ତନଖି କରିବା ସହ ଭୁବନେଶ୍ୱର ସରକାରୀ ବାସଭବନ ଚଢ଼ାଉ କରିଥିବା ଖବର ମିଳିଛି। ଆଜି ସକାଳ ୬ଟା ୩୦ ମି ସମୟରେ ଏକ ୪ ଜଣିଆ ଟିମ ଆସି ନରସିଂହପୁର ବାସଭବନରେ ରହୁଥିବା ଜଣେ ବୃଦ୍ଧ ଓ ବୃଦ୍ଧାଙ୍କ ସହ ଭିତରୁ କବାଟ କିଳି କଣ ତଦନ୍ତ ଓ ଯାଞ୍ଚ କରିଛନ୍ତି ଜଣାପଡ଼ିନାହିଁ। ତଦନ୍ତ କାରୀଦଳଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନି ଲିଙ୍କ୍‌କୁ ନେଇ ଖୋଳତାଡ଼ ପାଇଁ ବିଷ୍ଣୁପଦ ସେଠୀଙ୍କ ସରକାରୀ ବାସଭବନରେ ଚଢ଼ାଉ କରାଯାଉଛି ବୋଲି ଜଣାପଡ଼ିଛି । ବାଲେଶ୍ୱର ଜିଲ୍ଲା ଭୋଗରାଇର ସହୋରିଆ ପଞ୍ଚାୟତ ଅଧୀନ ନରସିଂହପୁର ଗାଁରେ ଆଜି ମଙ୍ଗଳବାର ସିବିଆଇର ୪ଜଣିଆ ଟିମ୍ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ପୈତୃକ ବାସଭବନରେ ତନଖି କରିବା ସହ ଭୁବନେଶ୍ୱର ସରକାରୀ ବାସଭବନ ଚଢ଼ାଉ କରିଥିବା ଖବର ମିଳିଛି। ଆଜି ସକାଳ ୬ଟା ୩୦ମି ସମୟରେ ଏକ ୪ ଜଣିଆ ଟିମ୍ ଆସି ନରସିଂହପୁର ବାସଭବନରେ ରହୁଥିବା ଜଣେ ବୃଦ୍ଧ ଓ ବୃଦ୍ଧାଙ୍କ ସହ ଭିତରୁ କବାଟ କିଳି କଣ ତଦନ୍ତ ଓ ଯାଞ୍ଚ କରୁଛନ୍ତି ଜଣାପଡ଼ିନାହିଁ। ତଦନ୍ତକାରୀ ଦଳଠାରୁ କିଛି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନି ଲିଙ୍କ୍‌କୁ ନେଇ ଖୋଳତାଡ଼ ପାଇଁ ବିଷ୍ଣୁପଦ ସେଠୀଙ୍କ ସରକାରୀ ବାସଭବନରେ ଚଢ଼ାଉ କରାଯାଉଛି ବୋଲି ଜଣାପଡ଼ିଛି । ସୂଚନା ଥାଉକି, ଦେଢ଼ କୋଟି ଟଙ୍କାର ଡିଲ ପାଇଁ ୧୦ ଲକ୍ଷର ଲାଞ୍ଚ କାରବାର ନେଇ ଡିସେମ୍ବର ୬ରେ ମେ ଫେୟାର ସାମ୍ନାରେ ଏକ ଦାମୀ କାରରେ ରେଡ୍ ମାରିଥିଲା ଦିଲ୍ଲୀ ସିବିଆଇ। ବ୍ରିଜ ଏଣ୍ଡ ରୁଫ କନ୍‌ଷ୍ଟ୍ରକ୍ସନ କର୍ପୋରେସନ ଲିମିଟେଡରେ ବି ତନାଘନା କରିଥିଲା ସିବିଆଇ। ଏମିତିକି ମାମଲାରେ ତିନି ଜଣଙ୍କୁ ନିଜ ହେପାଜତରେ ନେଇଛି ସିବିଆଇ। ବ୍ରିଜ ଆଣ୍ଡ ରୁଫ କମ୍ପାନିର ଓଡ଼ିଶା ପଶ୍ଚିମବଙ୍ଗ ଶାଖା ମୁଖ୍ୟ ଚଞ୍ଚଲ୍ ମୁଖାର୍ଜୀ, ବରିଷ୍ଠ ଅଧିକାରୀ ସନ୍ତୋଷ ମହାରଣା, ଓଡିଶାର ଜଣେ ନାମୀ ଠିକାଦାର ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ଅଧିକାରୀ ମାରାଥନ ଜେରା କରିଥିଲା । ପରେ ପ୍ରଥମ ପର୍ଯ୍ୟାୟରେ ୩ ଦିନିଆ ରିମାଣ୍ଡ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ରିମାଣ୍ଡ ନେଇଥିଲା ସିବିଆଇ। ବ୍ରିଜ ଆଣ୍ଡ ରୁଫ କମ୍ପାନୀର ଓଡ଼ିଶା ପଶ୍ଚିମବଙ୍ଗ ଶାଖା ମୁଖ୍ୟ ଚଞ୍ଚଲ୍ ମୁଖାର୍ଜୀଙ୍କ ସହ ଆଇଏଏସ ବିଷ୍ଣୁ ପଡ଼ ସେଠୀଙ୍କ ଲିଙ୍କ ସାମ୍ନାକୁ ଆସିଥିଲା। ଆଇଏଏସ ବିଷ୍ଣୁ ପଦ ସେଠୀଙ୍କ ଡ୍ରାଇଭର ଅଫିସ କର୍ମଚାରୀ, କେୟାର ଟେକର କୁ ଜେରା କରିଥିଲା ସିବିଆଇ। ରିମାଣ୍ଡ ସମୟରେ ଅନେକ ତଥ୍ୟ, ଲାଞ୍ଚ କାରବାର, ଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଲାଗିଥିଲା ସିବିଆଇ ହାତରେ। ରିମାଣ୍ଡ ସମୟରେ ସମ୍ପୃକ୍ତ କମ୍ପାନୀ କୋଟି କୋଟି ଟଙ୍କାର ହେରଫେର ସହ ଟେଣ୍ଡର ଫିକ୍ସିଂ, ଦୁର୍ନୀତି ବଡ଼ ବଡ଼ ବାବୁଙ୍କ ମଧୁ ଚନ୍ଦ୍ରିକା ସାମ୍ନାକୁ ଆସିଥିଲା । ଟେଣ୍ଡର ଫିକ୍ସିଂଙ୍ଗ ପାଇଁ ବିଲ୍ଡର୍ସ ସଂସ୍ଥା ଠୁ କୋଟିକୋଟି ଟଙ୍କା ପିସି କାରବାର ହେଉଥିଲା।



# ମାର୍ଥା କପ୍ କ୍ରିକେଟ ଟୁର୍ନାମେଣ୍ଟ, ଗୁରୁଜଙ୍ଗ ଚାମ୍ପିୟନ




ବେଗୁନିଆ, ୧୮/୨ (ନି.ପ୍ର): ଲିଙ୍ଗରାଜ କ୍ରିକେଟ ଏକାଡେମୀ ଏବଂ ନବଜ୍ୟୋତି ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ଚାଲିଥିବା ମାର୍ଥା କପ୍ ଉଦ୍‌ଯାପିତ ହୋଇଛି । ଗୁରୁଜଙ୍ଗ ଟିମ ଚମ୍ପିୟାନ ହୋଇଛି । ଗୁରୁଜଙ୍ଗ ଏବଂ ଅଠରାଙ୍ଗ ମଧ୍ୟ ରେ ଫାଇନାଲ ମ୍ୟାଚ ହୋଇଥିଲା । ପ୍ରଥମ ଟସ୍ ଜିତି ଗୁରୁଜଙ୍ଗ ନିର୍ଦ୍ଧାରିତ ୧୨ଓଭର ରେ ୨୩୩ ରନ କରିଥିଲା ଦଳ ପକ୍ଷରୁ M. S. Mahadip ୨୫ବଲ ରେ ୮୫ରନ କରିଥିଲେ ଅଠରାଙ୍ଗ ଦଳ ତରଫରୁ ସରୋଜ ମଙ୍ଗରାଜ ଏବଂ ସଞ୍ଜୟ ଚମ୍ପତି ୨ଟି ଲେଖାଏଁ ୱିକେଟ ନେଇଥିଲେ ।

ଜବାବ ରେ ଅଠରାଙ୍ଗ ଦଳ ୧୭୮ରନ କରିଥିଲା । ଅଠରାଙ୍ଗ ଦଳ ତରଫରୁ ପ୍ରବୀଣ ମହାପାତ୍ର ୫୩ରନ ଏବଂ ଅକ୍ଷୟ ବେହେରା ୩୪ରନ କରିଥିଲେ । ବିଜୟୀ ଦଳର M. S. Mahadipଙ୍କୁ ମ୍ୟାନ ଅ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଗଲା । ଏହି ଟୁର୍ନାମେଣ୍ଟ ରେ ଗୁରୁଜଙ୍ଗ ଦଳ ର ବେଷ୍ଟ ବୋଲର ଅସିତ ପରିଡା ଏବଂ ବେଷ୍ଟ ବ୍ୟାଟ୍ସ ମ୍ୟାନ ସୁଜିତ ବିବେଚିତ ହେଲେ ଏବଂ ମ୍ୟାନ ଅଫ ଦି ସିରଜ ପ୍ରବୀଣ ମହାପାତ୍ର ବେଷ୍ଟ ୱିକେଟ କିପରଭାବେ ଜୟନ୍ତ କୁମାର ମାର୍ଥା ପୁରସ୍କାର ପାଇଲେ ।

ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ବୋଲଗଡ ବିଧାୟକ ପ୍ରଦୀପ କୁମାର ସାହୁ, ଓ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦଳାଇ ଓ ସ୍ଥାନୀୟ ସମିତି ସଭ୍ୟ ଭରତ ଚରଣ ଛୋଟରାୟ ଓ ଲିଙ୍ଗରାଜ କ୍ରିକେଟ ଏକାଡେମୀ ର ସଭାପତି ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଂ ବନ ବିହାରୀ ମହାପାତ୍ର, ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର, ସମାଜ ସେବୀ ଶ୍ରୀନିବାସ ବାଘସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାନସ ବେହେରା ଓ ଶ୍ରୀବତ୍ସ ମହାପାତ୍ର ଖେଳକୁ ପରିଚାଳନା କରିଥିଲେ । ଲିଙ୍ଗରାଜ କ୍ରିକେଟ ଏକାଡେମୀ ର ସମ୍ପାଦକ ଜୟନ୍ତ କୁମାର ମାର୍ଥା ଧନ୍ୟବାଦ ଦେଇଥିଲେ ।

# ନିୟମଗିରିରେ ଲେଲିନଙ୍କ ବିରୁଦ୍ଧରେ ଲାଗିଲା ପୋଷ୍ଟର

## ନିୟମରାଜା ପର୍ବର ଆୟୋଜନ କରୁଛି କିଏ ବୋଲି ପ୍ରଶ୍ନ ?

କଲ୍ୟାଣସିଂହପୁର, ୧୮/୨ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତ ନିୟମଗିରିର ନିୟମରାଜା ପର୍ବ ୨୧, ୨୨, ୨୩ ତିନି ଦିନ ଧରି ପାଳନ ନିମନ୍ତେ ଡ଼ଙ୍ଗରିଆ କନ୍ଧ ବସବାସ କରୁଥିବା ପାହାଡ଼ରେ ଜର୍ଦାର ପ୍ରସ୍ତୁତି ଚାଲିଥିବା ବେଳେ ନିୟମରାଜା ପର୍ବରେ ଆୟୋଜନ କୁ ନେଇ ପ୍ରଚାର ଓ ପ୍ରସାର ଚାଲିଛି । ଉକ୍ତ ପର୍ବକୁ ନେଇ କିଛି ପଷ୍ଟର ନିୟମଗିରି ଅଞ୍ଚଳରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି । ବ୍ଲକ ର ନିୟମଗିରି ଅଞ୍ଚଳରେ ଲାଗିଥିବା ଏହି ପଷ୍ଟର ରେ ପର୍ବ ର ଆୟୋଜନ ଏବଂ ଆୟୋଜକ ଙ୍କୁ ନେଇ ପ୍ରଶ୍ନ ଉଠାଯାଇଛି । ସଚେତନ ଡ଼ଙ୍ଗରିଆ ମଞ୍ଚ ନିୟମଗିରି ସୁରକ୍ଷା ସମିତି ନାଁରେ ଲାଗିଥିବା ପଷ୍ଟର ରେ ପର୍ବ ର ପୂଜା କାର୍ଯ୍ୟ କିଏ କରୁଛନ୍ତି ଜଣାପଡୁନାହିଁ ନିୟମଗିରି ସୁରକ୍ଷା ପାଇଁ ଯେଉଁମାନେ ନିଜର ଝାଳ,ରକ୍ତ ଦେଉଥିଲେ ସେମାନେ କୁଆଡେ ଗଲେ । ବାହାରରୁ ଆସିଥିବା ଲେଲିନ ରାୟ କେମିତି ଆଦିବାସୀ ପରମ୍ପରା ଓ ସଂସ୍କୃତି ର ମୁଖ୍ୟ ହୋଇଗଲେ ବୋଲି ପଷ୍ଟର ରେ ଉଲେଖ କରାଯାଇଛି । ଲେଲିନ ନିୟମଗିରି ଆନ୍ଦୋଳନ କୁ ପତଗାମୀ କରିବା ସହ ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକା ଙ୍କୁ ଖରାପ ରାସ୍ତାରେ ପରିଚାଳିତ କରୁଛନ୍ତି । ଡ଼ଙ୍ଗରିଆ ଙ୍କୁ ବିରଧୀ କରାଇବା କାର୍ଯ୍ୟ କରୁଛନ୍ତି ବୋଲି ମଧ୍ୟ ପଷ୍ଟର ରେ ଉଲେଖ ହୋଇଛି । ନିୟମଗିରି ଆନ୍ଦୋଳନ ର ମୁଖ୍ୟ ଲିଙ୍ଗରାଜ ଆଜାଦ ଙ୍କୁ ଅଣଦେଖା କରି ସମସ୍ତେ କେମିତି ଭୁଲିଗଲେ । ଆଦିମ ଯୁଗରୁ ଚାଲି ଆସୁଥିବା ଆମ ପର୍ବ ପରମ୍ପରା ର ତାରିଖ କେମିତି ବଦଳାଇ ଦିଆଗଲା ବୋଲି ମଧ୍ୟ ପ୍ରଶ୍ନ କରାଯାଇଛି । ପର୍ବ ପୂର୍ବରୁ ବୈଠକ ହୋଇ ତାଲିକା ପୃଷ୍ତୁତ ହେବା କଥା କିନ୍ତୁ ତାଲିକା ପ୍ରସ୍ତୁତି ହୋଇ ପ୍ରଚାର ଆରମ୍ଭ ହୋଇଛି ଚାନ୍ଦା ପାଇଁ ଧମକ ମଧ୍ୟ ଦିଆଯାଉଛି । ଆମ ଆଦିବାସୀ ପର୍ବରେ ଅନ୍ୟର ହସ୍ତକ୍ଷେପ ବରଦସ୍ତ କରାଯିବ ନାହିଁ । ଡ଼ଙ୍ଗରିଆ ଭାଇ ଭଉଣୀ ଙ୍କୁ ଅନୁରୋଧ ଫେବୃଆରୀ ୨୧ ତାରିଖରେ ହେବାକୁ ଥିବା ପର୍ବ କୁ ସମସ୍ତେ ବର୍ଜନ କରନ୍ତୁ ଫେବୃଆରୀ ୨୮ ତାରିଖରେ ପୂର୍ବ ଭଳି ଆମ ପରମ୍ପରା, ରିୟିନୀତି ଅନୁଯାଇ ପର୍ବ ପାଳନ କରାଯାଉ ବୋଲି ଆହ୍ୱାନ ଦିଆଯାଇଛି । ସୁଖ ଦୁଃଖର ସାଥି ଲିଙ୍ଗରାଜ ଆଜାଦ ଙ୍କୁ ସମ୍ମାନ ର ସହ ହେବାକୁ ଥିବା ପର୍ବକୁ ଡକାଯାଉ ମଦୁଆ,ଲମ୍ପଟ, ମିଛୁଆ,ଲାଞ୍ଚୁଆ,ଆମ ପରମ୍ପରା ନଷ୍ଟ କରୁଥିବା ଲେଲିନ ରାୟ ଙ୍କୁ ନିୟମଗିରି ଠାରୁ ବିଦା କରାଯାଉ ବୋଲି ପଷ୍ଟର ରେ ଉଲେଖ କରାଯାଇଛି ।ନିୟମରାଜା ଙ୍କ ପର୍ବ ପାଳନ ପୂର୍ବରୁ ଏଭଳି ପଷ୍ଟର ଲାଗିବାରୁ ଅଞ୍ଚଳରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି ।

# ଜୟଦେବ ଭବନ ଠାରେ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହେଲେ ସମାଜସେବୀ କ୍ଷୀରୋଦ ସାହୁ

ତାଳଚେର୧୮/୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ୫ମ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ତାଳଚେର ସମାଜସେବୀ କ୍ଷୀରୋଦ ସାହୁଙ୍କ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ମାନିତ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଏନୟୁଜେ ର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁରେଶ କୁମାର ଶର୍ମା, ସାମ୍ବାଦିକ ରାଜାରାମ ଶତପଥୀ, ପାଲଲହାଡା ବିଧାୟକ ଅଶୋକ କୁମାର ମହାନ୍ତି, ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ଭୁବନେଶ୍ୱର ମହାନଗରର ମେୟର ସୁଲୋଚନା ଦାସ, ଜାତୀୟ ସମ୍ପାଦକ ବବୁଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।




# ମିଲର୍ସ ଓ ଖଣି ଅଧିକାରୀଙ୍କ ମଧୁଚନ୍ଦ୍ରିକା

## ରାଜସ୍ୱ ହରାଉଛି ରାଜ୍ୟ ସରକାର,ଉଚ୍ଚସ୍ତରୀୟ ତଦନ୍ତ ଦାବି

ଜୁନାଗଡ଼, ୧୮/୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା, ଜୁନାଗଡ ତହସିଲ ବଲରାମପୁର ମୌଜା ଅନ୍ତର୍ଗତ ହିତେଶ ଅଗ୍ରୱାଲ ନାମରେ ଥିବା ଖାତା ନଂ ୧୧୦/୩୬, ପ୍ଲଟ୍ ନଂ ୧୦୦୫, ୧୦୦୬,୧୦୦୨, ୧୦୦୩,୧୦୦୪ ର ମୋଟ୍ ରକବା ୫.୯୯ ଏକର ଜମିରେ ରେ ଗତ ଦୁଇ ମାସ ଧରି ଏକ ରାଇସ ମିଲ୍ ନିର୍ମାଣଧିନ ଅଛି ।



ଏଥି ସକାଶେ ଉକ୍ତ ଜମିକୁ ସମତୁଲ କରିବା ପାଇଁ ପ୍ରାୟ ୧୫୦୦ ହାଇୱା ମାଟି ପକାଯାଇଥିବା ଦେଖିବାକୁ ମିଳୁଛି । ଏହା ସ୍ଥାନୀୟ ତିନି ଗୋଟି ପ୍ଲଟ ମୌଜା ବଲରାମପୁର ଖାତା ନଂ ୧୨,ପ୍ଲଟ ନଂ-୮୭୮, ମୌଜା ରତନପଲା ଖାତା ନଂ ୧୧, ପ୍ଲଟ ନମ୍ବର ୮୭୬,ଖାତା ନଂ ୩୫,ପ୍ଲଟ ନଂ ୩୦୦ ରୁ ମାଟି ଉତ୍ତୋଳନ କରି ରାଇସ ମିଲ ଜମି ରେ ପକା ଯାଉଥିବା ସୂଚନା ମିଳୁଛି । ସରକାର ଙ୍କ ନିୟମ ଅନୁସାରେ ୩ ଫୁଟ୍ ତଳକୁ ଯଦି ମାଟି ଖନନ କରାଯାଏ ତେବେ, ଖଣି ବିଭାଗ ର ଅନୁମତି ନେଇ ରୟାଲ୍ଟି ପୈଠ କରି ମାଟି ଉତ୍ତୋଳନ କରିବାର ନିୟମ ଅଛି । ତେବେ ଏ କ୍ଷେତ୍ର ରେ ଖଣି ବିଭାଗ ରେ ଥିବା ଅଧିକାରୀ ଓ ମିଲ ମାଲିକ ଙ୍କ ଆପୋସ ବୁଝାମଣା ରେ ଏବଂ କିଛି ହାତଗୁଞ୍ଜା ନେଇ ବିନା ରୟାଲ୍ଟି ରେ ମାଟି ଖନନ କରୁଥିବା ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ହେଉଛି । ଏହା ଦ୍ୱାରା ସରକାର ଙ୍କ ରାଜସ୍ୱ ହାନି ହେଉଥିବା ଅଭିଯୋଗ ହେଉଛି । ଏ ନେଇ ଖଣି ବିଭାଗ ଜିଲ୍ଲା ଉପ ନିର୍ଦ୍ଦେଶକ ବିଶ୍ୱନାଥ ସୁରେନ୍ ଙ୍କୁ ପଚାରିବାରୁ ସେ ରୋୟାଲ୍ଟି ବିଷୟରେ ସଠିକ୍ ସୂଚନା ଦେଇ ପାରିନଥିଲେ । ତେଣୁ ,ଏହା ଅବହେଳା କିମ୍ବା ଜାଣି ଶୁଣି ରାଜସ୍ୱ ଫାଙ୍କି ହୋଇଛି । ତାହା ସ୍ପଷ୍ଟ କରିବା ପାଇଁ ସ୍ଥାନୀୟ ଲୋକେ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରିଛନ୍ତି । ତଦନ୍ତ ହେଲେ ମିଲର୍ସ ଓ ଅଧିକାରୀ ଙ୍କ ଗୋପନ ସମ୍ପର୍କ ସ୍ପଷ୍ଟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ରାଜ୍ୟସ୍ତରୀୟ ଜୁନିଅର ରେଡକ୍ରସ୍ ଶିବିରରେ ମା ହୀଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟ ଲୁହାମୁଣ୍ଡା ଅଂଶଗ୍ରହଣ

ଆଠମଲ୍ଲିକ ୧୮/୨ (ନି.ପ୍ର): ରାଜ୍ୟସ୍ତରୀୟ ଜୁନିଅର ରେଡକ୍ରସ ଶିକ୍ଷା ତଥା ତାଲିମ୍ ଶିବିର ନୀଳାଚଳ ପଲିଟେକନିକ୍, ଶିଖରଚଣ୍ଡୀ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିର ଫେବୃୟାରୀ ୩ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୭ତାରିଖ ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ରାଜ୍ୟର ୩୦ଟି ଜିଲ୍ଲାରୁ ୪୬୦ଜଣ ଜୁନିଅର୍ ଯୋଗ ଦେଇଥିଲେ । ଏହି ଶିବିରରେ ଅନୁଗୋଳ ଜିଲ୍ଲା ତରଫରୁ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଡି. ପି. ଇ.ଓ. ଭିକାରୀ ବନ୍ଧୁ ସାହୁଙ୍କ ନିର୍ଦ୍ଦେଶରେ ୧୨ଜଣ ଜୁନିଅର୍ ଯଥା ପୋକତୁଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟର ରାଜେନ୍ଦ୍ର ସାହୁ, ସୁମନ୍ ସାହୁ, ମା ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟ, ଲୁହାମୁଣ୍ଡା ର କୀର୍ତ୍ତିପୁଷ୍ପା ଦେହୁରୀ, ତୃପ୍ତିମୟୀ ରାଉଳ, ସ୍ୱାଗତିକା ମିଶ୍ର, ଶୁଭମ୍ କୁମାର ସାହୁ ଏଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଡ଼ିବନ୍ଧର ବବିତା ସାହୁ, ସୁଚିସ୍ମିତା ସାହୁ, ଦିବ୍ୟାଶ୍ରୀ ମିଶ୍ର, ମଧୁସ୍ମିତା ଦେବତା, ସୁଗନ୍ଧା ପ୍ରିୟଦର୍ଶିନୀ ବେହେରା , ସୋନାଲି ପରିଡ଼ାଙ୍କ ସହିତ ଜୁନିଅର୍ ରେଡକ୍ରସ ଅଫିସର୍ ପୋକତୁଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟର ଦୁର୍ଯ୍ୟୋଧନ ଗୁରୁ, କାଉନସିଲର ଭାବେ ମା ହିଙ୍ଗୁଳାଇ ଉଚ୍ଚ ବିଦ୍ୟାଳୟ, ଲୁହାମୁଣ୍ଡା ର ଅରୁଣ କୁମାର ସାହୁ, ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଡିବନ୍ଧର ହରିଶ୍ଚନ୍ଦ୍ର ବେହେରା ଓ ନର୍ମଦା ନାଏକ ଯୋଗ ଦେଇଥିଲେ । ଏହି ପାଞ୍ଚଦିନ ଶିବିରରେ ଶିବିରାର୍ଥି ମାନଙ୍କୁ ବିଭିନ୍ନ ବିଷୟରେ ଯଥା ରେଡକ୍ରସ୍ ଇତିହାସ, ରକ୍ତଦାନ, ଜଳବାୟୁ ପରିବର୍ତ୍ତନ, ଔଷଧୀୟ ବୃକ୍ଷରୋପଣ, ପ୍ରାଥମିକ ସହାୟତା, ସଡ଼କ ସୁରକ୍ଷା , ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା , ନିଶାନିବାରଣ ଓ ତମାଖୁ ମୁକ୍ତ ସମାଜ , ଏଡ୍ସ, ସାଇବର ସିକ୍ୟୁରିଟି ଉପରେ ତାଲିମ ଦିଆଯାଇଥିଲା ।ଅନୁଗୋଳ ଜିଲ୍ଲାର ଦୁର୍ଯ୍ୟୋଧନ ଗୁରୁ, ଅରୁଣ କୁମାର ସାହୁ ଓ ହରିଶ୍ଚନ୍ଦ୍ର ବେହେରା ରକ୍ତଦାନ ମଧ୍ୟ କରିଥିଲେ । ଜିଲ୍ଲାର ଜୁନିଅର୍ ମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଭାଗ ନେଇଥିଲେ । ଜିଲ୍ଲାର ହରିଶ୍ଚନ୍ଦ୍ର ବେହେରା ଅନଲାଇନ୍ ସାଇବର ସେକ୍ୟୁରିଟି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାର ଗୌରବ ବଢାଇ ଛନ୍ତି । ଡ଼ି . ପି. ଇ. ଓ. ମଧ୍ୟ ଶିବିରକୁ ଯାଇ ଜୁନିଅର୍ ମାନଙ୍କୁ ଉତ୍ସାହିତ କରିଥିଲେ ।




# ଗଞ୍ଜାମ ଜିଲ୍ଲା ନିଖିଳ ଉତ୍କଳ ଇପିଏଫ ପେନସନ ଧାରୀଙ୍କ ନୂତନ କର୍ମକର୍ତା ଚୟନ

ଆସିକା୧୮/୨ (ନି.ପ୍ର): -ନିଖିଳ ଉତ୍କଳ ଇପିଏଫ ପେନସନ ଆସୋସିଏସନର ଗଞ୍ଜାମ ଜିଲ୍ଲା ନୂତନ ଶାଖା ଗଠନ ସକାଶେ ଏକ ବୈଠକ ନଳବଣ୍ଟା ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ କମିଟି ସଭାପତି ତଥା ପୂର୍ବତନ ଇପିଏଫ କମିଶନର ସଞ୍ଜୟ କୁମାର ରଥ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ରାଜ୍ୟ କମିଟି ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ, ସଂଗଠନ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ସଂଯୋଜକ ରାଜକିଶୋର ସ୍ୱାଇଁ ଉପସଭାପତି ପ୍ରସନ୍ନ କୁମାର ଶତପଥୀ, ସହ ସମ୍ପାଦକ ଜୟକୃଷ୍ଣ ଜେନା କାର୍ଯ୍ୟକାରିଣୀ ସଭ୍ୟା ପ୍ରେମଲତା ଜୟସିଂ ପ୍ରମୁଖ ଉପସ୍ଥିତ ରହିଥିଲେ । ଆୟୋଜିତ ଏହି ସଭାରେ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଶତପଥୀ ଉପସ୍ଥିତ ସମସ୍ତ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟଙ୍କୁ ଓ ଶତାଧିକ ପେନସନ ଧାରିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟ ସମ୍ପାଦକ ନିଜ ଅବିଭାଷଣ ରେ ରାଜ୍ୟ ଇପି ଏଫ ପେନସନ ଧାରୀଙ୍କ ବିଭିନ୍ନ ସମସ୍ୟା ସର୍ବନିମ୍ନ ପେନସନ ବୃଦ୍ଧି ସହ ମାହାଙ୍ଗାଭତ୍ତା ପ୍ରଦାନ, ଉଚ୍ଚ ହାରରେ ପେନସନ ପାଇବାକୁ ଯୋଗ୍ୟ ପେନସନ ଧାରିଙ୍କୁ ଖୁବ ଶିଘ୍ର ସେମାନଙ୍କ ପେନସନ ପ୍ରଦାନ ଆଦି ବିଭିନ୍ନ ସମସ୍ୟା କୁ ସରକାର ଙ୍କ ନିକଟରେ ଉପସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ । ପରେ ରାଜ୍ୟ କାର୍ଯ୍ୟକାରିଣି କମିଟିର ଅନୁମୋଦନ କ୍ରମେ ଆସୋସିଏସନ୍ ?ର ଗଞ୍ଜାମ ଜିଲ୍ଲା ଶାଖା ଗଠନ କାରାଯାଇ ଜିଲ୍ଲା କାର୍ଯ୍ୟକାରିଣି କମିଟି ଗଠିତ ହେଲା । ସର୍ବସମ୍ମତି କ୍ରମେ ସର୍ବ ଶ୍ରୀ ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ଶତପଥି, ବିପ୍ରଚରଣ ଜେନା, ନାରାୟଣ ସାବତ, ବାଳକୃଷ୍ଣ ଦାସ, ଏ. ଗୋପି, ସିମାଞ୍ଚଳ ମହାନ୍ତି, ରବିନ୍ଦ୍ର ନାଥ ସାମନ୍ତରାୟ, ପ୍ରଶାନ୍ତ କୁମାର ଦାସ, ଗଜପତି ମହାନ୍ତି, ବାସୁ ସାହୁ, ଶିବରାମ ବିଶ୍ୱାଳ ଓ ଦିଲ୍ଲିପ ପଟ୍ଟନାୟକଙ୍କୁ ଯଥାକ୍ରମେ ଜିଲ୍ଲା କମିଟି ସଭାପତି, ସମ୍ପାଦକ , କାର୍ଯ୍ୟକାରୀ ସଭାପତି, ଉପସଭାପତି, ମହସମ୍ପାଦକ, ସଂଗଠନ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ଉପକୋଷାଧ୍ୟକ୍ଷ ଚୟନ କରାଯାଇ ରାଜ୍ୟ ସଭାପତିଙ୍କ ଦ୍ୱାରା ଘୋଷାଣା କରାଗଲା ଜିଲ୍ଲା କାର୍ଯ୍ୟାକାରିଣୀ କମିଟିର ସମସ୍ତ କାର୍ଯ୍ୟ ତଥା ସଦସ୍ୟ ମାନେ ଆସୋସିଏସନର ପଞ୍ଜିକୃତ ବାଇଲା ଅନୁଯାଇ କାର୍ଯ୍ୟ ପରିଚାଳନା କରିବାକୁ ଶପଥ ନେଇଥିଲେ ।ଶେଷରେ ନବଗଠିତ ଜିଲ୍ଲା କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କୁ ଧନ୍ୟବାଦ ପ୍ରସ୍ତାବ ପରେ ସଭାପତି ସଭାସାଙ୍ଗ ଘୋଷଣା କରିଥିଲେ ।



# ଜଟିଆ ଷ୍ଟିଲ,ଭିସିଆଇ କେମିକାଲ କାହା ସ୍ୱାର୍ଥରେ !

## ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ଉଭୟ

କଳିଙ୍ଗନଗର ୧୮/୨ (ନି.ପ୍ର): ସରକାର ଙ୍କ ନିକଟରେ କାରଖାନା ସ୍ଥାପନ କରିବା ପୂର୍ବରୁ ବଡ଼ ବଡ଼ କଥା କହିବା ସହିତ କିଛି ରାଜନୈତିକ ବ୍ୟକ୍ତିବିଶେଷ ଙ୍କୁ ହାତ କରିବା ପରେ କଳିଙ୍ଗନଗର ରେ ଇଡିକୋ ବିଭାଗ ରୁ ଏକର ଏକର ଜମିରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆସିଥିବା କାରଖାନା ମାନେ ସ୍ଥାନୀୟ ଅଞ୍ଚଳରେ ଥିବା ସାଧାରଣ ଲୋକଙ୍କୁ ଭୁଆଁ ବୁଲେଇବା ରେ ମାହାରୀ ବୋଲି କାରଖାନା ସ୍ଥାପନ ପରେ ଜାଣିବା କୁ ପାଆନ୍ତି । ଯାହା ଫଳରେ ସାଧାରଣ ଲୋକଙ୍କ ଅସୁବିଧା ଦୂର ହେବା ବଦଳରେ ଅଧିକ ଅସୁବିଧା ସମ୍ମୁଖୀନ ହୋଇଥାନ୍ତି । ଯାହା ଦେଖିବାକୁ ମିଳିଛି କଳିଙ୍ଗନଗର ରେ ଥିବା ଜଟିଆ ଷ୍ଟିଲ ଓ ଭିସିଆଇ କେମିକାଲ କ୍ଷେତ୍ରରେ ଭିସିଆଇ କେମିକାଲ କଳିଙ୍ଗନଗର ରେ ଥିବା ୨୨ ଏକର ଜମି ରେ ନିଜର କାରଖାନା ସ୍ଥାପନ କରିବା ସମୟରେ ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ବହୁ ବିରୋଧ ସତ୍ତ୍ୱେ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ ଓ ଅନ୍ୟାନ୍ୟ ବିଷୟରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇ କାରଖାନା ସ୍ଥାପନ କରିବା ପାଇଁ ସ୍ଥାନୀୟ ଲୋକ ଙ୍କ ସପୋର୍ଟ ପାଇବା ପରେ ମନଇଚ୍ଛା କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିବାକୁ ଆଗଭର ହେଉନାହାନ୍ତି । ଠିକ୍ ସେହିପରି କଳିଙ୍ଗନଗର ରେ ଥିବା ଅନ୍ୟ କାରଖାନା ହେଉଛି ଜଟିଆ ଷ୍ଟିଲ ସବୁ କାରଖାନା ଠାରୁ ଅନିୟମିତତା ରେ ସବା ଆଗରେ ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି ।ଗତ ୨୦୨୩ ମସିହା ଏପ୍ରିଲ ମାସ ୨୯ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା ପ୍ରତିଶୃତି କୁ ପାଣିର ଗାର ସଦୃଶ ଭୂଲି ଯିବା ପରେ ସ୍ଥାନୀୟ ଅଞ୍ଚଳର ଥିବା ଲୋକ ଙ୍କ ପାଇଁ ଫାଟକରେ ନୋଏଣ୍ଟି ଲଗାଇ ନିୟମିତ ଶିଳ୍ପ ସଂସ୍ଥା ମଧ୍ୟ ରେ ବେଆଇନ କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି । ଲଘୁ ଖଣିଜ ବିଭାଗ ର ବିନା ଅନୁମତିରେ ମରୋମ ତାଡି ସମତଳ କରିବା ପରେ ବଞ୍ଚିତ ମରୋମ କ'ଣ ହେଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି ।ନା ନିଯୁକ୍ତି ପ୍ରଦାନ କରିବା,ନା ପ୍ରଦୂଷଣ ନିୟନ୍ତ୍ରଣ କରିବା ନା ? ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା କଥା କୁ ଭୂଲି ଯାଉଛନ୍ତି । ଜଟିଆ ଷ୍ଟିଲ ର ମନମାନୀ କୁ ବନ୍ଦ କରିବା ପାଇଁ ନୂତନ ସରକାର ଙ୍କ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।ଗତ ୨୯.୦୪.୨୦୨୩ ରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରେ ମିଳିଥିବା ସୂଚନା ଅନୁଯାୟୀ ଜଟିଆ ଷ୍ଟିଲ ଜଖପୁରା ମୌଜାରୁ ୪୪ ଏକର ଜମି ରେ ନିଜର କାରଖାନା ସ୍ଥାପନ କରିବା ପାଇଁ ଆସିଥିବା ବେଳେ ମୋଟ ପ୍ରକଳ୍ପ ର ମୁଲ୍ୟ ୨୨୦ କୋଟି ଟଙ୍କାର ହୋଇଥିବା ବେଳେ ୨୧୦ ଜଣ ଙ୍କ ପ୍ରତ୍ୟେକ ଭାବରେ ନିଯୁକ୍ତି ପାଇବାର କାର୍ଯ୍ୟ ନିର୍ବାହୀ ସାରାଂଶ ରେ ସ୍ପଷ୍ଟୀକରଣ ରହିଛି । ମାତ୍ର କାର୍ଯ୍ୟ ଆରମ୍ଭ କରିବା ପରେ ସ୍ଥାନୀୟ ଅଞ୍ଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିନଥିବା ସହିତ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଯୁବତୀ ମାନଙ୍କ ଅଣଦେଖା କରି ବାହାରୁ ନିଯୁକ୍ତି ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ତାହା ସହିତ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରେ ମୋଟ ଜମି ର୩୦% ଜମି ରେ ଜଙ୍ଗଲ ସୃଷ୍ଟି କରିବା ପାଇଁ କହିଥିବା ବେଳେ ବର୍ତମାନ ସୁଧା ସେପରି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଯାହା ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦାପନ୍ନ ଆଡକୁ ଗତି କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।




# ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ଜିଲ୍ଲା ସ୍ତରୀୟ ସମାବେଶ

ଆସିକା, ୧୮/୨ (ନି.ପ୍ର): ଆସିକା ଟାଉନ୍ ହଲଠାରେ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘର ଜିଲ୍ଲାସ୍ତରୀୟ ସମାବେସ ଅନୁଷ୍ଠିତ ହୋଇଯାଇଛି । ଆସିକା ବ୍ଲକ ସଂଘର ସଭାପତି ଶ୍ରୀମତି ରଙ୍ଗବତୀ ପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ସଭାପତି ରାଜେନ୍ଦ୍ର ଦାସ, କାର୍ଯ୍ୟକାରି ସଭାପତି ପ୍ରଦୀପ ସେଠୀ ଶିକ୍ଷକ ନେତା ପିତବାସ ମହାପାତ୍ର, ଓକିଲ ସଂଘ ସମ୍ପାଦକ ବିଦେଶି ନାୟକ, ଶିକ୍ଷକ ନେତା ଦେବହରି ମହାପାତ୍ର, ଗୀତାରାଣୀ, ଛତ୍ରପୁର ସଂଘର ସଭାପତି ବାସନ୍ତି ପଣ୍ଡା, ସଭ୍ୟା ରଶ୍ମିତା ମହାରଣା, କୁକୁଡାଖଣ୍ଡି ବ୍ଲକ ସଭାପତି ମାଗି ବିଷୋୟୀ, ଧରାକୋଟ ବ୍ଲକ ସଭାପତି ମମତା ତ୍ରିପାଠୀ, ବେଲଗୁଣ୍ଠା ସଭାପତି ମାମୁନୀ ନାୟକ, ସେରଗଡ ମଞ୍ଜୁଳା ମହାନ୍ତି, ବୁଗୁଡ଼ା ବ୍ଲକ ସଭାପତି ମଞ୍ଜୁଳା ପରିଡା, ପୋଲସରା ସବିତା ସାସମଲ, ହିଞ୍ଜିଳିକାଟୁ ବ୍ଲକର ପି ପଦ୍ମା, ରଙ୍ଗେଇଲୁଣ୍ଡା ପୁଷ୍ପାଞ୍ଜଳି ଗୌଡ଼ ଯୋଗଦେଇ ଆଗାମି ଗ୍ରୀଷ୍ମ ବିଧାନସଭା ଅଧିବେଶନ ବେଳେ ୧୭.୦୨.୨୦୨୫ ସଙ୍ଘ ର ବିଭିନ୍ନ ଦାବୀ ଉପସ୍ଥାପନା ପାଇଁ ରାଜ୍ୟ ବ୍ୟାପି ପାଚିକା ମାନେ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଗଲା ।

# ବେଲଗୁଣ୍ଠାରେ ନବମ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ



ବେଲଗୁଣ୍ଠା ୧୮/୨ (ନି.ପ୍ର): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆଜି ବେଲଗୁଣ୍ଠା ବ୍ଲକ୍ ର ଆଞ୍ଚଳିକ ସାଧନ କେନ୍ଦ୍ର ଗୁଡିକରେ ସିଆରସିସି ମାନଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ଏବଂ ଏଫ୍.ଏଲ୍.ଏନ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ନବମ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାଙ୍ଗପୁର ସିଆରସିସି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବୋରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅଷ୍ଟମ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକକୁ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସ, ଲୋପାମୁଦ୍ରା ରଥ,ଗାୟତ୍ରୀ ମିଶ୍ର ସସ୍ମିତା ରାଣୀ ଦାସ,ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀ, ମନୋଜ ଘଡ଼େଇ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଶିକ୍ଷକ ସତ୍ୟନାରାୟଣ ପ୍ରଧାନ ବୈଠକକୁ ସଂଯୋଜନା କରିଥିଲେ ଓ ବୈଠକରେ ପ୍ରଧାନ ଶିକ୍ଷକ ଶିବରାମ ବେହେରା,ଲିଙ୍ଗରାଜ ସେଠୀ, ଶିଶିର କୁମାର ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ଗୌଡ଼,ଶାନ୍ତିଲତା ବେହେରା,ସହକାରୀ ଶିକ୍ଷକ ମନୋରଞ୍ଜନ ବିଷୋୟୀ,ଦାଶରଥି ସେଠୀ,ଜଗନ୍ନାଥ ପାଇକ,ରାମଚନ୍ଦ୍ର ଗୌଡ଼,ଶରତ ସାହୁ, ଝାପଲ ମାରାଣ୍ଡି, ଶିକ୍ଷୟିତ୍ରୀ ସିପ୍ରାସିନ୍ଧୁ ସ୍ୱାଇଁ,ଆରତୀ ପାତ୍ର,ପୁଷ୍ପାଞ୍ଜଳି ପାଢୀ,ସାନୁଜା ନାୟକ,ସୁନେଲି ସ୍ୱାଇଁ,ମାନସୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଓ ବୈଠକରେ ବିଦ୍ୟାଳୟ ମନିଟରିଂ,ମୌଳିକ ସାକ୍ଷରତା ଜ୍ଞାନ ଓ ମୌଳିକ ସଂଖ୍ୟାଜ୍ଞାନ,ଏକାଡେମିକ୍ କ୍ୟାଲେଣ୍ଡର୍ ,ମାନ ନିର୍ଦ୍ଧାରଣ ଟ୍ରାକ୍,ଗଣିତ କଳିକା ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ଓ ବୈଠକକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ ପରିଦର୍ଶନ କରି ଏହାର ସଫଳତା ପାଇଁ ଯତ୍ନବାନ୍ ହେବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଗାଙ୍ଗପୁର ସିଆରସିସି ବୈଠକର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ। ସେହିପରି ବ୍ଲକ୍ ର କ୍ଷତ୍ରିୟବରପୁର, ଏନ୍.ପି.ଶାସନ,ଗୋବରା,ନେଟଙ୍ଗା,ବଡ଼ପଡ଼ା,ପାଟୁଳିସାହି, ତନରଡା,ମଙ୍ଗଳପୁର,ଆମ୍ବପୁଆ କ୍ଲଷ୍ଟର୍ ରେ ସିଆରସିସି ଛାୟାକାନ୍ତ ମହାପାତ୍ର,ସୁକାନ୍ତ ନାୟକ ,ହରେକୃଷ୍ଣ ଶତପଥି, ସୁଧୀର କୁମାର ତ୍ରିପାଠି ,ଅନନ୍ତ ସେଠୀ, କାଳୁ ଚରଣ ଗୌଡ଼,ମନୋଜ ପଟ୍ଟନାୟକ,ରଞ୍ଜିତ୍ ସାହୁ,ପ୍ରଶାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ନବମ ମାସିକ କ୍ଲଷ୍ଟର୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ଅଗ୍ନିକାଣ୍ଡରେ ୬ବଖରା ଭସ୍ମୀଭୂତ ଦୁଇ ଆହତ

କଣାସ ୧୮/୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ଥାନା ଗଡ଼ବଡପୁଟ ପଞ୍ଚାୟତ ବିରକେଶର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ଭସ୍ମୀଭୂତ ।ଖବର ନେବାରେ ଜଣାପଡିଛି ଜଣେ ବ୍ୟକ୍ତିଙ୍କର ଶ୍ରାଦ୍ଧରେ ଦୀପ ଲାଗିଥିବା ବେଳେ ସେହି ଦୀପରୁ ନିଆଁ ଲାଗି ବାବନ ଜେନା ,ନୃସିଂହ ଜେନା,ପ୍ରସନ୍ନ ମାଣିଆ,ଗତିକୃଷ୍ଣ ମାଣିଆ,କେଶବ ଡ଼ାବୁଲି ,ବେମକେଶ ଡାବୁଲିଙ୍କ ୬ ବଖରା ଘର ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି ।ସୁଭଦ୍ରା ଜେନା (୧୫) ଓ ପଞ୍ଚୁରାଉତ (୬୦) ଅଗ୍ନିକାଣ୍ଡରେ ଆହତ ହୋଇଛନ୍ତି । ଘରେ ଥିବା ଧାନ ଚାଉଳ,ଟଙ୍କା ପଇସା ,ସୁନା ରୂପା ,ବାଇକ୍,ସାଇକେଲ ପୋଡ଼ିବା ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନିଆଁରେ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ଅଗ୍ନିଶମ ବହିନୀଙ୍କୁ ଖବର ଦେବା ପରେ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସମସ୍ତ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଥିଲା ।ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

## ଲୁରୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାବିରା ୧୮/୨ (ନି.ପ୍ର): ଅତାବିରା ବ୍ଲକ ଅଧିନ ଲୁରୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଦ୍ଧଦେବ ନାଏକଙ୍କ ସଭାପତିତ୍ୱରେ ।ଏଥିରେ ଅତିଥି ଭାବେ ଦୁଲ୍ଲଭ ପଧାନ,ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଶ୍ରୀମତୀ ଜାହ୍ନବୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।ସର୍ବପ୍ରଥମେ ଦେବୀ ସରସ୍ୱତୀକୁ ପାରମ୍ପରିକ ରୀତିନିତି ଅନୁସାରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ।ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟସଦସ୍ୟା ପ୍ରମୁଖ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରେ ଏକବିଂଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଆଠମଲ୍ଲିକ ୧୮/୨ (ନି.ପ୍ର): ଆଠମଲ୍ଲିକ ସହର ରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ଏକ ବିଂଶ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇ ଅଛି। ଏହି ଉତ୍ସବ କୁ ଶ୍ରୀଯୁକ୍ତ ଆଦିତ୍ୟ କୁମାର ସାହୁ ଅଧକ୍ଷତା କରିଥିଲେ। ଢେଙ୍କାନାଳ ର ମାନ୍ୟବର ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅଥିତି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରର୍ମ କୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ଶ୍ରୀଯୁକ୍ତ ରାମକୃଷନ ତ୍ରିପାଠୀ ଯୋଗ ଦାନ କରି ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷା ର ଗୁଣାତ୍ମକ ମାନ ର ବିକାଶ ଦିଗରେ ଅଭିଭାଷଣ ରଖି ଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ତରୁଣ କୁମାର ଦାଶ ବାର୍ଷିକ ବିବରଣୀ ପଠ କରିଥିଲେ। ବିଭିନ୍ନ କାର୍ଯ୍ୟା କ୍ରମ ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। ସଭା ସେଶରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମ ରେ ସମ୍ପାଦକ ଅଶୋକ ମିଶ୍ର, କୋଷାଧକ୍ଷ ବିପିନ ମହାପାତ୍ର, ସୁଧିର କୁମାର ମିଶ୍ର ଙ୍କ ସହିତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି, ଗୁରୁ ମା, ଗୁରୁଜୀ, ଅଭିଭାବକ, ଅଭିକା ଉପସ୍ଥିତ ଥିଲେ।

## ଆଦିବାସୀ ମହାବିଦ୍ୟାଳୟରେ ଭଞ୍ଜ ସାହିତ୍ୟ ଆଲୋଚନା ଚକ୍ର

ବାଲିଗୁଡା ୧୮/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଭଞ୍ଜ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲକାନଗିରି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଡ଼ଃ ମଧୁସୂଦନ ମହାପାତ୍ର ବିଷୟ ବିଶାରଦ ଭାବରେ ମଧ୍ୟକାଳୀନ ସାହିତ୍ୟ ଓ ଭଞ୍ଜ ସାହିତ୍ୟ ଉଦାହରଣ ଦେଇ ବିଶଦ ଆଲୋଚନା କରିଥିଲେ।ଏକାଡେମିକ୍ ବର୍ସର ଡ଼.ସୁଶାନ୍ତ କୁମାର ଦାସ, ଆଇକ୍ୟୁଏସି ସଂଯୋଜକ ହିମାଂଶୁଚରଣ ସାହୁ, ଇଂରାଜୀ ଅଧାପକ ନୀଳାଚଳ ମହାରଣା, ବିଭାଗୀୟ ଅଧାପକ ରୂପେଶ କୁମାର ତ୍ରିପାଠୀ, ଅଧାପିକା ସ୍ନେହଲତା ମାଝୀ ପ୍ରମୁଖ ଯୋଗ ଦେଇ ଭଞ୍ଜ ସାହିତ୍ୟ ସମ୍ପର୍କ ରେ ଆଲୋଚନା କରିଥିଲେ । ଏଥିରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ସମେତ ରାଜନୀତି ବିଜ୍ଞାନ, ଇଂରାଜୀ ଏବଂ ଇତିହାସ ବିଭାଗର ସମସ୍ତ ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ଥିଲେ। ବିଭାଗ ମୁଖ୍ୟ ଅଧାପକ ଡ଼.ବିଭୂତି ଭୂଷଣ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆସାହି କେଜିବିଭି ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଗୁଡା ୧୮/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ନୂଆସାହି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କେଜିବିଭି) ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଆୟୋଜନ ପରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଏନଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ଧୂପ ପ୍ରଜ୍ବଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ଖଣ୍ଡଗିରି , ସମ୍ମାନିତ ଅତିଥି ଭାବେ ବଳରାମ ବେହେରା, ମୃତ୍ୟୁଞ୍ଜୟ ପ୍ରଧାନୀ, ଗାୟତ୍ରୀ ପାଳ ପ୍ରମୁଖ ଯୋଗ ଦେଇ ଶିକ୍ଷା-ଶିକ୍ଷକ ଓ ଛାତ୍ର ଛାତ୍ରୀ ର ଗୁରୁତ୍ୱ ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ବତୀ ସାହାଣୀ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷକ ଦୟାନିଧି ମହାରଣା ସ୍ୱାଗତ ଭାଷଣ ପୂର୍ବକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ପ୍ରକାଶ ଚନ୍ଦ୍ର ମହାରଣା, ଦୟାନିଧି ମହାରଣାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିବା ବେଳେ ସତ୍ୟ ନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଜିମାଳି ଖଣି ଖନନ ନିମନ୍ତେ ପ୍ରଭାବିତ ଅଞ୍ଚଳ ବାସୀଙ୍କ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବି ପତ୍ର ପ୍ରଦାନ



କଳାହାଣ୍ଡି ୧୮/୨ (ନି.ପ୍ର): ଦିନ କୁ ଦିନ ସିଜିମାଳି ପ୍ରଭାବିତ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ର ୨୪ ଗୋଟି ପଞ୍ଚାୟତ ର ପ୍ରାୟ ୩୦୦ ରୁ ଉର୍ଦ୍ଧ ଗ୍ରାମରୁ ପ୍ରାୟ କୋଡିଏ ହଜାର ରୁ ଉର୍ଦ୍ଧ ଅଞ୍ଚଳ ବାସୀଙ୍କ ବିଶାଳ ସଭାଯାତ୍ରା ସହ ସିଜି ମାଳୀ ଖଣି ଖନନ ନିମନ୍ତେ କଳାହାଣ୍ଡି ଜିଲ୍ଲା ପାଳ ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ଓ ମତ ପ୍ରକାଶ କରିଛନ୍ତି କି ଆମ ଅଞ୍ଚଳରେ ଆଗାମୀ ଦିନରେ ରେ ଯଦି ଖଣି ଖନନ ହେଲେ ଆମ ଅଞ୍ଚଳ ର ଉନ୍ନତି ହେବା ସହ ବେକାରି ସମସ୍ୟା ଦୂର ହବ ତେଣୁ ଆମ୍ଭେ ୧୫,୦୦୦ ରୁ ଉର୍ଦ୍ଧ ଲୋକଙ୍କ ଦସ୍ତଖତ ସହ ସିଜିମାଳି ଓ ମୈତ୍ରୀ କମ୍ପାନୀ କୁ ସମର୍ଥନ କରୁଛୁ । ବର୍ତ୍ତମାନ ସମୟରେ ମାସକୁ ପ୍ରାୟ ୧୦ ହଜାର ରୁ ଉର୍ଦ୍ଧ ପରିବାର ସିଧା ସଳଖ ଆର୍ଥିକ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ନିଯୁକ୍ତି ଓ ଧାର୍ମିକ କ୍ଷେତ୍ର ରେ ପ୍ରାୟ ୪୫ ରୁ ଉର୍ଦ୍ଧ ଆମ ଅଞ୍ଚଳରେ ମନ୍ଦିର ନିର୍ମାଣ କରାଯାଉଛି ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟ ମଧ୍ୟ ମୈତ୍ରୀ କମ୍ପାନୀ ତରଫରୁ କରାଯାଉଛି । ସିଜିମାଳି ଖଣି ଖନନ ଯଥାଶୀଘ୍ର ଆରମ୍ଭ କରାଯାଉ, ଆଉ କିଛି ବାହାରିଆ ଲୋକ ଆସି ଆମ୍ଭ ନିରୀହ ଆଦିବାସୀ ଲୋକ ମାନଙ୍କୁ ତାଙ୍କ ସ୍ୱାର୍ଥ ପାଇଁ କମ୍ପାନୀ କୁ ବିରୋଧ କରିବାକୁ ଉସ୍କାଉ ଛନ୍ତି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି । ସିଜିମାଳୀ ପ୍ରଭାବିତ ଅଞ୍ଚଳ ବାସୀ ଉପସ୍ଥିତ ରହି ଜିଲ୍ଲା ପାଳଙ୍କୁ ସିଜିମାଳି ଖଣି ଖନନ ନିମନ୍ତେ ଦାବି ପତ୍ର ପ୍ରଦାନ କରିଛନ୍ତି ।

## ମାନସିକ ବିକୃତ ମହିଳାଙ୍କ ଉନ୍ମତ କାଣ୍ଡ ନିଜ ଘରେ ନିଜେ ନିଆଁ ଲଗାଇଲେ



ବାଲିଗୁଡା ୧୮/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଟାଉନ ସୁନାପାଙ୍ଗାରେ ଶନିବାର ସନ୍ଧ୍ୟା ରେ ଜୈନକ ମାନସିକ ବିକୃତ ମହିଳା ନିଜ ଘରେ ନିଜେ ନିଆଁ ଲଗାଇଥିବାରୁ ଘରେ ଥିବା ବହୁ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାରୁ ପ୍ରକାଶ ଯେ, ସୁନାପାଙ୍ଗା ବାସିନ୍ଦା ବାସନ୍ତୀ ଶତପଥିଙ୍କ ସ୍ୱାମୀ ଓ ପୁଅର ମୃତ୍ୟୁ ପରେ ସେ ମାନସିକ ଦୁଶ୍ଚିନ୍ତା ରେ ଏକାକୀ ରହି ନିଜର ମାନସିକ ସ୍ଥିତି ହରାଇ ଥିଲେ। ଏପରି ସ୍ଥିତିରେ ଶନିବାର ସନ୍ଧ୍ୟାରେ ମାନସିକ ସ୍ଥିତି ଅଧିକ ହେବାରୁ ସେ ନିଜ ଘରେ ନିଜେ ନିଆଁ ଲଗାଇ ଘରର ଦାଣ୍ଡ ପଟୁ ତାଲା ପକାଇ ବାରି ଆଡୁ କେଉଁ ଆଡେ ପଳାଇଥିଲେ। ନିଆଁ ଲାଗିବାର କିଛି ସମୟ ପରେ ପଦାକୁ ଧୂଆଁ ଆସିବାରୁ ଆଖପାଖ ପଡିଶା ଘର ଲୋକେ ସଙ୍ଗେ ସଙ୍ଗେ ସ୍ଥାନୀୟ ଦମକଳ କେନ୍ଦ୍ରକୁ ଜଣାଇବାରୁ ନିଆଁକୁ ଆୟତ୍ତ କରିଥିଲେ।

## ନ୍ୟାଯ୍ୟ ଅଧିକାର ଦାବିରେ ଦେହେରିଆ ସଂଘ ଏବଂ କନ୍ଧସମାଜ ମହାମେଳି



କର୍ଲମୁଣ୍ଡା ୧୮/୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ବେଲଖଣ୍ଡି ଶୈବପୀଠ ସୀମାନ୍ତରେ ଥିବା ସଇଁତଲା ବ୍ଲକ ଖୁସମାଳ ମାଝୀ ଦେଶ ଠାରେ କନ୍ଧସମାଜ ଏବଂ ବେଲଖଣ୍ଡି ଦେହେରିଆ ସଂଘ ର ମହାମେଳି ହୋଇଥିଲା କନ୍ଧସସ୍କୃତି ପରମ୍ପରା ଏବଂ ବେଲଖଣ୍ଡି ଶୈବପୀଠ ଠାରେ ଦୁଇଗୋଟି ଟ୍ରଷ୍ଟ ନାଁରେ କୁଷ୍ପାର ଘାତ ଆଦିକାଳରୁ କନ୍ଧସମାଜ ଓ ଦେହେରିଆ ସଂଘ ପୂଜା କରିଆସୁଥିବା ବେଳେ ଟ୍ରଷ୍ଟ ନାଁରେ ପ୍ରତାରଣା କରାଯାଇଥିବା ଅଭିଯୋଗ ହୋଇ ମହାମେଳି ହୋଇଥିଲା ।କେନ୍ଦିୟ କମିଟି ସଭାପତି ଚିନ୍ତାମଣି ଭୋଇ ସଂପାଦକ ପ୍ରଦିପ କୁମାର ମାଝି,ଦେହେରିଆ କମିଟି ସଭାପତି ଧିରେନ୍ଦ୍ର ମାଝୀ, ଅଧକ୍ଷତାରେ ମହାମେଳି ହୋଇଥିଲା ପ୍ରଥମେ ମାଝୀ କନ୍ଧସମାଜ ର ପତାକା ଉତ୍ତୋଳନ କରି ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା। ଏବଂ ଏକ ବିରାଟ ପଟୁଆରରେ ବାଜା ନିଶାନ ଅସ୍ତ୍ରଶସ୍ତ୍ର ସହିତ ନଗରପରିକ୍ରମା କରିଥିଲେ। ନଗର ପରିକ୍ରମା ସାରିଲା ପରେ ମହାସଭା ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ଜିଲ୍ଲାରୁ ଆଦିବାସୀ କନ୍ଧସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ। କଳାହାଣ୍ଡି ଐତିହାସିକ ବେଲଖଣ୍ଡି ଶୈବପୀଠରେ ଟ୍ରଷ୍ଟ ନାଁରେ ପ୍ରତାରଣା ଅନୀତି ଦୁର୍ନୀତି ମନମୁଖୀ କାର୍ଯ୍ୟ ହେଉଥିବାରୁ ଆଗାମୀ ଦିନରେ କନ୍ଧସମାଜ, ଦେହେଲିଆ ସଂଘ ପକ୍ଷରୁ ଏକ ବିରାଟ ଆନ୍ଦୋଳନ କରିବା କୁ ନିଷ୍ପତ୍ତି ନେଇଛନ୍ତି ।ଏହି ସଭାରେ ମାର୍କଣ୍ଡ ପ୍ରଧାନୀ, ସାମ୍ବାଦିକ ସୁଶାନ୍ତ ମଲ୍ଲିକ ମହେନ୍ଦ୍ର ପ୍ରଧାନୀ,ପୁରୁଷୋତ୍ତମ ଭୋଇ, ସୁମନ୍ତ ମାଝୀ,ମେନେଜର ଭୋଇ, ସଂକ୍ଲିତନ ଭୋଇ, ରାଧେଶ୍ୟାମ ମାଝୀ, ଯୁଧିଷ୍ଠିର ଯାନୀ, ଅରବିନ୍ଦ ମାଝୀ,ତର୍କ ଭୋଇ,କୁମର ଭୋଇ, ତ୍ରିନାଥ ଭୋଇ, ରାଜେନ୍ଦ୍ର ମାଝୀ, ପ୍ରମୁଖ ଶତାଧିକ ଦେହେରିଆ ସଂଘ ସଦସ୍ୟ ଓ କନ୍ଧସମାଜ ଜାତିଭାଇ ଯୋଗଦେଇ ଆଦିବାସୀ ପରମ୍ପରା ସଂସ୍କୃତି ଅଧିକାର ଉପରେ ମତବ୍ୟକ୍ତ କରିଥିଲେ।

# ନୃତ୍ୟଶ୍ରୀ କଳାକେନ୍ଦ୍ରର ଶୁଭ ଉଦ୍ଘାଟନ





ଗୁଣପୁର ୧୮/୨ (ନି.ପ୍ର): ଆଜି ଗୁଣପୁର ସହରର ଦେଓ ନଗର ଠାରେ ନୃତ୍ୟଶ୍ରୀ କଳାକେନ୍ଦ୍ରର ଶୁଭ ଉଦ୍ଘାଟନ ହୋଇଯାଇଛି । ଗୁରୁ ରିନା ରାଣୀ ସାହୁଙ୍କ ପ୍ରଚେଷ୍ଟା ବଳରେ ଛାତ୍ରଛାତ୍ରୀ ମାନେ ଏଠାରେ ଓଡିଶୀ ନୃତ୍ୟ ସହ କ୍ଲାସିକାଲ , ସେମି କ୍ଲାସିକାଲ ଓ ଆଧୁନିକ ନୃତ୍ୟ ଶିକ୍ଷା କରିପାରିବେ । କଳା ଓ ସଂସ୍କୃତିର ରାଜ୍ୟ ଓଡିଶା , ତାର ଓଡିଶୀ ନୃତ୍ୟ ପାଇଁ ସାରା ବିଶ୍ୱରେ ପରିଚିତ । ସେଭଳି ଏକ ବିଶ୍ୱ ପ୍ରସିଦ୍ଧ ଓଡିଶୀ ନୃତ୍ୟ କଳାକୁ ଗୁଣପୁର ଭଳି ଆଦିବାସୀ ଅଧୁଷିତ ଅଞ୍ଚଳର ଛାତ୍ରଛାତ୍ରୀ ଙ୍କୁ ଶିକ୍ଷା ଦେଇ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ପ୍ରୟାସ କରିଛନ୍ତି ଗୁରୁ ରିନା ରାଣୀ ସାହୁ । ଦୀର୍ଘ ବର୍ଷ ହେଲା ଓଡ଼ିଶୀ ନୃତ୍ୟ ସାଧନା କରି ଗୁରୁ ରିନା ରାଣୀ ଗିନିସ ୱ।ରଲ୍ଡ ରେକର୍ଡ଼ - ୨୦୧୧ , ଲଣ୍ଡନ ବୁକ୍ ଅଫ୍ ୱ।ରଲ୍ଡ ରେକର୍ଡ଼, ମହିଳା ଆଇକନ ପୁରସ୍କାର , ଗୁରୁ ସମ୍ମାନ ପୁରସ୍କାର ଭଳି ବହୁ ଜାତୀୟ ଓ ଅର୍ନ୍ତଜାତୀୟ ପୁରସ୍କାରରେ ସମ୍ମାନିତ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ପୂର୍ବରୁ ସେ କୁନିକୁନି ପିଲାଙ୍କୁ ଓଡିଶୀ ସହ ବିଭିନ୍ନ ଲୋକନୃତ୍ୟ ଶିକ୍ଷା ଦେଉଥିଲେ ଏବଂ ସେହି ପିଲାମାନେ ପୁରୀ , ଭୁବନେଶ୍ୱର , ବ୍ରହ୍ମପୁର ଭଳି ସହରର ବିଭିନ୍ନ କଳା କେନ୍ଦ୍ର ଓ ମହୋତ୍ସବ ମାନଙ୍କରେ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଥିବା ସୂଚନା ମିଳିଛି । ବର୍ତମାନ ଗୁଣପୁର ଦେଓ ନଗର ଠାରେ ସ୍ୱତନ୍ତ୍ର ଭାବେ ନୃତ୍ୟଶ୍ରୀ କଳାକେନ୍ଦ୍ର ନାମରେ ଏକ ନୃତ୍ୟ ଅନୁଷ୍ଠାନ ପ୍ରତିଷ୍ଠା କରି ଛାତ୍ରଛାତ୍ରୀ ମାନଙ୍କୁ ଓଡିଶୀ ନୃତ୍ୟ ସହ ବିଭିନ୍ନ ପ୍ରକାରର ଲୋକନୃତ୍ୟ ଶିକ୍ଷା ଦେବାର ପ୍ରୟାସ କରିଛନ୍ତି । ଏଭଳି ଏକ ଅନୁଷ୍ଠାନ ଗୁଣପୁର ଭଳି ସହରରେ ହୋଇଥିବାରୁ ଅଭିଭାବକ ମାନେ ଉତ୍ସାହର ସହ ନିଜ ପିଲାମାନଙ୍କୁ ନୃତ୍ୟଶ୍ରୀ କଳାକେନ୍ଦ୍ରକୁ ନୃତ୍ୟ ଶିକ୍ଷା ପାଇଁ ଛାଡୁଥିବା ଦେଖିବାକୁ ମିଳିଛି । ଗୁଣପୁର ଏକ କଳା ଓ ସଂସ୍କୃତିର ସହର ହୋଇଥିବାରୁ ଗୁରୁ ରିନା ରାଣୀ ସାହୁ ଙ୍କ ଏଭଳି ପ୍ରୟାସ ସତରେ ପ୍ରଶଂସନୀୟ ।

## ଅସୁସ୍ଥ ଓଟ କୁ ଛାଡିଯିବା ଘଟଣା : ପରିସ୍ଥିତିରେ ସୁଧାର



ବାଲିଗୁଡା ୧୮/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ରତୁଙ୍ଗିଆ ପଞ୍ଚାୟତ ସଲାଗୁଡ଼ା ଗ୍ରାମରେ ପ୍ରାୟ ଏକମାସ ଧରି ଅସୁସ୍ଥ ଥିବା ଓଟ କୁ ତାର ମାଲିକ ରାସ୍ତା କଡ ଚାଷ ଜମିରେ ଛାଡି ଚାଲି ଯାଇଥିଲା। ଗାଁ ଲୋକଙ୍କ ସହାୟତାରେ ଓଟ ଟି ବଞ୍ଚିଥିବା ଖବର ଉପଜିଲ୍ଲାପାଳ ଡଃ.ରୀନା ପ୍ରଧାନ ପାଇବା ପରେ ପରେ ଅସୁସ୍ଥ ଛୋଟା ଓଟ ଟିକୁ ଉଦ୍ଧାର କରିବା ପାଇଁ ଘଟଣା ସ୍ଥଳକୁ ଏକ ଜେସିପି ଓ ମିନି ଟ୍ରକ ପଠାଇବା ସହ ବନ ବିଭାଗ କର୍ମଚାରୀ, ପ୍ରାଣୀ ଚିକିତ୍ସା କର୍ମଚାରୀ , ଅଗ୍ନି ଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଜେସିବି ସହାୟତାରେ ଅସୁସ୍ଥ ଓଟ ଟିକୁ ଉଦ୍ଧାର କରି ବାଲିଗୁଡ଼ା ପ୍ରାଣୀ ଚିକିତ୍ସାଳୟ କୁ ଆଣି ଚିକିତ୍ସା କରାଇଥିଲେ । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଲମ୍ବୋଦର ମହାପାତ୍ର, ଡା.ଇପ୍ସିତା ମଲ୍ଲିକ, ଡା. ପ୍ରିୟଙ୍କା କର, ସୁଶାନ୍ତ ନାୟକ, ଗୌତମ ଦିଗାଲ, ଦିବ୍ୟ ସିଂ ଦିଗାଲ ନିଜେ ଉପସ୍ଥିତ ରହି ଗୋଡ଼ର ଆଣ୍ଠୁ ପାଖରେ ନିୟମିତ ଚିକିତ୍ସା କରୁଥିବାରୁ ଓଟ ଟିର ପରିସ୍ଥିତିରେ ସୁଧାର ଆସିପାରିଛି, ଯାହାକି, ବର୍ତ୍ତମାନ ସାମାନ୍ୟ ଚଲାବୁଲା କରିପାରୁଛି। କିନ୍ତୁ ଓଟ ଟିର ଅଧିକ ଚିକିତ୍ସା ପାଇଁ ଉପଖଣ୍ଡ ପ୍ରଶାସନ ତରଫରୁ ଭୁବନେଶ୍ୱର ସ୍ଥିତ ଓୟୁଏଟି ପ୍ରାଣୀ ବିଭାଗ କୁ ନେଇ ଗୋଡ଼ କୁ ଅପରେସନ କରି ନୂତନ ପଦ୍ଧତିରେ ଚିକିତ୍ସା କରାଯାଇ ପାରିଲେ ପୂର୍ବଭଳି ଚଲା ବୁଲା କରି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ପ୍ରକାଶ ଯେ, ବାଲିଗୁଡା ବ୍ଲକ ରତୁଙ୍ଗିଆ ପଞ୍ଚାୟତ ସଲାଗୁଡ଼ା ଗ୍ରାମ ନିକଟରେ ରାଜସ୍ଥାନ ଅଞ୍ଚଳରୁ କେତେକ ବ୍ୟକ୍ତି ଓଟ ଧରି ଆସି ଗ୍ରାମ ପରିକ୍ରମା କରି ଖାଦ୍ୟ ପେୟ ସଂଗ୍ରହ କରି ଫେରିଥାନ୍ତି କ୍ଷ କିନ୍ତୁ ସେଥି ମଧ୍ୟରୁ ଗୋଟିଏ ଓଟ ର କେଉଁ କାରଣ ବଶତଃ ଗୋଟେ ଗୋଡ଼ ଭାଙ୍ଗି ପଡ଼ିବାରୁ ଓଟଟି ଆଉ ଚାଲିପାରି ନ ଥିଲା କ୍ଷ ସ୍ୱାର୍ଥପର ଓଟ ମାଲିକ ଓଟ ଟିର ଗୋଡ଼ ଠିକ କରିବା ବଦଳରେ ଓଟ ଟିକୁ ସେଠାରେ ଛାଡ଼ି ଚମ୍ପଟ ମାରିଥିଲା ଓ ପ୍ରାଣ ବିକଳରେ ଭୋକରେ ଆଉଟୁ ପାଉଟୁ ହୋଇ ଓଟ ଟି ଚିତ୍କାର କରିବା ପରେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ଓଟକୁ ଖାଇବାକୁ ଦେବା ସହ ପ୍ରବଳ ଥଣ୍ଡା ଯୋଗୁଁ ଏକ ଜରି ପାଲ ଢାଙ୍କି ରଖିଥିଲେ।

## ଡାବୁଗାଁ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ୍ସ-କ୍ୟାଡର ଶିକ୍ଷକ ସଙ୍ଘର ଜରୁରୀ କାଳୀନ ବୈଠକ ଅନୁଷ୍ଠିତ



ନବରଙ୍ଗପୁର ୧୮/୨ (ନି.ପ୍ର): ଡାବୁଗାଁ ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ସଭାପତି ବଲ୍ଲଭ ନାରାୟଣ ପଣ୍ଡା ଙ୍କ ସଭାପତିତ୍ୱରେ ଉପ ସଭାପତି ନରସିଂ ମାଝୀ, ସମ୍ପାଦକ ଜିତେନ୍ଦ୍ର ମାଝୀ,ପ୍ରଦୀପ କୁମାର ପାଢ଼ୀ, ମନଜ ବିଷୟୀ,ଶ୍ରୀନିବାସ ରାଓ, ବାଦଲ ଜେନା, ଦୁର୍ଗା ରଥ, ରବି, ନିରାକାର ପ୍ରଧାନ, ବିଭୁଦତ୍ତ ବିଷୟୀ, ସମଦୁ,ଉଦରନ, ଶୁଭେନ୍ଦୁ, ସବିତା, ନିବେଦିତା ପ୍ରମୁଖ ଏକ୍ସ-କ୍ୟାଡର ଶିକ୍ଷକ,ଶିକ୍ଷୟତ୍ରୀ ବୃନ୍ଦ ଉପସ୍ଥିତ ରହି ଇନକମ ଟେକ୍ସ, ପ୍ରପେରଟି ଷ୍ଟେଟମେଣ୍ଟ, ସଂଘବଧ ଏକତା ଏବଂ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ଉପରେ ଆଲୋଚନା କରାଯାଇ ଏହାର ସମସ୍ୟା ଯେପରି ନ ରହିବ ସେଥିପ୍ରତି ସମସ୍ତେ ସଚେତନ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା କ୍ଷଶେଷରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ପରିସର ସଫେଇ କାର୍ଯ୍ୟକ୍ରମ କରାଇ ମନ୍ଦିର ପରିସର ସଫା ସୁତରା କରି ଆତ୍ମ ତୃପ୍ତି ପାଇଥିଲେ।

## ଇଟା ଭାଟି ନିକଟରେ ଯୁବକର ମୃତ ଦେହ ଉଦ୍ଧାର,ହତ୍ୟାକାଣ୍ଡ ସନ୍ଦେହ,ପୋଲିସର ତଦନ୍ତ ଆରମ୍ଭ

ନବରଙ୍ଗପୁର ୧୮/୨ (ନି.ପ୍ର): ରାଇଘର ବ୍ଲକ ଅନ୍ତର୍ଗତ ବିଜୁ ପଟ୍ଟନାୟକ ମଡର୍ଣ୍ଣ ସ୍କୁଲ ସମ୍ମୁଖରେ ଥିବା ଏକ ଇଟାଭାଟି ନିକଟରୁ ଜଣେ ଯୁବକଙ୍କ ମୃତଦେହ ସ୍ଥାନୀୟ ପୁଲିସ ଉଦ୍ଧାର କରିଛି କ୍ଷ ଯୁବକ ଜଣକ ଗଞ୍ଜାପାରା ପଂଚାୟତ ମାଡ଼ଗାଁର ପବିତ୍ର ହରିଜନ (୩୨) ବୋଲି ଜଣାପଡ଼ିଛି । ମୃତ ଯୁବକଙ୍କ ମୁହଁରେ ଲଙ୍କାଗୁଣ୍ଡ ବୋଳା ଯାଇଥିବା ବେଳେ ପାର୍ଶ୍ୱ ପରିସ୍ଥିତିକୁ ଅନୁଧ୍ୟାନ କରି ପୁଲିସ ଏହାକୁ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୬ଟା ସମୟରେ କୌଣସି ସୂତ୍ରରୁ ଖବର ପାଇ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଘଟଣାସ୍ଥଳରେ ପହଞ୍ଚି ପବିତ୍ର ହରିଜନଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି କ୍ଷ ଏଥିସହ ନବରଙ୍ଗପୁ ରୁ ସାଇଣ୍ଟିଫିକ ଟିମକୁ ମଧ୍ୟ ଡକାଯାଇଛି । ମୃତ ବ୍ୟକ୍ତିଙ୍କ ନିକଟରେ ଏକ ମଦ ବୋତଲ ସହ ଲଙ୍କା ଗୁଣ୍ଡ ପ୍ୟାକେଟ ପଡ଼ିଥିବାରୁ ଏହା ଏକ ହତ୍ୟାକାଣ୍ଡ ହୋଇଥାଇ ପରେ ବୋଲି ପୁଲିସ ଅନୁମାନ କରିଛି।

ସ୍ୱାଧୀନମତ

# ଶିଶୁମାନଙ୍କ ପାଇଁ 'ଆଶୀର୍ବାଦ'

ମହାମାରୀ କରୋନାରେ ପିତା-ମାତାଙ୍କୁ ହରାଇ ଅନାଥ ହୋଇଯାଇଥିବା ଶିଶୁମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ 'ଆଶୀର୍ବାଦ' ନାମକ ଏକ ନୂତନ ଯୋଜନା ଘୋଷଣା କରିବା ନିଶ୍ଚିତ ଭାବେ ଏକ ସମୟୋପଯୋଗୀ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ଏହା ନିଶ୍ଚିତ ଯେ, ମହାମାରୀ କରୋନାରେ ରାଜ୍ୟରେ ଶହଶହ ଶିଶୁ ଉଭୟ ମା'ବାପା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଛେଉଣ୍ଡ ହୋଇଯାଇଛନ୍ତି। ମହାମାରୀରେ ଉଭୟ ମା' ବାପାଙ୍କୁ ହରାଇଥିବା ଶିଶୁମାନଙ୍କୁ ମାସିକ ୨୫୦୦ ଟଙ୍କା, କେବଳ ମା କିମ୍ବା ବାପା ତଥା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇଥିବା ଶିଶୁଙ୍କ ପାଇଁ ମାସିକ ୧୫୦୦ ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେମାନଙ୍କ ଲାଳନପାଳନ ଦାୟିତ୍ୱ ନେଇଥିବା ସଂପର୍କୀୟଙ୍କ ବ୍ୟାଙ୍କ ଖାତାରେ ଏହି ଅର୍ଥ ଜମା ହେବ। ଅନାଥଙ୍କ ଶିକ୍ଷା, ଦୀକ୍ଷା, ସ୍ୱାସ୍ଥ୍ୟ ଓ ଭରଣପୋଷଣରେ ଏହି ଟଙ୍କା ଖର୍ଚ୍ଚ ହେବ। ତେବେ ଅନାଥ ଶିଶୁଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଏହି ସହାୟତା ମିଳିବ। କେବଳ ଏତିକି ନୁହେଁ, ଅନାଥ ପିଲାମାନେ ଯେଉଁ ସ୍କୁଲରେ ପଢୁଥିଲେ, ସେହି ସ୍କୁଲରେ ପଢିବେ କିମ୍ବା ସେହିମାନର ଯେକୌଣସି ବିଦ୍ୟାଳୟରେ ପାଠ ପଢିପାରିବେ। ଆବଶ୍ୟକ ହେଲେ ସେମାନଙ୍କୁ ଆଦର୍ଶ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟ ପରି ଉନ୍ନତ ମାନର ସ୍କୁଲରେ ଶିକ୍ଷା ପାଇପାରିବେ। ଆହୁରି ମଧ୍ୟ ଉଚ୍ଚଶିକ୍ଷା ପାଇଁ ସେମାନଙ୍କୁ ସବୁଜ ପଥ (ଗ୍ରୀନ ପ୍ୟାସେଜ) ଯୋଜନାରେ ସହଯୋଗ ଯୋଗାଇ ଦେବା ପାଇଁ ସରକାର ଘୋଷଣା କରିଛନ୍ତି। ଏହା ବ୍ୟତୀତ ଅନାଥ ଶିଶୁଙ୍କୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣାରେ ସ୍ୱାସ୍ଥ୍ୟସେବା ସୁବିଧା ଦିଆଯିବ। ସେହିପରି ସେମାନଙ୍କୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଜନା କିମ୍ବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଏହା ବ୍ୟତୀତ ଅନାଥ ଶିଶୁ ରହୁଥିବା ଆତ୍ମୀୟ ସ୍ୱଜନ ଯଦି ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାର ସାମିଲ ହେବାକୁ ଯୋଗ୍ୟ ହୋଇଥାନ୍ତି, ତେବେ ଅଗ୍ରାଧିକାର ଭିତିରେ ତାଙ୍କୁ ଘର ଯୋଗାଇ ଦିଆଯିବ। କେବଳ ଆବାସ ଯୋଜନା ନୁହେଁ, ଅନ୍ୟାନ୍ୟ ସୁବିଧା ସୁଯୋଗ ମଧ୍ୟ ଦିଆଯିବ। ସେହିପରି ଅନାଥ ଶିଶୁର ସଂପତିର ସୁରକ୍ଷା ପାଇଁ ଶିଶୁମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା, ତହସିଲଦାର ଓ ପୋଲିସ ମିଳିତ ପଦକ୍ଷେପ ନେବେ। ଆତ୍ମୀୟ ସ୍ୱଜନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ସୁବିଧା ସୁଯୋଗ ଘୋଷଣା କରିଛନ୍ତି। ତାହା ନିଶ୍ଚିତ ଭାବରେ ଅନାଥ ଶିଶୁର ଯନଃ ଦାୟିତ୍ୱକୁ ସୁନିଶ୍ଚିତ କରିବ, ଏଥିରେ ସନ୍ଦେହ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଅନାଥ ଶିଶୁଙ୍କ ସଠିକ୍ ଠାବ। କରୋନା ମୃତ୍ୟୁର କୌଣସି ସଠିକ ତାଲିକା ନଥିବାରୁ ଅନାଥ ଶିଶୁଙ୍କୁ ଚିହ୍ନଟ କରିବା ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ ହୋଇପାରେ। କହିବା ବାହୁଲ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନସିପିସିଆର) ସୁପ୍ରିମକୋର୍ଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାମାରୀ କରୋନାରେ ଓଡିଶାରେ ୧୦୭୩ ଜଣ ଶିଶୁ ଉଭୟ ପିତାମାତା କିମ୍ବା କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି କିନ୍ତୁ ଓଡିଶା ସରକାରଙ୍କ ତଥ୍ୟ ଅନୁଯାୟୀ ମହାମାରୀରେ ୨୩୫ ଜଣ ଶିଶୁ ଅନାଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୮ ଜଣ ଉଭୟ ବାପା ଓ ମା'ଙ୍କୁ ହରାଇଥିବା ବେଳେ ଅନ୍ୟ ୧୯୭ ଜଣ ଶିଶୁ କେବଳ ବାପା କିମ୍ବା ମା'ଙ୍କୁ ହରାଇ ଅନାଥ ହୋଇଥିବା କୁହାଯାଇଛି। ଏହା ନିଶ୍ଚିତ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟ ମଧ୍ୟରେ ଆକାଶ ପାତାଳ ତଫାତ୍ ରହିଛି। ବାସ୍ତବରେ ରାଜ୍ୟରେ କେତେ ଶିଶୁ ଅନାଥ ହୋଇଛନ୍ତି, ତାହା ସଠିକ ଗଣନା ସାଂପ୍ରତିକ ସମୟରେ ସବୁଠାରୁ ବଡ ଆବଶ୍ୟକତା। ଅନାଥ ଶିଶୁଙ୍କ ସଠିକ ଚିହ୍ନଟ ବିନା ଯୋଜନାର କିଛି ମୂଲ୍ୟ ନାହିଁ। ଯୋଜନା କେବଳ ଯୋଜନାରେ ରହିଯିବା ସାର ହେବ। ଅବଶ୍ୟ 'ଆଶୀର୍ବାଦ' ଯୋଜନାରୁ ଜଣେ ହେଲେ ଅନାଥ ଶିଶୁ ଯେପରି ବାଦ୍ ନପଡନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ କଡା ନିର୍ଦ୍ଦେଶ ଦେଇଛନ୍ତି। ଅନାଥ ଶିଶୁ ଚିହ୍ନଟ ପାଇଁ ପଂଚାୟତର ସରପଂଚମାନଙ୍କ ଠାରୁ ଜିଲ୍ଲାପାଳ ରିପୋର୍ଟ ତଲବ କରନ୍ତୁ, ଗ୍ରାମ ପଂଚାୟତ ସ୍ତରରୁ ଅନାଥ ଶିଶୁ ଚିହ୍ନଟ ହେଲେ, ରାଜ୍ୟରେ କେତେ ଶିଶୁ ମହାମାରୀରେ ଅନାଥ ହୋଇଛନ୍ତି। ତାହାର ସଠିକ ଗଣନା ସୁନିଶ୍ଚିତ ହୋଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ଦେଇଥିବା ରିପୋର୍ଟ ଅନୁଯାୟୀ ଦେଶରେ ୩୬୨୧ ଶିଶୁ ଉଭୟ ପିତାମାତାଙ୍କୁ ହରାଇଥିବାବେଳେ ୨୬,୧୭୬ ଜଣ କେବଳ ମା' କିମ୍ବା ବାପାଙ୍କୁ ହରାଇଛନ୍ତି। ସେହିପରି ୨୭୪ ଜଣ ପରିତ୍ୟକ୍ତ ହୋଇ ପଡିଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୭୦୮୪ ଜଣ ଅନାଥ ହୋଇଥିବାବେଳେ ଉତରପ୍ରଦେଶରେ ୩୧୭୨, ରାଜସ୍ଥାନରେ ୨୪୮୨, ହରିୟାନାରେ ୨୪୩୮, ମଧ୍ୟପ୍ରଦେଶରେ ୨୨୪୩, ଆନ୍ଧ୍ରପ୍ରଦେଶରେ ୨୦୮୯, କେରଳରେ ୨୦୦୨, ବିହାରରେ ୧୬୩୪ ଜଣ ଶିଶୁ ଅନାଥ ହୋଇଥିବା କୁହାଯାଇଛି। ଅନାଥ ଶିଶୁଙ୍କ ପାଇଁ ପ୍ରାଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନାଥ ଶିଶୁଙ୍କ ପାଇଁ 'ଆଶୀର୍ବାଦ' ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଦେଶରେ ଅନ୍ୟ ରାଜ୍ୟପାଇଁ ଏହା ପଥ ପ୍ରଦର୍ଶକ ହେବ, ଏଥିରେ ସନ୍ଦେହ ନାହିଁ। ଯୋଜନାର ସୁଫଳ ଅନାଥଙ୍କ ନିକଟରେ ପହଁଚିବା ପ୍ରତି ସମସ୍ତେ ଧ୍ୟାନ ଦେବା ଜରୁରୀ।

# ଆମେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛୁ



ମହାମାରୀ କରୋନା ଯୋଗୁଁ ବାତିଲ ହୋଇଥିବା ଦ୍ୱାଦଶ ବୋର୍ଡ ପରୀକ୍ଷାରେ ମାର୍କ ମୂଲ୍ୟାୟନ ପଦ୍ଧତି ସଂପର୍କରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସଇ)ର ଘୋଷଣା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା କଳ୍ପନା-ଜଳ୍ପନା ଓ ଦ୍ୱନ୍ଦର ଅବସାନ ଘଟାଇଛି। ବୋର୍ଡ ସୁପ୍ରିମକୋର୍ଟଙ୍କୁ ମୂଲ୍ୟାୟନ ପଦ୍ଧତି ସଂପର୍କରେ ଅବଗତ କରାଇଛନ୍ତି। ଯାହାକୁ ସର୍ବୋଚ୍ଚ ଅଦାଲତ ସ୍ୱୀକୃତି ପ୍ରଦାନ କରିଛନ୍ତି। ମହାମାରୀ କାଳରେ ଛାତ୍ରଛାତ୍ରୀଙ୍କ ୩ବର୍ଷର ପ୍ରଦର୍ଶନ ତଥା ଦଶମ ବୋର୍ଡ ପରୀକ୍ଷା, ଏକାଦଶ ପରୀକ୍ଷା ଏବଂ ଦ୍ୱାଦଶ ଶ୍ରେଣୀର ପ୍ରିବୋର୍ଡ ପରୀକ୍ଷାର ପ୍ରଦର୍ଶନ ଆଧାରରେ ମୂଲ୍ୟାୟନ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତି ଗ୍ରହଣ କରିଛନ୍ତି। ସାଂପ୍ରତିକ କରୋନା ମହାମାରୀ ସଂକ୍ରମଣ କାଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଯେ, ଏକ ସର୍ବୋତମ ମୂଲ୍ୟାୟନ ପଦ୍ଧତି, ଏଥିରେ ସନ୍ଦେହ ନାହିଁ। ବୋର୍ଡ ଦ୍ୱାରା ପ୍ରସ୍ତୁତ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ ମାଟ୍ରିକ ତଥା ଦଶମ ପରୀକ୍ଷାର ୩୦ ପ୍ରତିଶତ, ଏକାଦଶର ୩୦ ପ୍ରତିଶତ ଏବଂ ଦ୍ୱାଦଶ ଶ୍ରେଣୀ ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ୪୦ ପ୍ରତିଶତ ନମ୍ବର ବିଚାରକୁ ନେଇ ମୂଲ୍ୟାୟନ ହେବ। କେବଳ ଏତିକି ନୁହେଁ, ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତେ କୋହଳ ମନୋଭାବ ଗ୍ରହଣ କରିଛନ୍ତି। ଦଶମ ଶ୍ରେଣୀର ମୋଟ ପାଂଚଟି ବିଷୟରୁ ଶ୍ରେଷ୍ଠ ୩ ବିଷୟର ନମ୍ବର, ଏକାଦଶ ଶ୍ରେଣୀର ସର୍ବନିମ୍ନ ୫ଟି ବିଷୟର ମିଡଟର୍ମ ନମ୍ବର ଏବଂ ଦ୍ୱାଦଶର ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ନମ୍ବର ହିସାବକୁ ନିଆଯାଇ ମାର୍କ ମୂଲ୍ୟାୟନ ହେବ। ଏହା ନିଶ୍ଚିତ ଯେ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେଉଛି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ପ୍ରଥମ ପାହାଚ। ଦ୍ୱାଦଶ ପରୀକ୍ଷାର ଫଳାଫଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥାଏ। ପରୀକ୍ଷା ଫଳ ଅନୁଯାୟୀ ଛାତ୍ରଛାତ୍ରୀମାନେ ପ୍ରଚଳିତ ପ୍ରବେଶିକା ବା ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଡାକ୍ତରୀ, ଇଂଜିନିୟରିଂ, ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଆଇଆଇଏମ ଆଦି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। ମହାମାରୀ କରୋନା ପ୍ରଭାବରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୀର୍ଘ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶ୍ରେଣୀ କାର୍ଯ୍ୟରେ ପାଠପଢା ବନ୍ଦ ହେବା, ବିଭିନ୍ନ ପରୀକ୍ଷା ବାତିଲ ହେବା ଯୋଗୁଁ ଭବିଷ୍ୟତ ନେଇ ଛାତ୍ରଛାତ୍ରୀ ନିରାଶା, ଆଶା ଆଶଙ୍କାରେ ରହିବା ସ୍ୱାଭାବିକ। ବୋର୍ଡ କର୍ତ୍ତୃପକ୍ଷ ଗତତିନି ବର୍ଷର ପରୀକ୍ଷାର ପ୍ରଦର୍ଶନକୁ ଆଧାର କରି ୩୦:୩୦:୪୦ ଅନୁପାତରେ ନମ୍ବର ପାଇବେ। ଯାହାକି ପିଲାମାନଙ୍କୁ ସନ୍ତୁଷ୍ଟ କରିପାରିବାରେ ସହାୟକ ହେବ। ଅତୀତରେ ପିଲା ଯେପରି ନମ୍ବର ରଖିଥିବ, ଏବେ ସେହି ଅନୁପାତରେ ନମ୍ବର ପାଇବ। ଏହା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ଆଦୌ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଆମର ବିଶ୍ୱାସ। ଯେଉଁ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟାୟନ ପଦ୍ଧତିରେ ସନ୍ତୁଷ୍ଟ ହେବେ ନାହିଁ, ପରବର୍ତୀ ସମୟରେ ତଥା ମହାମାରୀର ପ୍ରକୋପ କମିଲେ, ସେମାନେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦେବାରେ ବୋର୍ଡ କର୍ତ୍ତୃପକ୍ଷ ଆଦୌ ଅବହେଳା କରିନାହାଁନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ । ଏହାସତ୍ୱେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବୋର୍ଡର ମୂଲ୍ୟାୟନ ପଦ୍ଧତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅସନ୍ତୋଷ ପ୍ରକାଶ ସ୍ୱାଭାବିକ ମଧ୍ୟ। ଏ ନେଇ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ତ ହୋଇଛନ୍ତି। କହିବା ବାହୁଲ୍ୟ ଯେ, କେତେକ ଘରୋଇ ବିଦ୍ୟାଳୟ ସେମାନ୍‌ଙ୍କ ଛାତ୍ରଛାତ୍ରୀଙ୍କ ଅଧିକ ହାରରେ ନମ୍ବର ଦେବା ଅସମ୍ଭବ ନୁହେଁ। ମହାମାରୀ କାଳରେ ଛାତ୍ରଛାତ୍ରୀଙ୍କ ୩ବର୍ଷର ପ୍ରଦର୍ଶନ ତଥା ଦଶମ ବୋର୍ଡ ପରୀକ୍ଷା, ଏକାଦଶ ପରୀକ୍ଷା ଏବଂ ଦ୍ୱାଦଶ ଶ୍ରେଣୀର ପ୍ରିବୋର୍ଡ ପରୀକ୍ଷାର ପ୍ରଦର୍ଶନ ଆଧାରରେ ମୂଲ୍ୟାୟନ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତି ଗ୍ରହଣ କରିଛନ୍ତି। ସାଂପ୍ରତିକ କରୋନା ମହାମାରୀ ସଂକ୍ରମଣ କାଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଏହା ଯେ, ଏକ ସର୍ବୋତମ ମୂଲ୍ୟାୟନ ପଦ୍ଧତି, ଏଥିରେ ସନ୍ଦେହ ନାହିଁ। ବୋର୍ଡ ଦ୍ୱାରା ପ୍ରସ୍ତୁତ ମୂଲ୍ୟାୟନ ପଦ୍ଧତି ଅନୁଯାୟୀ ମାଟ୍ରିକ ତଥା ଦଶମ ପରୀକ୍ଷାର ୩୦ ପ୍ରତିଶତ, ଏକାଦଶର ୩୦ ପ୍ରତିଶତ ଏବଂ ଦ୍ୱାଦଶ ଶ୍ରେଣୀ ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ୪୦ ପ୍ରତିଶତ ନମ୍ବର ବିଚାରକୁ ନେଇ ମୂଲ୍ୟାୟନ ହେବ। କେବଳ ଏତିକି ନୁହେଁ, ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତେ କୋହଳ ମନୋଭାବ ଗ୍ରହଣ କରିଛନ୍ତି। ଦଶମ ଶ୍ରେଣୀର ମୋଟ ପାଂଚଟି ବିଷୟରୁ ଶ୍ରେଷ୍ଠ ୩ ବିଷୟର ନମ୍ବର, ଏକାଦଶ ଶ୍ରେଣୀର ସର୍ବନିମ୍ନ ୫ଟି ବିଷୟର ମିଡଟର୍ମ ନମ୍ବର ଏବଂ ଦ୍ୱାଦଶର ପ୍ରି-ବୋର୍ଡ, ମିଡଟର୍ମ ଓ ପ୍ରାକ୍ଟିକାଲ ପରୀକ୍ଷାର ନମ୍ବର ହିସାବକୁ ନିଆଯାଇ ମାର୍କ ମୂଲ୍ୟାୟନ ହେବ। ଏହା ନିଶ୍ଚିତ ଯେ, ଦ୍ୱାଦଶ ବୋର୍ଡ ପରୀକ୍ଷା ହେଉଛି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ପ୍ରଥମ ପାହାଚ। ଦ୍ୱାଦଶ ପରୀକ୍ଷାର ଫଳାଫଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ କରିଥାଏ। ପରୀକ୍ଷା ଫଳ ଅନୁଯାୟୀ ଛାତ୍ରଛାତ୍ରୀମାନେ ପ୍ରଚଳିତ ପ୍ରବେଶିକା ବା ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଡାକ୍ତରୀ, ଇଂଜିନିୟରିଂ, ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଆଇଆଇଏମ ଆଦି ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। ମହାମାରୀ କରୋନା ପ୍ରଭାବରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୀର୍ଘ ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶ୍ରେଣୀ କାର୍ଯ୍ୟରେ ପାଠପଢା ବନ୍ଦ ହେବା, ବିଭିନ୍ନ ପରୀକ୍ଷା ବାତିଲ ହେବା ଯୋଗୁଁ ଭବିଷ୍ୟତ ନେଇ ଛାତ୍ରଛାତ୍ରୀ ନିରାଶା, ଆଶା ଆଶଙ୍କାରେ ରହିବା ସ୍ୱାଭାବିକ। ବୋର୍ଡ କର୍ତ୍ତୃପକ୍ଷ ଗତତିନି ବର୍ଷର ପରୀକ୍ଷାର ପ୍ରଦର୍ଶନକୁ ଆଧାର କରି ୩୦:୩୦:୪୦ ଅନୁପାତରେ ନମ୍ବର ପାଇବେ। ଯାହାକି ପିଲାମାନଙ୍କୁ ସନ୍ତୁଷ୍ଟ କରିପାରିବାରେ ସହାୟକ ହେବ। ଅତୀତରେ ପିଲା ଯେପରି ନମ୍ବର ରଖିଥିବ, ଏବେ ସେହି ଅନୁପାତରେ ନମ୍ବର ପାଇବ। ଏହା ଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ଆଦୌ କ୍ଷତିଗ୍ରସ୍ତ ହେବେ ନାହିଁ ବୋଲି ଆମର ବିଶ୍ୱାସ। ଯେଉଁ ଛାତ୍ରଛାତ୍ରୀମାନେ ଏହି ମୂଲ୍ୟାୟନ ପଦ୍ଧତିରେ ସନ୍ତୁଷ୍ଟ ହେବେ ନାହିଁ, ପରବର୍ତୀ ସମୟରେ ତଥା ମହାମାରୀର ପ୍ରକୋପ କମିଲେ, ସେମାନେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦେବାରେ ବୋର୍ଡ କର୍ତ୍ତୃପକ୍ଷ ଆଦୌ ଅବହେଳା କରିନାହାଁନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ । ଏହାସତ୍ୱେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବୋର୍ଡର ମୂଲ୍ୟାୟନ ପଦ୍ଧତିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅସନ୍ତୋଷ ପ୍ରକାଶ ସ୍ୱାଭାବିକ ମଧ୍ୟ। ଏ ନେଇ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ତ ହୋଇଛନ୍ତି। କହିବା ବାହୁଲ୍ୟ ଯେ, କେତେକ ଘରୋଇ ବିଦ୍ୟାଳୟ ସେମାନ୍‌ଙ୍କ ଛାତ୍ରଛାତ୍ରୀଙ୍କ ଅଧିକ ହାରରେ ନମ୍ବର ଦେବା ଅସମ୍ଭବ ନୁହେଁ। ନିଜ ସ୍କୁଲର ନାଁ ପାଇଁ ସେମାନେ ଯାହା ନିଜ ସ୍କୁଲର ନାଁ ପାଇଁ ସେମାନେ ଯାହା କିଛି କରିପାରନ୍ତି। ଅତୀତରେ ଓଡ଼ିଶାର ଏକ ଆବାସିକ ବିଜ୍ଞାନ କଲେଜର ୧୮ଜଣ ଛାତ୍ରଛାତ୍ରୀ ଶ୍ରେଷ୍ଠ ୨୦ ଜଣଙ୍କ ମଧ୍ୟରେ ରହିବା ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଯାହାର କ୍ରାଇମ ବ୍ରାଂଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ତେବେ ସାଂପ୍ରତିକ ସମୟରେ ଏଭଳି ଜାଲିଆତି ପ୍ରତି ପର୍ତୁପକ୍ଷ ଧ୍ୟାନ ଦେବା ଜରୁରୀ। ଏହା ନିଶ୍ଚିତ ଯେ, ମହାମାରୀ କରୋନା ଶିକ୍ଷାକ୍ଷେତ୍ର ପ୍ରତି ଗୁରୁତର ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସ୍କୁଲ ବନ୍ଦ ସହ ପରୀକ୍ଷା ବାତିଲ ଘଟଣା ବୋଧହୁଏ ଶିକ୍ଷା କ୍ଷେତ୍ର ଇତିହାସରେ ପ୍ରଥମ ଘଟଣା। ଭବିଷ୍ୟତରେ ମହାମାରୀ କରୋନା ଆହୁରି ବଡ ଚ୍ୟାଲେଞ୍ଜ ସୃଷ୍ଟି କରିବାର ସମ୍ଭାବନା ରହିଛି। ସାଂପ୍ରତିକ ଘଟଣାବଳୀ ଭବିଷ୍ୟତରେ ପଥ ପ୍ରଦର୍ଶକ ହୋଇପାରେ। ତେବେ ବିଭିନ୍ନ ବୋର୍ଡ ଏବଂ ସରକାର ଏହାର ସ୍ଥାୟୀ ମୁକାବିଲା ପନ୍ଥା ନିର୍ଣ୍ଣୟ କରିବେ ବୋଲି ଆମର ଆଶା। ଆସନ୍ତା ଜୁଲାଇ ୩୧ ସୁଦ୍ଧା ଫଳାଫଳ(ରେଜଲ୍ଟ) ପ୍ରକାଶ କରିବାକୁ ବୋର୍ଡ ଘୋଷଣା କରିଛି। ରାଜ୍ୟ ସ୍ତରରେ +୨ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ଶିକ୍ଷାବୋର୍ଡ ଅନୁରୂପ ଢାଂଚା ଅନୁସରଣ କରିବା ଜରୁରୀ। ଆମେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରୁଛୁ।

# ବିକ୍ଷତ ପରିବେଶ ପାଇଁ ମାୟାଦାୟୀ

ଆମ ସଂସ୍କୃତିର ଏକ ବାଣୀ ପୂର୍ଣ୍ଣରୁ ପୂର୍ଣ୍ଣ ଅନେକ ସୃଷ୍ଟି ହୋଇଗଲେ ବି ମୂଳପୂର୍ଣ୍ଣ ସେମିତି ଅକ୍ଷତ ରହିଥାଏ। ଏହା ଜ୍ଞାନୀଙ୍କର ସାର୍ବଜନୀନ ସାନ୍ତ୍ୱନା ଉପଦେଶ ବା ଜ୍ଞାନ ହୋଇପାରେ। ମାତ୍ର ସଂସାରୀ ଜୀବକୁ ମାୟା ଘେରି ରଖିଛି। ଏକ ମାୟାର ପୁଣି ଅନେକ ମାୟା ଶାଖା ମେଲାଇ ଏକ ବିଶାଳ ମାୟାଦ୍ରୁମ ସମସ୍ତ ସଂସାରୀଙ୍କ ଜୀବନ କାଳରେ ଫଳ ପୁଷ୍ପର ରୂପ ନେଉଛି ଏ ମାୟା ବୃକ୍ଷ ସ୍ତମ୍ଭ, ଚେର, ଅଙ୍ଗ, ପତ୍ର ଫଳ ଫୁଲ ପରି ସବୁଥିରେ ମାୟାଚାରା ସୃଷ୍ଟିକାରୀ। ଯତି ସନ୍ନ୍ୟାସୀ ଏହି ମାୟାରେ ନପଡ଼ିବା ପାଇଁ ବହୁ ଦ୍ରବ୍ୟ ଛାଡ଼ନ୍ତି ବ୍ୟକ୍ତି ସମ୍ବନ୍ଧ ଛାଡ଼ନ୍ତି ସ୍ଥାନମୋହ ବହୁ ବ୍ୟବହାରିକ ସମ୍ବନ୍ଧ ଛାଡ଼ନ୍ତି, ସଂସାରୀର ଯୌବନ ପୌଢ଼କାଳ ଶେଷ ପରେ ବାନପ୍ରସ୍ଥ ଯତିବ୍ରତ ପଥ ଧରିବାକୁ ଜ୍ଞାନୀମାନେ ବିଷୟ ବିଷର ଜ୍ୱାଳାମୁକ୍ତ ପାଇଁ ପରାମର୍ଶ ଦେଉଛନ୍ତି। ଏକରୁ ଅନେକ ପୁଣି ଅନେକରୁ ଏକ ଦୁଇପଥ ଯାହା ଧାର୍ଯ୍ୟ। ଏମଧ୍ୟରେ ବ୍ୟକ୍ତି ଅନୁଷ୍ଠାନ ସମାଜ ସ୍ଥାନ ଦେଶ କାଳ ଜଡ଼ିତ। କାଳ ବହୁବିଦ୍ଧ ଏହାକୁ ଗଣିତ ସତ୍ୟରେ ମନୁଷ୍ୟ ତାର ଜୀବନ କାଳ ମଧ୍ୟରେ ଜନ୍ମ ମରଣ ଚକ୍ରରେ ସାର୍ବଜନୀନ ସମୟକୁ ଜୀବନର ଖସଡ଼ାରେ ପକାଇ କାର୍ଯ୍ୟ ସାଧନ କରାଉଛି। ଏମିତି ଦେଶ ବି ଚାଲିଛି ସବୁ ସ୍ଥାନ ବି ଚାଲିଛି। ଦେଶ ପାଇଁ ପ୍ରଶାସନ ରହିଛି ପ୍ରଶାସନ ପୂର୍ବପରି ଏବେ ଐକ୍ୟ ସିଦ୍ଧାନ୍ତରେ ନାହିଁ ତ୍ରିଧା ବିଭକ୍ତିରେ ଗଣତନ୍ତ୍ର ଧାରା ଲାଗୁଛି। ବଂଶାନୁକ୍ରମ ବା ପୁରୁଷାନୁକ୍ରମ ପ୍ରଶାସନ ବିରୁଦ୍ଧ ଗଣତନ୍ତ୍ରରେ ରହିଲେ ବି ମାଯି ପଡ଼ିଛି, ମାଟିର ମାୟା କାହାକୁ ଛାଡୁନାହିଁ। ମାଟି ପାଇଁ କେତେ କେତେ ରାଜ ଯୁଦ୍ଧରେ ଯୁଦ୍ଧରେ ଶେଷ ହେଲେ ବି ମୋହ ମାୟାରେ ସେହି ଗତାନୁଗତ ଧାରା ବିଲୁପ୍ତ ନାହିଁ।

ରୂପ ବଦଳାଇ ମାୟା ଆସେ। ମନୁଷ୍ୟ କ'ଣ ସବୁଜୀବ ଏମିତି ସେହି ମାୟାରେ ପଡ଼ି ସର୍ବହାନି ଏପରି ପ୍ରାଣହାନି କରିଥାନ୍ତି। ଫାଶ, ଫଶାଇବା ଧାରା ମାୟାର ଅଛି। ବିଷ୍ଣୁମାୟା ଏପରି ଏଥିରୁ ଦେବତାଙ୍କୁ ମୁକ୍ତ ହେବା ସମ୍ଭବନା ନାହଁ। ଖୋଦ ବିଷ୍ଣୁପତ୍ନୀ ଲକ୍ଷ୍ମୀ ସରସ୍ୱତୀ ତାଙ୍କ ପାଖରେ ଥିଲେ ବି ବିଷ୍ଣୁ ଅବତାର ବେଳେ ସେ ବି ଜାଣିପାରିନଥାନ୍ତି। ତନ୍ତ୍ରରେ ୨୨ଟି ପାବଛ ଅଛି। ସର୍ବଶେଷ ପାବଛ ନାମ ହିଁ ବିଷ୍ଣୁମାୟା। ଏହି ମାୟାକୁ ଭେଦ ପାଇଁ ୧ରୁ ୨୧ ପାହାଚ ଚଢ଼ିବା ବା ଅତିକ୍ରମକାରୀର ପୁଣି ଅନେକ ମାୟା ଆଶ୍ରିତ ବିଷ୍ଣୁମାୟା ହିଁ କରାଇ ଦିଏ।



ଚୁଳି ମାରିବା ନ ହେଲେ କାର୍ଯ୍ୟ ସୁନ୍ଦର ସାର୍ଥକ କେବେ ହୁଏନାହିଁ। ବାରଶହ ବଢ଼େଇ ବାରବର୍ଷ ଧରି କୋଣାର୍କ ମନ୍ଦିର ଗଢ଼ି ଚୁଳି ମରାହୋଇ ପାରିଲା ନାହିଁ। ସୁନ୍ଦର ଆଖି ଦୃଶିଆ କରି ପଥର ମୂ□ି ମାୟା ଦର୍ଶକଙ୍କୁ କିପରି କରାଇପାରିବ ଏହି ଚିନ୍ତାରେ ଦଳପତି ବିଷ୍ଣୁ ମହାରଣାଙ୍କୁ ବେଳକୁ ବେଳ ଲାଗି ଲାଗି ଚାଲୁଥିଲା। ପାଠଶାଠରେ ସଂସ୍କାର ବେଳକୁ ବେଳ ହୁଏ ଏଥିରେ ବି ମାୟା ଅଛି। ଧନୁ ବିଦ୍ୟା ହେଉ ଗଦା ବିଦ୍ୟା ହେଉ ଏଥିରେ ବାରମ୍ବାର ସଂସ୍କାର ହୋଇ ଆସୁଛି। ତ୍ରେତୟାରେ ହରଧନୁ ବିଷ୍ଣୁଧନୁ ପ୍ରସଙ୍ଗ ରହିଛି ଦ୍ୱାପରରେ ଗାଣ୍ଡିବ ଧନୁ ପ୍ରସଙ୍ଗ ରହିଛି ପୁଣି କଂସ ମହାରାଜାଙ୍କ ଧନୁଯାତ୍ରା ଉପାଖ୍ୟାନ ଅଛି। ଗଦାର ସ୍ଥୁଳ ସୂକ୍ଷ୍ମ ଦିଗର ସିଦ୍ଧାନ୍ତ ଏମିତି ଅଛି ଅତି ଓଜନ ଗ୍ରହ ଉପଗ୍ରହ କେମତି ଶୂନରେ ରହିଛି। ଜଳ ସୂକ୍ଷ୍ମରେ ବାଷ୍ପ ସ୍ଥୁଳରେ ସମୁଦ୍ର ପୁଣି ଆକାଶରେ ବର୍ଷା ଆଜି ଉପଗ୍ରହ ରକେଟ କ୍ଷେପଣାସ୍ତ୍ର ଉଡାଜାହାଜ କିପରି ଆକାଶରେ ବହୁ ଓଜନ ଦ୍ରବ୍ୟ ରହୁଛି ଏସବୁ ସେହି ଗଦାବିଦ୍ୟା। ମନ୍ଦିର ମୁଣ୍ଡିମରା ମୁଖ୍ୟ ସ୍ଥପତିଙ୍କର ଗୋଚରରେ ପୁରାତନ ପଦ୍ଧତିରେ ହୋଇପାରିବା ପାଇଁ ସମୟ ଆକଳନ ହୋଇପାରୁନଥିଲା। ତେବେ ତାଙ୍କର ପୁତ୍ର ଧର୍ମପଦ ରାତ୍ରୀକ ଭିତରେ ଏହା କରିଦେଲା। ହେଲେ ସମସ୍ୟା ସୃଷ୍ଟି ହେଲା, ଜନେ କଣ କହିବେ ରାଜାଙ୍କର ପ୍ରଶ୍ନବାଚୀର କିଏ କି ଉ□ର ଦେବ। ଆସନ୍ନ ଦଣ୍ଡ ଯେ ନିଶ୍ଚିନ୍ତ ଏହା ସମସ୍ତ କାରିଗର ଭାବି ଆତଙ୍କିତ। ଏଠାରେ ଲୋକକଥା ବାରଶ ବଢ଼େଇରେ ଦାୟୀ ନା ପୁଅରେ ଦାୟୀ। ଏ ଦୁଇ ମାୟା, ଏ ମାୟାର ସିଦ୍ଧାନ୍ତ ଶୀଘ୍ର ନେବାକୁ ହେବ ହିଁ ହେବ। ନିଆଗଲା ଧର୍ମପଦର ସମୁଦ୍ର ଝାସ ବିଶୁ ମହାରଣାଙ୍କର ଜାତିରକ୍ଷା ପୁତ୍ରହାନି ଘଟିଲା। ଦଳ ରଖିଲେ ପ୍ରିୟଜନ ହାରିବାକୁ ପଡ଼ିବ, ପିୟଜନ ପାଇଁ ମମତା ରଖିଲେ ଅନେକ ବଡ଼ କ୍ଷତି ହୋଇଯାଇପାରେ। ରାଜପୁତ ରମଣୀମାନେ ଯବନ ଆକ୍ରମଣକାରୀଙ୍କ ଦ୍ୱାରା ତାଙ୍କର ସ୍ୱାମୀଙ୍କର ଜୀବନ ହାନି ବା ରାଜମହଲ ବା ସ୍ୱମହଲ ନିରାପ□। ଅସମ୍ଭବ ଜାଣି ଜହରବ୍ରତ ବା ପ୍ରାଣହାନି ଅନ୍ୟମାର୍ଗ ସାହାଯ୍ୟ ନେଉଥିଲେ। ତାଙ୍କର ଜୀବନ ଠାରୁ ସତୀତ୍ୱକୁ ବଡ଼ ଭାବି ନେଉଥିଲେ। ଧାଇପାନ୍ନା ନିଜପୁଅକୁ ମରାଇ ରାଜାପୁଅର ପ୍ରାଣ ବ□ାଇ ରଖିଥିଲେ ଏଠାରେ ନିଜପୁଅ ଠାରୁ ରାଜ୍ୟ ରକ୍ଷାର ଦାୟଦ ପ୍ରକୃତ ଦରକାର। ବଣିକ ଗୋଷ୍ଠୀ ସଦା ମାୟା କରନ୍ତି। ଅଭିଧାନରେ ଦ୍ରବ୍ୟ ଗୁଣରେ, ଦ୍ରବ୍ୟର ଗୁଣାବଳୀ ଯାହା ଲେଖାଅଛି ସେପରି ଦ୍ରବ୍ୟ ବଣିକ ଲୋକଙ୍କ ପାଇଁ କେଉଁଠୁ ବିକ୍ରୟ ପାଇଁ ବା ପ୍ରସ୍ତୁତ କରି ଖାଉଟିଙ୍କ ଯୋଗାଣ କରିଥାନ୍ତି। ପ୍ରତିଷ୍ଠିତ ନେତାମାନେ ତାଙ୍କ ପାଦ ଛୁଉଁଥିବା ଲୋକଙ୍କୁ କିଛି ଦୟା କରିବା ଜଣାଯାଉଛି। ଗୁରୁ ବନିବା ଭୁଲ ନୁହଁ ମାତ୍ର ଛଳ ଛଦ୍ମଧାରୀ କାର୍ଯ୍ୟ ହାସଲକୁ ଯେ ନଆସିଥିବେ ଏ କଥା ପ୍ରତିଷ୍ଠିତ ନେତା କେମିତି ଜାଣିବେ? ଭସ୍ମାସୁରକୁ ବର ଦେଇ ଶିବ ପଳାୟନ କରିବା କ'ଣ ଜଣାନାହିଁ? ମଣ୍ଡୁକ କୃଷ୍ଣସର୍ପ କାହାଣୀ କ'ଣ ହେଜନାହିଁ ବଂଶ ମାରିବାକୁ ନିମନ୍ତ୍ରଣ କରି ସର୍ପ ମସ୍ତକରେ କେତେ ଦିନ ରହିହେବ? ଏହା ଜାଣିବା କ'ଣ ଭୁଲ? ସତ୍ୟମାର୍ଗ ନିଶ୍ଚୟ ସର୍ବରକ୍ଷାକାରୀ ସମସ୍ତ ବଣିକବୁଦ୍ଧି, ବ୍ରାହ୍ମଣ ବୁଦ୍ଧି, କ୍ଷତ୍ରୀୟ ବୁଦ୍ଧି, ସତ୍ୟମାର୍ଗରେ ଚାଲିଲେ ସଂସାରରେ ସୁସ୍ଥ ପରମ୍ପରା ଦୀର୍ଘଜୀବୀ ହେବ ନିଜର ବ□ିବା ସହିତ ଦେଶ କାଳପାତ୍ର ବି ସୁସ୍ଥରହିବ।



# ରାମସେତୁରେ ଜାକଲିନ୍

ଜ୍ୟାକଲିନ୍ ଫର୍ନାଡିଜ୍‌ଙ୍କ ଟେନସନ୍ ବଢ଼ିଯାଇଛି । ସେ ଏମିତି ପରିସ୍ଥିତିର ସାମ୍ନା କରିଛନ୍ତି ଯେ, ଏବେ ସେ ନା ପଛକୁ ଯାଇ ପାରୁଛନ୍ତି ନା ଆଗେଇ ପାରୁଛନ୍ତି । ଏପରି ପ୍ରୋବ୍ଲେମ୍‌କୁ ସେ କେମିତି ସମାଧାନ କରିବେ, ସେ ସମ୍ପର୍କରେ ଭାବି ଭାବି ତାଙ୍କର ଟେନ୍‌ସନ୍ ବଢ଼ିଯାଇଛି । କଥା କଣ କି ନିକଟରେ ତାଙ୍କୁ ଏକ ନୂଆ ସିନେମାରେ ଆକ୍ଟିଂ କରିବାକୁ ଅଫର ମିଳିଥିଲା । ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ଜାଣିବା ପରେ ତାଙ୍କର ଖୁସି ବନ୍ଧ ବାଡ ମାନି ନଥିଲା । ହେଲେ ଗୋଟିଏ କଥା ଜାଣିବା ପରେ ସେ ଏ ନେଇ କି ନିଷ୍ପତି ନେବେ ଅଡୁଆରେ ପଡିଯାଇଥିଲେ । କାରଣ ଏହି ନୂଆ ସିନେମାରେ ସଂଯୋଜିତ ଏକ ଆଇଟମ୍ ନମ୍ବରରେ ତାଙ୍କୁ ନାଚିବାକୁ ପଡିବ । ପୁଣି ସେଥିରେ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି । ଏସବୁ ଜାଣିବା ପରେ ଜ୍ୟାକଲିନ୍ ଏହି ଅଫରଟିକୁ ଗ୍ରହଣ କରିବେ ନା ମନା କରିବେ ଜାଣି ପାରୁନାହାନ୍ତି । ଏ ସମ୍ପର୍କରେ ଥଣ୍ଡା ମିଜାଜ୍‌ରେ ନିଷ୍ପତି ନେବାକୁ ସେ ପ୍ରଯୋଜକଙ୍କୁ କହିଛନ୍ତି । ଏବେ ସେ ନିର୍ମାଣାଧୀନ ହିନ୍ଦୀ ସିନେମା ରାମସେତୁ ରେ ଅଭିନୟ କରୁଛନ୍ତି ।

# ପେଟ୍ରୋଲ ବଂଚାଇବ ହେଲମେଟ୍

ସଡ଼କ ଦୁର୍ଘଟଣାରୁ ସୁରକ୍ଷା ଦେଇଥାଏ ହେଲମେଟ୍ । ଏଇକଥା ସମସ୍ତେ ଜାଣନ୍ତି । ତେବେ ନିକଟରେ ଏଭଳି ଏକ ହେଲମେଟ୍



ତିଆରି କରାଯାଇଛି, ଯାହା କି ଦୁର୍ଘଟଣାରେ ସୁରକ୍ଷା ଦେବା ସହ ପେଟ୍ରୋଲ ବି ବଂଚେଇବ । କେବଳ ସେତିକି ନୁହେଁ କିଛି ଅଘଟଣ ଘଟିଲେ ପୋଲିସ ଓ ଆମ୍ବୁଲାନ୍ସକୁ ବି ସୂଚନା ଦେଇଦେବ । ତାସହ ଏହାଦ୍ୱାରା ଟ୍ରାଫିକ୍ ବି ନିୟନ୍ତ୍ରଣ ହେବ । ଏହି ବହୁପୋଯୋଗୀ ସ୍ମାର୍ଟ ହେଲମେଟକୁ ତିଆରି କରିଛନ୍ତି ବାରଣାସୀର ଛାତ୍ର ଆଶିଷ ତ୍ରିପାଠୀ, ବିପିନ ଓ ସୁଲେଖ । ଟ୍ରାଫିକର ରେଡ୍ ଲାଇଟ୍ ଜଳିବା କ୍ଷଣି ଏହି ହେଲମେଟ୍ ଗାଡିର ଷ୍ଟାର୍ଟ ବନ୍ଦ କରିଦେବ । ଗ୍ରୀନ୍ ଲାଇଟ୍ ଜଳିବା ସହ ଗାଡି ଷ୍ଟାର୍ଟ ହୋଇଯିବ । ଟ୍ରାଫିକ୍ ସିଗ୍ନାଲ୍‌ର ୫୦ ମିଟର ପରିସର ଭିତରକୁ ଆସିବା କ୍ଷଣି ଏହା କାମ ଆରମ୍ଭ କରିଦିଏ । ଏଥିରେ ଲାଗିଥିବା ଟ୍ରାନ୍ସମିଟର ଯୋଗୁ ଦୁର୍ଘଟଣା ସମୟରେ ବହୁତ ସାହାଯ୍ୟ ମିଳିଥାଏ । ବିପିନ କହନ୍ତି, ଆମର ପୁରା ସିଷ୍ଟମ ରେଡିଓ ଫ୍ରିକ୍ୱେନ୍ସି ଟ୍ରାନ୍ସମିଟର ଦ୍ୱାରା କାମ କରିଥାଏ । ଏଥିରେ ୨ଟି ଟ୍ରାନ୍ସମିଟର ଓ ରିସିଭର ରହିଛି । ରିସିଭରଟି ବାଇକରେ ଲାଗିଛି । ଗୋଟିଏ ଟ୍ରାନ୍ସମିଟର ହେଲମେଟ୍‌ରେ ଲାଗିଛି, ଯାହା ପିନ୍ଧିବା କ୍ଷଣି ଆକ୍ଟିଭ ହୋଇଥାଏ । ଗାଡ଼ିରେ ଲାଗିଥିବା ରିସିଭର ଅନ୍ କରି ହେଲମେଟ୍ ପିନ୍ଧିଦେଲେ ବାଇକ୍ ଆପେ ଷ୍ଟାର୍ଟ ହୋଇଯାଏ । ଆଉ ଏକ ଟ୍ରାନ୍ସମିଟର ଟ୍ରାଫିକ୍ ସିଗ୍ନାଲ୍ ସିଷ୍ଟମ ପାଖରେ ଲଗାଯିବ । ଫରେ ରେଡ୍ ସିଗ୍ନାଲ୍ ବେଳେ ଗାଡିରେ ଲାଗିଥିବା ରିସିଭର ଟ୍ୟାନ୍ସମିଟର ସଂସ୍ପର୍ଶରେ ଆସି ଗାଡିକୁ ବନ୍ଦ କରିଦେବ । ସିଗ୍ନାଲ ଗ୍ରୀନ୍ ହେଲେ ଅଟୋମେଟିକ୍ ବାଇକ ଷ୍ଟାର୍ଟ ହୋଇଯିବ । କେବଳ ସେତିକି ନୁହେଁ ଦୁର୍ଘଟଣା ବେଳେ ହେଲମେଟରେ ଥିବା ସେନ୍ସର ଦୁର୍ଘଟଣାସ୍ଥଳର ଲୋକେଶନ୍ ପୋଲିସ, ଆମ୍ବୁଲାନ୍ସ ଓ ପରିବାର ଲୋକଙ୍କୁ ପଠାଇଦେବ ।

# ମ୍ୟାଜିକ ଡ୍ୟାନ୍ସ



ସୋସିଆଲ ମିଡିଆରେ ଏବେ ଏକ ଡ୍ୟାନ୍ସର ଭିଡିଓ ଭାଇରାଲ ହେଉଛି । ଏଥିରେ ଦେଖିବାକୁ ମିଳିଛି, ଜଣେ ମହିଳା ଡ୍ୟାନ୍ସରଙ୍କ ଡ୍ରେସ୍ ହଠାତ୍ ବଦଳି ଯାଉଛି । ଏହା ଦେଖି ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଭିଡିଓ ଆରମ୍ଭରେ ଦେଖାଯାଇଛି, ଜଣେ ଯୁବତୀ ନୀଳ ରଙ୍ଗର ଏକ ପୋଷାକ ପିନ୍ଧି ଠିଆ ହୋଇଛନ୍ତି । ସେ ତାଙ୍କ ପାର୍ଟନରଙ୍କ ସହ ଷ୍ଟେଜ୍‌କୁ ଆସୁଛନ୍ତି । ନାଚିବା ପରେ ହଠାତ୍ ତାଙ୍କ ଡ୍ରେସ୍ ରଙ୍ଗ ବଳଦିଯାଉଛି । ଭିଡିଓଟିକୁ ଫିଲ୍ମ ମେକର ଶିରିଶ କୁନ୍ଦର ସୋସିଆଲ ମିଡିଆରେ ଶେୟାର କରିଛନ୍ତି । ଭିଡିଓଟିକୁ ବର୍ତମାନ ୯୦ ହଜାର ଲୋକ ଦେଖିସାରିଲେଣି । ଭିଡିଓ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଜଣେ ୟୁଜର ଲେଖିଛନ୍ତି, ମୁଁ ବର୍ତମାନ ସୁଦ୍ଧା ବୁଝି ପାରୁନାହିଁ ତାଙ୍କ ଡ୍ରେସ୍ କେମିତି ବଦଳିଗଲା । କେହି କହି ଏହାକୁ ମ୍ୟାଜିକ୍ ଡ୍ୟାନ୍ସ ବୋଲି ମଧ୍ୟ କହୁଛନ୍ତି । ଜଣେ ୟୁଜର କହିଛନ୍ତି, ବାରମ୍ବାର ଭିଡିଓ ଦେଖିବା ପରେ ଜାଣିଗଲି ତାଙ୍କ କପଡ଼ା କେମିତି ବଦଳିଲା, ମାତ୍ର ମୁଁ କହିବି ନାହିଁ ।

# ମହଙ୍ଗା ପଡ଼ିଲା ପାଇପ ସଜଡ଼ା

ବ୍ରିଟେନର ଜଣେ ପ୍ଲମ୍ବର ବା ପାଇପ ମିସ୍ତ୍ରୀଙ୍କ ବିଲ୍ ଏବେ ଚର୍ଚ୍ଚାରେ ରହିଛି । ଏହି ପ୍ଲମ୍ବର ଜଣକ ତାଙ୍କର ଜଣେ ଛାତ୍ରଙ୍କ ଘରେ ଭଙ୍ଗା ପାଇବ ସଜାଡ଼ିବାକୁ ପହଂଚିଲେ । ରୋଷେଇ ଘରେ ପାଇପ ସଜାଡ଼ି ଦେବାକୁ ମିସ୍ତ୍ରୀ ଜଣକ ୪ ଲକ୍ଷ ଟଙ୍କା ଦାବି କରିଥିଲେ । ତାଙ୍କ ବିଲ୍ ଦେଖି ଏସ୍ଲେ ଡଗ୍‌ଲସ୍ ନାମକ ଛାତ୍ରଙ୍କ ମୁଣ୍ଡ କିଛି କାମ କଲାନି । ୨୩ ବର୍ଷୀୟ ଏସ୍ଲେ ବର୍ତମାନ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି । କାରଣ ମିସ୍ତ୍ରୀ ଜଣକ ତାଙ୍କୁ ବାରମ୍ବାର ଟଙ୍କା ମାଗୁଛନ୍ତି । ସେ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ଚିନ୍ତାରେ ପଡିଛନ୍ତି । ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ରୋଷେଇ ଘରେ ପାଇପରୁ ପାଣି ପଡୁଥିଲା । ସେ ଫୋରନ ପିଏମ୍ ପ୍ଲମ୍ବର ସର୍ଭିସକୁ ଫୋନ୍ କରିଥିଲି । ପାଇପ ମିସ୍ତ୍ରୀ ମେହଦୀ ପରଓ୍ୱି କାମ କରିଥିଲେ । ଯେତେବେଳେ ସେ ମୋତେ ବିଲ୍ ଦେଲେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । କାରଣ ୩୯୦୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୪ ଲକ୍ଷ ଟଙ୍କାର ସେ ବିଲ୍ ଦେଇଥିଲେ । ଯାହାକି ସବୁଠୁ ଆଶ୍ଚର୍ଯ୍ୟଜନକ ଥିଲା । ନିରୁପାୟ ହୋଇ ଏସ୍ଲେ ଥାନାରେ ଅଭିଯୋଗ କରିଛନ୍ତି ।

# ଶିଶୁକୁ ବିକି ପ୍ରେମିକା ସହ ବିଦେଶ ବୁଲିଲେ

ଚାଇନାର ଜଣେ ବ୍ୟକ୍ତି ନିଜ ଦୁଇ ବର୍ଷର ଶିଶୁପୁତ୍ରକୁ ବିକି ପ୍ରେମିକାଙ୍କ ସହ ବିଦେଶ ବୁଲିଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ବ୍ୟକ୍ତି ଜଣକ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିଲେ । କିନ୍ତୁ ସେ ହିଁ ପିଲାର ଦେଖାଶୁଣା କରିବେ ବୋଲି କୋର୍ଟ ରାୟ ଦେଇଥିଲେ । ପରେ ବ୍ୟକ୍ତିଜଣକ କାମ କରିବାକୁ ଅନ୍ୟ ଏକ ସହରକୁ ଚାଲିଗଲେ । ପରେ ଆସି ପୁଅକୁ ସାଥିରେ ନେଇ ଚାଙ୍ଗୁସ ସହରରେ ଏକ ଦମ୍ପତିଙ୍କୁ ବିକି ଦେଇଥିଲେ ।ପରେ ଏହି ଅର୍ଥରେ ଗର୍ଲଫ୍ରେଣ୍ଡଙ୍କ ସହ ବିଦେଶ ଭ୍ରମଣରେ ବାହାରି ପଡ଼ିଲେ । କିଛିଦିନ ପର୍ଯ୍ୟନ୍ତ ଯେତେବେଳେ ପୁଅ ଫେରିଲେ ନାହିଁ ସେତେବେଳେ ମା' ପୋଲିସରେ ସୂଚନା ଦେଇଥିଲେ । ପରେ ପୋଲିସ ଯାଂଚ କରି ଏହି ବ୍ୟକ୍ତିଙ୍କୁ ଗିରଫ କରିଛି । ଏହା ପୂର୍ବରୁ ମଧ୍ୟ ଏହି ବ୍ୟକ୍ତି ଜଣକ ଦୁଇ ଝିଅଙ୍କୁ କୌଣସି ଏକ ପରିବାରକୁ ବିକି ଦେଇଥିଲେ । ପୋଲିସ ଏହି ଘଟଣାର ତଦନ୍ତ କରୁଛି ।

# ଗଛ ଚେର ନୁହେଁ ଜୀବ



ଅଧିକାଂଶ ସମୟରେ ସମୁଦ୍ରରେ ଏଭଳି କିଛି ଜୀବ ଦେଖିବାକୁ ମିଳନ୍ତି, ଯାହାକୁ ଦେଖି ସାଧାରଣ ଲୋକଙ୍କ ସହ ବୈଜ୍ଞାନିକମାନେ ମଧ୍ୟ ଚକିତ ହୋଇଯାଆନ୍ତି । ଠିକ୍ ଏମିତି ହିଁ କିଛି ଘଟିଛି ଆମେରିକାର ଅଲାସ୍କାରେ । ସେଠାରେ ଏଭଳି ଏକ ସାମୁଦ୍ରିକ ଜୀବ ଦେଖିବାକୁ ମିଳିଛି ଯାହାକୁ ନେଇ ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଏହି ଜୀବ ଦେଖିବାକୁ ଠିକ୍ ଗଛର ଚେର ଭଳି । ସାରାହ ବେସର ଅଲଫୋର୍ଡ ନାମ୍ନୀ ମହିଳା ପ୍ରଥମେ ଏହି ଜୀବକୁ ଦେଖି ଏହାର ଭିଡିଓ କରିଥିଲେ ଏବଂ ପରେ ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହି ଅଦ୍ଭୁତ ଜୀବକୁ ଦେଖିବା ପରେ ଲୋକେ ଏବେ ତା' ବିଷୟରେ ଜାଣିବାକୁ ଖୁବ୍ ଆଗ୍ରହ ପ୍ରକାଶ କରିଛନ୍ତି । କିଛି ଲୋକ ଏହାକୁ ଏଲିୟନ୍ ବୋଲି ମଧ୍ୟ କହିଛନ୍ତି । ଅଲାସ୍କାର ପ୍ରିନ୍ସ ଅଫ୍ ଭେଲ୍ସ ଦ୍ୱୀପର ସମୁଦ୍ର କୂଳରେ ସାରାହ ଏହି ଜୀବକୁ ଦେଖିଥିଲେ । ସାରାହଙ୍କ କହିବାନୁଯାୟୀ, ଏହି ଅଦ୍ଭୁତ ଜୀବନର ନାମ ବାସ୍କେ ଷ୍ଟାର । ସେ ଏହା ମଧ୍ୟ କହିଛନ୍ତି ଯେ, ସେ ଏହି ଜୀବର ଭିଡିଓ କରିବା ପରେ ତାକୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦେଇଛନ୍ତି ।

# ପ୍ରତି ୧୦ଜଣରେ ଜଣେ ବ୍ୟକ୍ତି ଥାଇରଏଡ୍‌ରେ ପୀଡିତ

**ଥାଇରଏଡ୍ ଏକ ସାଧାରଣ ରୋଗ ହୋଇଗଲାଣି । ଏକ ରିପୋର୍ଟ ଅନୁସାରେ ପ୍ରତି ୧୦ଜଣରେ ଜଣେ ବ୍ୟକ୍ତି ଥାଇରଏଡ୍‌ରେ ପୀଡିତ । ଥାଇରଏଡ୍‌ରେ ପୀଡିତ ହେଲେ ଆସ୍ଥମା, କୋଲେଷ୍ଟ୍ରଲ, ଡାଇବେଟିସ୍, ଡିପ୍ରେସନ୍ ଓ ହାର୍ଟ ଆଟାକ୍‌ର ଆଶଙ୍କା ବଢ଼ିଥାଏ । କିନ୍ତୁ ଖାଦ୍ୟ ଶୈଳୀରେ ପରିବର୍ତନ ଆଣିପାରିଲେ, ଏହି ରୋଗକୁ ଆପଣ ନିୟନ୍ତ୍ରଣରେ ରଖିପାରିବେ । ତେବେ ଆସନ୍ତୁ ଜାଣିବା ଥାଇରଏଡ୍‌ରେ ପୀଡିତ ଥିବା ବ୍ୟକ୍ତି କେଉଁସବୁ ଖାଦ୍ୟ ଖାଇବାଠାରୁ ଦୂରେଇ ରହିବା ଉଚିତ୍ ।**

ଆପଣଙ୍କର ଯଦି ହାଇପୋଥାଇରଏଡ୍ ସମସ୍ୟା ରହିଛି, ତେବେ ଅଧିକ ଆୟୋଜିନ୍ ଖାଇବାଠାରୁ ଦୂରେଇ ରୁହନ୍ତୁ । ସି-ଫୁଡ୍ ଓ ଆୟୋଡିନ୍ ଲୁଣକୁ ବିଲ୍‌କୁଲ୍ ବ୍ୟବହାର କରନ୍ତୁ ।

ସେହିପରି ଅନ୍ୟ ଏକ ଖାଦ୍ୟ ହେଉଛି କଫିନ୍ । ବିଶେଷକରି କଫିରେ କଫିନ୍ ଅଧିକ ମାତ୍ରାରେ ରହିଥାଏ । ତେବେ କଫି ପିଇଲେ ଥାଇରଏଡ୍ ନ ବଢ଼ିଲେ ମଧ୍ୟ ଶରୀରରେ ଅନ୍ୟସବୁ ସମସ୍ୟା ଦେଖାଦେଇଥାଏ । ଯେପରିକି ନିଦ ନ ହେବା ଏକ ସମସ୍ୟା ।

ଥାଇରଏଡ୍ ରୋଗୀ ରେଡ୍ ମିଟ୍ ଖାଇବା ଉଚିତ୍ ନୁହେଁ । ଏଥିରେ କୋଲେଷ୍ଟ୍ରଲ୍ ଓ ଫ୍ୟାଟ୍ ଅଧିକ ମାତ୍ରାରେ ରହିଥାଏ । ତେଣୁ ଏହାକୁ ଖାଇଲେ ଓଜନ ଶୀଘ୍ର ଢ଼ିଥାଏ ।

କେବଳ ଏତିକି ନୁହେଁ, ଥାଇରଏଡ୍ ରୋଗୀ ନିଶାଦ୍ରବ୍ୟ ସେବନ କଲେ ଶରୀରରେ ଆଲର୍ଜି ହେବାର ଆଶଙ୍କା ରହିଥାଏ । ଏଣୁ ସେମାନଙ୍କ ନିଦ୍ରା ପ୍ରଭାବିତ ହୋଇଥାଏ ଏବଂ ଏହାଦ୍ୱାରା ଅଷ୍ଟିଓପୋରାସିସ୍ ରୋଗର ବିପଦ ବଢ଼ିଥାଏ ।

ଅନ୍ୟ ଏକ ଖାଦ୍ୟ ହେଉଛି ବନସ୍ପତି ଘିଅ । ଏହି ଘିଅ ଖାଇଲେ ଶରୀରରେ ଥିବାଭଲ କୋଲେଷ୍ଟ୍ରଲ ନଷ୍ଟ ହୋଇ ଖରାପ କୋଲେଷ୍ଟ୍ରଲର ବୃଦ୍ଧି ହୋଇଥାଏ । ଏଥିପାଇଁ ବାହାର ଜିନିଷ ଖାଇବା ପୂର୍ବରୁ ଧ୍ୟାନରେ ରଖନ୍ତୁ, ଯେପରି ଏହି ଖାଦ୍ୟ ବନସ୍ପତି ଘିଅରେ ପ୍ରସ୍ତୁତ ହୋଇନଥିବ ।



# ଆଂଟି କରୋନା ସ୍ମାର୍ଟ ବ୍ୟାଗ୍

କରୋନାର ଲହରରେ ପୁଣିଥରେ ସାରା ଭାରତବାସୀ ହନ୍ତସନ୍ତ ହେଉଛନ୍ତି । ସବୁକିଛି ଠିକ୍ ହୋଇଯିବା ଆଶା ପୁଣିଥରେ ମଉଳି ଯାଇଛି । ଖୋଲିଥିବା ସ୍କୁଲ କଲେଜ ପୁଣିଥରେ ବନ୍ଦ ହୋଇଛି । ତେବେ ବାରାଣସୀରେ ଏକାଦଶ ଶ୍ରେଣୀରେ ପଢୁଥିବା ଛାତ୍ର ପୁଷ୍କର ସିଂ ତିଆରି କରିଛନ୍ତି ଏମିତି ଏକ ଜିନିଷ ଯାହାକୁ ବ୍ୟବହାର କଲେ ଛାତ୍ରୀଛାତ୍ରଙ୍କ ପାଇଁ ରହିବନି କରୋନାର ସଂକ୍ରମଣର ଏତେଟା ଭୟ । ସେହି ଜିନିଷଟି ହେଉଛି ଏକ ବ୍ୟାଗ୍ । ବାରାଣସୀର ଆର୍ଯ୍ୟନ ଇଂଟରନ୍ୟାଶନାଲ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ପୁଷ୍କର କୁହନ୍ତି, ମୋର ଏହି ବ୍ୟାଗ୍ ହେଉଛି ଏକ ଆଂଟି କରୋନା ସ୍ମାର୍ଟ ବ୍ୟାଗ୍ । ଏହାଦ୍ୱାରା ସୋସିଆଲ ଡିଷ୍ଟାନ୍ସ ବଜାୟ ରହିବ । ତା ସହ ପିଲା ଯଦି ହଜିଯାନ୍ତି ତେବେ ଏହା ଲୋକେଶନ୍ ଜଣେଇଦେବ । କାରଣ ବ୍ୟାଗର ଆଗରେ ପଛରେ ଦୁଇଟି ଅଲ୍ଟ୍ରାସୋନିକ ସେନ୍ସର ଲଗାଯାଇଛି । ବ୍ୟାଗ୍‌କୁ ପିଠିରେ ଝୁଲାଇବା କ୍ଷଣି ସେନ୍ସର ଆକ୍ଟିଭ୍ ହୋଇଥାଏ । ଆଉ ପିଲାଟିର ବାମ ଡାହାଣର ଦୁଇ ଗଜ ଦୂରତା ପରିବ୍ୟାପ୍ତ ଅଂଚଳରେ ଯଦି କେହି ଆସିଯାଆନ୍ତି ତେବେ ସଂଗେ ସଂଗେ ଆଲାର୍ମ ବାଜି ଉଠିବ । ଫଳରେ ପିଲା ସତର୍କ ହୋଇଯିବେ । ଏହାବ୍ୟତୀତ ଏଥିରେ ଏକ ବିଶେଷ ପ୍ରକାରର ବାର୍‌କୋଡ ଲାଗିଛି, ଯେଉଁଥିରେ ବାପମାଙ୍କ ନା, ଫୋନ୍ ନମ୍ବର ଓ ଠିକଣା ଥାଏ । ତେରୁ ପିଲା ହଜିଗଲେ ଏହା ସାହାଯ୍ୟରେ ପିଲାଙ୍କୁ ଖୋଜିବା ସହଜ ହେବ । ଏହାକୁ ତିଆରି କରିବାକୁ ପୁଷ୍କରଙ୍କୁ ଏକ ସପ୍ତାହ ସମୟ ଲାଗିଥିଲା । ଏଥିରେ ସେ ଅର୍ଡିନୋ, ଅଲ୍ଟ୍ରାସୋନିକ୍ ସେନ୍‌ସର, ୩.୭ ଭୋଲ୍ଟ ବ୍ୟାଟେରି, ଆଲାର୍ମ, ପୁଶ୍ ସ୍ୱିଚ୍ ଓ ବାର୍‌କୋଡ୍ ବ୍ୟବହାର କରିଛନ୍ତି । ଆଉ ଖର୍ଚ୍ଚ କରିଛନ୍ତି ୧୫୦୦-୨୦୦୦ ଟଙ୍କା ।



# ରାଜସ୍ୱ ମନ୍ତ୍ରୀଙ୍କୁ ଘୁମୁସର ଜିଲ୍ଲା ଗଠନ ପାଇଁ ସ୍ମାରକ ପତ୍ର ପ୍ରଦାନ



ବୁଗୁଡା ୧୮/୨ (ନି.ପ୍ର): ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୃହହୀନଙ୍କୁ ଘରଚିହ୍ନ ପଟ୍ଟା ଓ ଭଞ୍ଜନଗର ବାସୀଙ୍କୁ ଗ୍ରାମକଣ୍ଠ ପଟ୍ଟା ବଣ୍ଟନ ପାଇଁ ଭଞ୍ଜନଗର ଟାଉନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫେବୃୟାରୀ ୧୬ ତାରିଖ ଦିନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ଓ ତହସିଲଦାର ମଞ୍ଜୁସୀନ ଥିଲେ। ଗଞ୍ଜାମ ଜିଲ୍ଲାର ଉନ୍ନତି ପାଇଁ ଜିଲ୍ଲାର ସବୁ ବିଧାୟକମାନଙ୍କ ସହ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଆଉଜଣେ ବିଧାୟକ ଭାବେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜଣେ ଅତିରିକ୍ତ ରାଜସ୍ୱ କମିଶନରଙ୍କୁ ଭଞ୍ଜନଗରରେ ଅବସ୍ଥାପିତ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଘୁମୁସର ଜିଲ୍ଲାଦାବୀ ଆନ୍ଦୋଳନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ତଥା ବରିଷ୍ଠ ଆଡଭୋକେଟ ସୋମନାଥ ନାୟକଙ୍କ ନେତୃତ୍ୱରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ରବିନାରାୟଣ ସାମନ୍ତ, ପଣ୍ଡିତ ବିପ୍ର ଚରଣ ସାହୁ, ପିତାମ୍ବର ପରିଡା ଗୋବିନ୍ଦ ଚନ୍ଦ୍ର ଲେଙ୍କା ପ୍ରମୁଖ ଏକ ପ୍ରତିନିଧି ଦଳ ଘୁମୁସର ଜିଲ୍ଲା ତୁରନ୍ତ ଘୋଷଣା ଦାବୀରଖି ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ମାନ୍ୟବର ବିଧାୟକ ଶ୍ରୀ ନାୟକ ଉପସ୍ଥିତ ରହି କହିଥିଲେ ଯେ ସେ ଏଦିଗରେ ମନ୍ତ୍ରୀଙ୍କୁ ସବୁ ସୂଚାଇ ସାରିଛନ୍ତି, ଯଥା ଶୀଘ୍ର ଏହି ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବ୍ରାହ୍ମଣ ସମାଜ ର ଚତୁର୍ଥତମ ରାଜ୍ୟ ସ୍ତରୀୟ ସମ୍ମିଳନୀ

ଆଠମଲ୍ଲିକ ୧୮/୨ (ନି.ପ୍ର): ଅନୁଗୁଳ ଜିଲ୍ଲା ବ୍ରାହ୍ମଣ ମହାସଂଘ ତରଫରୁ ଅନୁଗୁଳ ସହର ରେ ଥିବା ମାରୱାଡ଼ି ଧର୍ମଶାଳା ପରିସରରେ ୪ର୍ଥ ରାଜ୍ୟ ସ୍ତରୀୟ ବ୍ରାହ୍ମଣ ମହାସଂଘ ର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ସଭା ରେ ଆଠମଲ୍ଲିକ ବ୍ରାହ୍ମଣ ମହାସଂଘ ର ସଭାପତି ପଣ୍ଡିତ ରାଧାମୋହନ ତ୍ରିପାଠୀ,ଉପସଭାପତି ସାମ୍ବାଦିକ ସୁବୋଧ କୁମାର ମିଶ୍ର, ଉପଦେଷ୍ଟା ଭାନୁ ଶଙ୍କର ମିଶ୍ର, ସମ୍ପାଦକ ବଦ୍ରି ନାରଣ ମିଶ୍ର, ଆଇନ ଜିବି ସୁନୀଲ କୁମାର ଶାସିମ,ଟୁଟୁ ପାଢ଼ି, ଠାକୁର ଗଡ ର ସମ୍ପାଦକ କୁମୁଦ ମିଶ୍ର, ସାନହୁଲା ରୁ ମଦନ ମିଶ୍ର, କୃତିବାସପୁର ର ଯଗେଶ୍ୱର ଶତପଥି, କିଶୋର ନଗର ରୁ ବିଜନ କୁମାର ତ୍ରିପାଠୀ, ଏଭଳି ବହୁସଦସ୍ୟ ଥିଲେ।ଆଠମଲ୍ଲିକ ବ୍ରାହ୍ମଣ ମହାସଂଘ ର ସଭାପତି, ଉପସଭାପତି,ଉପଦେଷ୍ଟା ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମଞ୍ଚ ରେ ସମ୍ବର୍ଦ୍ଧନା କରାଯାଇଥିଲା।ଅନୁଗୁଳ ଜିଲ୍ଲା ବ୍ରାହ୍ମଣ ମହାସଂଘ ର ସମ୍ପାଦକ ଆର୍ତ୍ତଭଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଓଡିଶା ବ୍ରାହ୍ମଣ ମହାସଂଘ ର ସଭାପତି ଡ଼ଃ ସଦାନନ୍ଦ ଦୀକ୍ଷିତ ବ୍ରାହ୍ମଣ ମାନଙ୍କ ଉନ୍ନତି ପାଇଁ ମହାସଂଘ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛି ବୋଲି ତାଙ୍କ ର ଅଭି ଭାଷଣ ରେ କହିଥିଲେ।ଅଖିଳ ଭାରତ ବ୍ରାହ୍ମଣ ମହାସଙ୍ଘର ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ କବି, ଲେଖକ, ଶତାୟୁ ବ୍ୟକ୍ତି ଓ ପ୍ରତିଭାବାନ ବ୍ୟକ୍ତି ଙ୍କୁ ସନମାନୀତ କରାଯାଇଥିଲା। ପରିଶେଷ ରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରି ସଭା କୁ ସାଙ୍ଗ କରିଥିଲେ।

## ପୋଖରୀ ରେ ବୁଡ଼ିଗଲେ ବୃଦ୍ଧ

ପାଟଣା ୧୮/୨ (ନି.ପ୍ର): : ପାଟଣା ବ୍ଲକ ଅନ୍ତର୍ଗତ ଖିରେଇ ଟାଙ୍ଗରି ପଞ୍ଚାୟତ ଡଳଙ୍ଗ ଗ୍ରାମର ଜଣେ ବୃଦ୍ଧ ପୋଖରୀ ରେ ବୁଡି ପ୍ରାଣ ହରାଇଛନ୍ତି।ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତ(୮୦)ଆଜି ପୋଖରୀ ଗାଧେଇବାକୁ ଯାଇ ବୁଡି ଯାଇଥିଲେ।ଗ୍ରାମବାସୀ ମାନେ ତାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।ପାଟଣା ଅଗ୍ନିଶମ ବାହିନୀ ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ନିଆଁ ଲିଭା କାର୍ଯ୍ୟ ରେ ନିୟୋଜିତ ଥିବାରୁ କେନ୍ଦୁଝରରୁ ଦମକଳ ବାହିନୀ ଆସି ଆଜି ସନ୍ଧ୍ୟାରେ ପୋଖରୀ ରୁ କୃଷ୍ଣଚନ୍ଦ୍ର ଙ୍କ ଶବକୁ ଉଦ୍ଧାର କରିଛି।ତୁରୁମୁଙ୍ଗା ପୁଲିସ ଘଟଣାର ତଦନ୍ତ କରୁଛି।

## ନୂତନ ବ୍ଲକ ଅଧକ୍ଷା ଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ସରପଞ୍ଚ ଓ ସମିତି ସଭ୍ୟ

ପାଟଣା ୧୮/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ ଅନାସ୍ଥା ଭୋଟ ରେ ହାରିବା ପରେ ଆଜି ପାଟଣା ବ୍ଲକ ଭାରାପ୍ରାପ୍ତ ଅଧକ୍ଷା ଭାବେ ବୀଣା ପାଣି ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ସମୟରେ ପାଟଣା ବିଡିଓ ମାନସ କୁମାର ଦଣ୍ଡ ପାଟ, କନିଷ୍ଠ ଯନ୍ତ୍ରୀ ସିଦ୍ଧ ମାଝି, ଯନ୍ତ୍ରୀ ସସ୍ମିତା ନାୟକ , ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ ଙ୍କ ସହ ୨୦ରୁ ରୁ ଅଧିକ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ମାନେ ନୂତନ ବ୍ଲକ ଅଧକ୍ଷାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏନେଇ ନୂତନ ଭାବେ ବ୍ଲକ ଅଧକ୍ଷା ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ନାୟକ କହିଛନ୍ତି ଯେ ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ନେଇ ମିଳିତ ଭାବେ କାମ କରିବେ ବୋଲି ସୂଚନା ଦେଇଛନ୍ତି।

## ବିଜେଡ଼ି ଛାଡ଼ିଲେ ଘଟଗାଁ ବ୍ଲକ ଯୁବ ବିଜେଡ଼ି ସଭାପତି , ସାଂସଦଙ୍କ ଉପସ୍ଥିତି ରେ ଧରିଲେ ପଦ୍ମ



ପାଟଣା ୧୮/୨ (ନି.ପ୍ର): ବିଜେଡ଼ି ରୁ ଇସ୍ତଫା ଦେଇ ବିଜେପି ରେ ଯୋଗ ଦେଇଛନ୍ତି ଘଟଗାଁ ବ୍ଲକ ଯୁବ ବିଜେଡ଼ି ସଭାପତି ରତନ ପଲେଇ । କେନ୍ଦୁଝର ସାଂସଦ ଅନନ୍ତ ନାୟକ ଙ୍କ ଉପସ୍ଥିତି ରେ ଆଜି ବିଜେପି ରେ ସାମିଲ ହୋଇଛନ୍ତି ଶ୍ରୀ ପଲେଇ ଏହାଛଡା ବଡ଼ଜାମୁପଶି ସରପଞ୍ଚ ଯମୁନା ମୁଣ୍ଡା , ନାଏବ ସରପଞ୍ଚ ବସନ୍ତ ପଇଦା, ସ୍ଥାନୀୟ ୱାର୍ଡ ମେମ୍ବର ଦୁଖବନ୍ଧୁ ପଇଦା , ଦୁର୍ଯ୍ୟୋଧନ ନାଏକ , ସର୍ଦାର ମୁଣ୍ଡା , ଇତିଶ୍ରୀ ନାଏକ , ଜୟନ୍ତୀ ନାୟକ , ରିନାରାଣୀ ମହାନ୍ତ , ବିନତି ମୁଣ୍ଡା, ରମାକାନ୍ତ ବଦ୍ରା , ଦମୟନ୍ତୀ ନାୟକ , ପଦ୍ମନାଭ ପଲେଇ ପ୍ରମୁଖ ୧୧ ଜଣ ୱାର୍ଡ ମେମ୍ବର ବିଜେପି ରେ ସାମିଲ ହୋଇଛନ୍ତି । ଅନ୍ୟ ମାନଙ୍କ ମଧ ରେ ସାଂସଦଙ୍କ ବ୍ଲକ ପ୍ରତିନିଧି ଅଖିଳ ପାତ୍ର, ବରିଷ୍ଠ ବିଜେପି ନେତା ଅମର ସିଂ , ଘଟଗାଁ ମଣ୍ଡଳ ସଭାପତି ରବି ନାରାୟଣ ଦେହୁରୀ , ରୁଦ୍ର ପ୍ରସାଦ ବେହେରା , ଜୟଦେବ ଗିରି, ଜିତେନ୍ଦ୍ର ପଲେଇ, ଇନ୍ଦ୍ରମଣି ମହାନ୍ତ , ରାମଚନ୍ଦ୍ର ସାହୁ ପ୍ରମୁଖ ଲଙ୍ଗଳକଣ୍ଟି ଗ୍ରାମସ୍ଥ ସାଂସଦ ଙ୍କ ବାସଭବନ ରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବ ରେ ଉପସ୍ଥିତ ଥିଲେ ।

# ଦାବୀ ପୂରଣ ନ ହେଲେ ବିଧାନସଭା ଘେରାଉ କରାଯିବ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ଶାଖା



ଛତ୍ରପୁର ୧୮/୨ (ନି.ପ୍ର): ବିଭିନ୍ନ ଦାବି ନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲ୍ଲା ପକ୍ଷରୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କୁ ତୀବ୍ର କରାଯିବା ସହ ବିଧାନସଭା ଘେରାଉ କରିବେ ବୋଲି ସେମାନେ ଚେତବନୀ ଦେଇଛନ୍ତି । ଅନୁଦାନରୁ ବାଦ ପଡିଥିବା ୧୯୪ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର କର୍ମଚାରୀ ମାନଙ୍କୁ ଅବସରକାଳୀନ ପେନସନ୍ ପ୍ରଦାନ କରିବା, ଅବସର ବୟସସୀମା ୬୨ ବର୍ଷକୁ ବୃଦ୍ଧି କରିବା, ସମାନ କାମକୁ ସମାନ ଦରମା ପ୍ରଦାନ କରିବା ସମେତ ବିଭିନ୍ନ ଦାବି ଉପରେ ଆଲୋକପାତ କରିଛନ୍ତି । ଏହି ଦାବୀ ପତ୍ର ପ୍ରଦାନ ବେଳେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା, ଓଷ୍ଟା ର ଜିଲ୍ଲା ଆବାହକ ହିମାଂଶୁ କୁମାର ପଟ୍ଟନାୟକ, ନୀଳାମ୍ବର ପଟ୍ଟନାୟକ, କେ. ପୂର୍ଣ୍ଣ ଚନ୍ଦ୍ର ଦୋରା, କୃଷ୍ଣ ଚନ୍ଦ୍ର ଦାଶ, ଆନନ୍ଦ କୁମାର ପାତ୍ର, ଶ୍ରୀହରି ପଟ୍ଟନାୟକ, ଚତୃର୍ଭୁଜ ଭୂୟାଁ ଓ ଯୁଧିଷ୍ଠିର ପାଢ଼ୀ ଙ୍କ ବହୁ ସଂଘ ର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ସାହାରପଡା ରେ ନୂତନ ବ୍ଲକ ଶିକ୍ଷାଧିକାରୀ ଙ୍କ ଯୋଗଦାନ

ପାଟଣା ୧୮/୨ (ନି.ପ୍ର): ସାହାରପଡା ବ୍ଲକ ଶିକ୍ଷାଧିକାରୀ ଭାବେ ଆଜି ତପୋଧନ ସ୍ୱାଇଁ କାର୍ଯ୍ୟରେ ଯୋଗଦାନ କରିଛନ୍ତି।ଏହା ପୂର୍ବରୁ ଶ୍ରୀ ସ୍ୱାଇଁ ଘଷିପୁରା ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ ରତ ଥିଲେ।ଆଜି ଶ୍ରୀ ସ୍ୱାଇଁ କାର୍ଯ୍ୟରେ ଯୋଗଦେବା ପରେ ସାହାରପଡା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଅନ୍ତର୍ଯ୍ୟାମୀ ମହାପାତ୍ର,ଲୁଲୁ ବାରିକ,କଳାକର ମହାନ୍ତ, ଉପେନ୍ଦ୍ର କୁମାର ପାତ୍ର ଓ ମହେଶ ପ୍ରସାଦ ଦାସ ପ୍ରମୁଖ ଅନ୍ୟମାନେ କାର୍ଯ୍ୟାଳୟ ରେ ଶ୍ରୀ ସ୍ୱାଇଁ କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଟ୍ରଲର - ବାଇକ୍ ଧକ୍କା ,ଜଣେ ଗୁରୁତର

ପାଟଣା ୧୮/୨ (ନି.ପ୍ର): ୪୯ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଟୁରୁମୁଙ୍ଗା ନିକଟରେ ଟ୍ରଲର ଓ ବାଇକ୍ ମଧରେ ଦୁର୍ଘଟଣା ରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି।ବାଇକ୍ ଚାଳକ ଙ୍କୁ ବଞ୍ଚାଇବା ପାଇଁ ଟ୍ରଲର ଟି ମଝି ରାସ୍ତା ଡିଭାଇଡର ଉପରେ ଚଢ଼ି ଯାଇଥିଲା।ଘଟଣା ସ୍ଥଳରୁ ଗୁରୁତର ଙ୍କୁ ପଥକର ଫାଟକ ରୋଗିଜାନ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିବା ବେଳେ ତୁରୁମୁଙ୍ଗା ପୁଲିସ ଘଟଣା ର ତଦନ୍ତ କରୁଛି ।

# ଶଙ୍କରେଶ୍ୱର ପୀଠରେ ନାରାୟଣ ଯଜ୍ଞ ସମାପନ

ନିଶ୍ଚିନ୍ତକୋଇଲି , ୧୮/୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ବରାଦୋ ପଂଚାୟତ ପାଟପୁର ଗ୍ରାମର ଆରାଧ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ୭୮ତମ ଅଗ୍ନିଷ୍ଟୋମ ନାରାୟଣୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ସପ୍ତଦିବସ ବ୍ୟାପୀ ଯଜ୍ଞର ରବିବାର ପୂର୍ଣ୍ଣାହୂତୀ କାର୍ଯ୍ୟ ସମାପନ ହୋଇଛି । ପଣ୍ଡିତ ନିରଞ୍ଜନ ଶତପଥି ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ଯଥାରୀତି ଯଜ୍ଞ ପୂଜାର୍ଚ୍ଚନା କରାଯାଇଥିଲା । ଶଙ୍କରେଶ୍ୱର ମହାଦେବଙ୍କ ପବିତ୍ର ପୁଷ୍କରିଣୀରୁ ୧୦୮ ପିତଳ କଳସୀରେ ଜଳଉ□ୋଳନ କରାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯିବା ପରେ ଶଙ୍କରେଶ୍ୱରଙ୍କ ମୁଖ୍ୟ ପୂଜକ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ମନ୍ଦିର ମଧ୍ୟରୁ ଚଳନ୍ତି ପ୍ରତିମା ଯଜ୍ଞ ମଣ୍ଡପକୁ ଅଣାଯିବା ପରେ ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା, ଆଳତୀ ଓ ବେଦପାଠ କରାଯାଇଥିଲା । ଶଙ୍କରେଶ୍ୱର ଡ୍ରାମାଟିକ୍ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଇ ଦିନ ଖୋଲା ମଂଚ ନାଟକ ପରିବେଷଣ କରାଯାଇଥିଲା । ଚଳିତ ବର୍ଷ କର୍ତ୍ତା ଭାବେ ଚୌଧୁରୀ ଦେବାଶିଷ ନନ୍ଦ, କର୍ତ୍ତୀ ଭାବେ ତାଙ୍କ ପତ୍ନୀ ହିରଣ୍ୟମୟୀ ନନ୍ଦ କାର୍ଯ୍ୟ ତୁଲାଇଥିଲେ । ଯଜ୍ଞ ପରିଚାଳନା କମିଟି ସଭାପତି ଚୌଧୁରୀ ଉମାକାନ୍ତ ନନ୍ଦଙ୍କ ସଂଯୋଜନାରେ ବିଭୂତି ଭୂଷଣ ସାମଲ, ରସାନନ୍ଦ ସାମଲ, ଶାରଦା ପ୍ରସନ୍ନ ନନ୍ଦ, ସତ୍ୟାନନ୍ଦ ସାହୁ, କେଶବ ମହାପାତ୍ର, ଭରତ ଚନ୍ଦ୍ର ବିଶ୍ୱାଳ, ଚୌଧୁରୀ ଅନ୍ନଦା ପ୍ରସାଦ ନନ୍ଦ, ଶିବ ପ୍ରସାଦ ଶତପଥିଙ୍କ ସମେତ ପାଟପୁର, ମାତକତପୁର, ମହାଜନପୁର, ରିସୋ, ବରାଦୋ, ଏକ୍ରାମନଗର, ଗୁରେଇପୁର, ନଟରା, ଖଣ୍ଡଗାଁ, ଚମ୍ପତିପାଟଣା, ବଡରାଉତପତି, ଛୁଆଳିଆ, ପାଇକରାପୁର, ଜିଗ୍ନିପୁର, ଲାଲବାଗ, ତିରୀବିନ୍ଧା, ଜମରା, ବୁହାଲୋ, କାଶୀପୁର,ସୁନାଖଣ୍ଡି, ଏକରୁଖି, ସାଇଗୋଡା ଗ୍ରାମବାସୀ ଓ ବିଶିଷ୍ଟ ଭଦ୍ରବ୍ୟକ୍ତି ବୃନ୍ଦଙ୍କ ସାହାଯ୍ୟ ସହଯୋଗରେ ଯଜ୍ଞ ପୂର୍ଣ୍ଣାହୂତୀ କାର୍ଯ୍ୟ ସମାପନ ହୋଇଥିଲା । ଉକ୍ତ ଧାର୍ମିକ ଅନୁଷ୍ଠାନରେ ମାହାଙ୍ଗା ବିଧାୟକ ଶ୍ରୀମାନ୍ ଶାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ଯୋଗଦେଇ ବିଭୁକୃପା ଲାଭ କରିଥିଲେ ।

## ନିଲମ୍ବନ ପ୍ରତ୍ୟାହୃତ ପରେ କଟକ ଶକ୍ତିନଗର କଂଗ୍ରେସରେ ଖୁସୀର ଲହରୀ



ନିଶ୍ଚିନ୍ତକୋଇଲି ୧୮/୨ (ନି.ପ୍ର): କଟକ ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ ହୋଇଛି । ଏଠାରେ ସୂଚନା ଥାଉ କି ନବ ନିଯୁକ୍ତ ପିସିସି ସଭାପତି ଭକ୍ତ ଚରଣ ଦାସ ପୂର୍ବରୁ ରାଜ୍ୟରେ ନିଲମ୍ବିତ ହୋଇଥିବା ସମସ୍ତ କଂଗ୍ରେସ ନେତା ଓ କର୍ମୀମାନଙ୍କ ଉପରୁ ସମୂହ ନିଲମ୍ବନ ପ୍ରତ୍ୟାହୃତ କରିନେଇଛନ୍ତି । ଏହି ଅବସରରେ ଶ୍ରୀ ଗୋଛାୟତଙ୍କୁ କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଂପାଦକ ସଚ୍ଚିଦାନନ୍ଦ ରାଉତଙ୍କ ତତ୍ୱାବଧାନରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସ୍ୱାଗତ ଅଭିନନ୍ଦନ କରାଯାଇଥିଲା । ଗୋଛାୟତଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହୃତ ପରେ କଟକ ସଦର ଅଂଚଳରେ କଂଗ୍ରେସ ଅଧିକ କ୍ରିୟାଶୀଳ ହୋଇ ପାରିବ । ଶ୍ରୀ ଗୋଛାୟତ ଏଥିପାଇଁ ପିସିସି ସଭାପତି ଭକ୍ତଚରଣ ଦାସ, କଟକ ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମାନସ ଚୌଧୁରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ କଟକ ନଗର ଜିଲ୍ଲା କଂଗ୍ରେସ ମୁଖ୍ୟମୁଖପାତ୍ର ମାନସ ପରିଡା, ସାଧାରଣ ସଂପାଦକ ନିର୍ମଳ ସ୍ୱାଇଁ, ପୂର୍ବତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, ପୂର୍ବତନ ସଂପାଦକ ପ୍ରିୟଜିତ୍ ରାୟ, ୧ନମ୍ବର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ବେହେରା, ଯୁବନେତା ପ୍ରତ୍ୟୁଷ ସାହୁ, ସନ୍ତୋଷ ବିଶ୍ୱାଳ, କାଳନ୍ଦୀ ଖଣ୍ଟିଆ, ବିକି. ଜେଠୀ, ଲିପୁଲ ରାଉତ, ରଜନୀ ବସ୍ତିଆ, ସୀତାକାନ୍ତ ପଣ୍ଡା, ନିହାର ରଂଜନ ନନ୍ଦ, ଋଷି କାଣ୍ଡି, ଜୟନାରାୟଣ ତ୍ରିପାଠୀ, ପ୍ରାକ୍ତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଉଗ୍ରେସେନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଗୋଛାୟତଙ୍କୁ ଉତ୍ତରୀୟ ଓ ଫୁଲତୋଡା ପ୍ରଦାନ ପୂର୍ବକ ସ୍ୱାଗତ କରିବା ସହ ପିସିସି ସଭାପତି ଭକ୍ତ ଦାସ ଓ ମାନସ ଚୌଧୁରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ବହୁ ପ୍ରତିକ୍ଷିତ ସୁବର୍ଣ୍ଣ ଜୟନ୍ତି ମହୋତ୍ସବ ମହା ଆଡ଼ମ୍ବରରେ ପାଳିତ ଜର୍ଜ ହାଇସ୍କୁଲ ୧୯୭୫ ମେଟ୍ରିକ୍ ବ୍ୟାଚର ପାରିବାରିକ ବନ୍ଧୁ ମିଳନ

ବରଗଡ଼ ୧୮/୨ (ନି.ପ୍ର): ରବିବାର ଦିନ ସତ୍ୟ ନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ଏବଂ ଗୋବିନ୍ଦ ଦାଶ ଓ ନିର୍ମଳ କିଶୋର କରଙ୍କ ନେତୃତ୍ୱରେ ବରଗଡ଼ ଉପକଣ୍ଠ ଆମସଡା ନିକଟସ୍ଥ ଲା-ଫ୍ଲୋରା ପ୍ରାକୃତିକ ଉଦ୍ୟାନ ରେ ବରଗଡ଼ର ସର୍ବପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲର ୧୯୭୫ ମେଟ୍ରିକ୍ ବ୍ୟାଚ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇ ଯାଇଛି।୧୯୭୫ ରୁ ୨୦୨୫ ଏହି ପଚାଶ ବର୍ଷରେ ଏବେ ସମସ୍ତେ ୬୫/୬୬ ବର୍ଷୀୟ ବରିଷ୍ଠ ନାଗରିକ।ଇତି ମଧ୍ୟରେ କେତେକ ଙ୍କ ସ୍ୱର୍ଗବାସ ହୋଇ ଯାଇଥିବାରୁ ଏବଂ ଆମକୁ ପାଠ ପଢାଉଥିବା କେତେକ ଶିକ୍ଷକ ଙ୍କ ସ୍ୱର୍ଗବାସ ହୋଇ ଯାଇଥିବାରୁ ସେମାନଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ନୂଆଦିଲ୍ଲୀ,କଟକ,ଭୁବନେଶ୍ୱର,ଜଗତ ସିଂହପୁର,ରାଉରକେଲା,ଝାରସୁଗୁଡ଼ା,ସମ୍ବଲପୁର ତଥା ସମଗ୍ର ଓଡିଶା ଓ ରାଜ୍ୟ ବାହାରୁ ବହୁ ଦୂରଦୂରାନ୍ତରୁ ଆସିଥିବା ବନ୍ଧୁମାନଙ୍କ ସହିତ ପଢାବେଳ ର କଥା ମନେପକାଇ ସମସ୍ତେ ଭାବ ବିହ୍ୱଳ ହୋଇ ଯାଇଥିଲେ।ଆଜି ପର୍ଯ୍ୟନ୍ତ ଜର୍ଜ ହାଇସ୍କୁଲର କୌଣସି ମେଟ୍ରିକ୍ ବ୍ୟାଚର କେବେହେଲେ ଏତେ ସଂଖ୍ୟକ ସାଙ୍ଗମାନଙ୍କ ଏକଜୁଟ ହେବା ଏହା ବୋଧହୁଏ ବରଗଡ଼ରେ ପ୍ରଥମ।ଏ ସମସ୍ତଙ୍କୁ ଏକଜୁଟ କରାଇ ବାରେ ସତ୍ୟ, ଅଭୟ, ନିର୍ମଳ,ଗୋବିନ୍ଦ,କୃଷ୍ଣ ଓ ଲଳିତ ଆଦି ଅହରହ ପ୍ରୟାସ ଜାରି ରଖିଥିଲେ। ଏମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଆଜି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଧୂମଧାମରେ ପାଳିତ ହୋଇଯାଇଅଛି !ଏହା ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ଥିଲା। ଆଗାମୀ ଦିନରେ ଏହିଭଳି ଭାବରେ ପ୍ରତିବର୍ଷ ପାରିବାରିକ ବନ୍ଧୁମିଳନ ଜାରି ରଖିବାକୁ ସମସ୍ତେ ମତବ୍ୟକ୍ତ କରିଥିଲେ।ଆସନ୍ତା ବର୍ଷ ଏକ ନିଆରା ଢଙ୍ଗରେ ସୁବର୍ଣ୍ଣ ଜୟନ୍ତି - ୨ ପାଳନ କରାଯିବ।

## ଐତିହାସିକ ଚନ୍ଦନ ପୁଷ୍କରିଣୀର ପୁନରୁଦ୍ଧାର ନିମନ୍ତେ ଶିଳାନ୍ୟାସ କଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ବାଣପୁର ୧୮/୨ (ନି.ପ୍ର): ଦୀର୍ଘ ୫୪ ବର୍ଷ ପରେ ରବିବାର ଦିନ ବାଣପୁର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ପ୍ରାଚୀନ ଚନ୍ଦନ ପୁଷ୍କରିଣୀର ପୁନଃରୁଦ୍ଧାର ପାଇଁ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶିଳାନ୍ୟାସ କରିଛନ୍ତି। ଗାଲୁଆ ଗ୍ରାମପଞ୍ଚାୟତର ସରପଞ୍ଚ ସୁରେଶ ଚନ୍ଦ୍ର ବାରିକୀ, ଯୁବନେତା ସନ୍ତୋଷ ଚୌଧୁରୀ ଓ ଭୀମପୁର ଗ୍ରାମବାସୀଙ୍କ ଅନୁରୋଧକ୍ରମେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୨୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା ସହିତ ଗ୍ରାମର ଶେଷ ଭାଗରେ ପ୍ରବାହିତ କଂସାରି ନଦୀ ଉପରେ ଏକ ସେତୁ, ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ, ବାନାମ୍ବର ଏକାଡ଼େମୀରେ ଯୁକ୍ତ ଦୁଇ ଶିକ୍ଷା ଆରମ୍ଭ ସହିତ କ୍ରୀଡ଼ା ଷ୍ଟାଡିୟମ୍ ଓ ପଣ୍ଡିତ ଗୋଦାବରୀଶମିଶ୍ରଙ୍କ ବାଲ୍ୟଶିକ୍ଷା ସ୍ଥଳୀ ଭୀମପୁର ପ୍ରାଥମିକ ବିଦ୍ୟାଳୟରରେ ପଣ୍ଡିତ ମିଶ୍ରଙ୍କ ସ୍ମୃତି ସଂଗ୍ରହାଳୟ ପରି ଅନେକ ଉନ୍ନତିମୂଳକ କାର୍ଯ୍ୟର ଘୋଷଣା କରିଥିଲେ।ପ୍ରଫେସର ନଳିନୀ କାନ୍ତ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ସଂଗଠକ ଜିତେନ୍ଦ୍ର ଭୋଳ, ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ବିଭୁତି ଭୂଷଣ ନନ୍ଦ, ବାଳମୁକୁନ୍ଦ ଦାସ, ଭେଟିନାଥ ଜେନା, ପ୍ରଶାନ୍ତ କାଣ୍ଡି, ବିରଞ୍ଚି ନାରାୟଣ କାଣ୍ଡି,ପଞ୍ଚାୟତର ସମସ୍ତ ଜନ ପ୍ରତିନିଧି, ବିଭିନ୍ନ ପଞ୍ଚାୟତର ସରପଞ୍ଚ,ଗ୍ରାମର ବିଭିନ୍ନ ମହିଳା ସଂଗଠନ ଓ ଗ୍ରାମବାସୀ ମାନେ ଯୋଗଦେଇଥିଲେ।

## ବାଲୁଗାଁ ନୂତନ ଏସଡିପିଓ ଭାବେ ଯୋଗଦେଲେ ସଞ୍ଜୟ କୁମାର ପଟ୍ଟନାୟକ

ବାଲୁଗାଁ ୧୮/୨ (ନି.ପ୍ର): ସୋମବାର ଦିନ ବାଲୁଗାଁ ନୂତନ ଏସଡିପିଓ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ଓପିଏସ ସଞ୍ଜୟ କୁମାର ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ଏହା ପୂର୍ବରୁ ଯାଜପୁର ରୋଡ ଏସଡିପିଓ ଭାବେ କାର୍ଯ୍ୟରତ ଥିଲେ । ତେବେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ସଫଳତାର ସହ ସେ ପୂର୍ବରୁ ଆଇଆଇସି ଭାବେ କାର୍ଯ୍ୟ କରିସାରିଛନ୍ତି । ଜିଲ୍ଲାର ଟାଙ୍ଗୀ, ବାଲୁଗାଁ ଓ ବାଣପୁର ଥାନାରେ ତାଙ୍କର ଆଇଆଇସି ଭାବେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଥିବା ବେଳେ ବର୍ତ୍ତମାନ ଏସଡିପିଓ ଭାବେ ଅଞ୍ଚଳରେ କାର୍ଯ୍ୟ କରିବାରେ ତାହା ସହାୟକ ହେବ । ଶ୍ରୀ ପଟ୍ଟନାୟକ ଆଜି ନୂତନ ବାଲୁଗାଁ ଏସଡିପିଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ବାଣପୁର ର ଅଧିଷ୍ଠାତ୍ରୀ ଦେବି ମା' ଭଗବତୀ ମନ୍ଦିର ଯାଇ ମା' ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ଏକାଧିକ ଅଞ୍ଚଳବାସି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ତେବେ ବାଲୁଗାଁ ପୋଲିସ ସବ ଡିଭିଜନ ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ସହ ଅଞ୍ଚଳକୁ ଅପରାଧ ମୁକ୍ତ ରଖିବା ତାଙ୍କର ପ୍ରାଥମିକତା ରହିବ ବୋଲି କହିଛନ୍ତି ।

## ଜେଲ ଅନ୍ତେବାସୀ ମାନଙ୍କୁ ସମାଜ ର ମୁଖ୍ୟ ଶ୍ରୋତ ରେ ସାମିଲ କରିବା ପାଇଁ ବରଗଡ଼ ଇସ୍କନ ର ଅଭିନବ ପ୍ରୟାସ

ବରଗଡ଼ ୧୮/୨ (ନି.ପ୍ର): ଜେଲର ସଲମାନ୍ କୁଜୁର ଙ୍କ ସଭାପତିତ୍ୱରେ ଜେଲ ଅନ୍ତେବାସୀ ମାନଙ୍କୁ ସମାଜ ର ମୁଖ୍ୟ ଶ୍ରୋତ ରେ ସାମିଲ କରିବା ପାଇଁ ବରଗଡ଼ ଇସ୍କନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇ ଥିଲା.ବରଗଡ଼ ଇସ୍କନ ପ୍ରଚାରକ ସୌଦା ମିନୀ ମାତାଜୀ ଏବଂ ଅଭିଜିତ ପ୍ରଭୁ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ଦୈନନ୍ଦିନ ଶ୍ରୀମଦ୍ଭାଗବଦ୍ ଗୀତା ପଠନ ଓ ହରେକୃଷ୍ଣ ହରେରାମ ମହାମନ୍ତ୍ର ଜପ ଦ୍ୱାରା ସମ୍ଭବ ବୋଲି ଉଦବୋଧନ ଦେଇଥିଲେ।ଏହା ସହିତ ୭ ଟି ପୁରୁଷ ସେଲ ଓ ଗୋଟିଏ ମହିଳା ସେଲ କୁ ଶ୍ରୀମଦ୍ଭାଗବଦ୍ ଗୀତା ଏବଂ ପ୍ରୟାଗ ରାଜ ରୁ ମୌନୀଅମାବାସ୍ୟା ଦିନ ତ୍ରୀବେଣୀ ସଂଗମ ରୁ ଅଣାଯାଇଥିବା ଜଳ ଅର୍ପଣ କରାଯାଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ଭାଗିରଥି ପ୍ରଭୁ,କାହ୍ନା ପ୍ରଭୁ,କିଶୋର ପ୍ରଭୁ, ତନୁଜା ମାତାଜୀ,ସୁରେଶ୍ୱରୀ ମାତାଜୀ, ଲିଳୀମା ମାତାଜୀ,ବାସନ୍ତୀ ମାତାଜୀ ଆଦି ଯୋଗଦେଇଥିଲେ।ଆଜିର କାର୍ଯ୍ୟକ୍ରମ ରେ ୨୫୦ ରୁ ଅଧିକ ଜେଲ ଅନ୍ତେବାସୀ ଯୋଗଦେଇ କୃଷ୍ଣ ପ୍ରେମରେ ମଜ୍ଜି ଯାଇ ଥିଲେ।ଜେଲର ଶ୍ରୀ କୁଜୁର ପ୍ରତିମାସରେ ଏହିପରି ମହାନ କାର୍ଯ୍ୟକ୍ରମ କରି ଜେଲ ସଂସ୍କାର ରେ ପରିବର୍ତ୍ତନ ଆଣିବାକୁ ଅନୁରୋଧ କରିଥିଲେ।ତାଙ୍କ ଅନୁରୋଧ କୁ ରକ୍ଷା କରି ବରଗଡ଼ ଇସ୍କନ ପ୍ରଚାରକ ଅଭିଜିତ ପ୍ରଭୁ ସହମତି ପ୍ରଦାନ କରି ଥିଲେ।ଶେଷରେ ସବ୍ ଜେଲର ଲିଙ୍ଗରାଜ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଷ୍ଠା ପରିବାରରେ ୧ୟୁନିଟ ରକ୍ତ ସଂଗ୍ରହ

ବରଗଡ଼ ୧୮/୨ (ନି.ପ୍ର): ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ଗାଁ ରେ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅବସର ରେ ଦୁର୍ଗା ମନ୍ଦୀର ପରିସର ରେ ଶିବ ମନ୍ଦିର ପ୍ରତିଷ୍ଠା କମିଟି ଓ ନିଷ୍ଠା ପରିବାର ର ମିଳିତ ଆନୁକୁଲ୍ୟ ରେ ନିଷ୍ଠା ପରିବାର ର ୫୧ଦିନ ଧରି ଚାଲିଥିବା ରେଡ ଡ୍ରପ ଅଲଟ୍ରା ମାରାଥନ ର ସତଚାଳିଶ ଦିନ (୪୭) ରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏହି ଶିବିର କୁ ଜଣାଶୁଣା ଡାକ୍ତର ତଥା ବିଶିଷ୍ଟ ସମାଜ ସେବୀ ଡାକ୍ତର ଶଙ୍କର ରାମ ଚନ୍ଦାନୀ ଓ ତାଙ୍କ ପତ୍ନୀ ଡାକ୍ତର ଶିଖା ରାମ ଚନ୍ଦାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରି ଥିଲେ।ସମ୍ମାନିତ ଅତିଥି ଭାବରେ ମନ୍ଦୀର ପରିଚାଳନା କମିଟି ର ସଦସ୍ୟ ବିଶ୍ୱନାଥ ସାହୁ ଓ ଲକ୍ଷ୍ମଣ ନନ୍ଦ ଯୋଗ ଦେଇ ଥିଲେ।ଆଜି ଡାକ୍ତର ଶଙ୍କର ରାମ ଚନ୍ଦାନୀ ଙ୍କ ର ୧୪ତମ ବିବାହ ବାର୍ଷିକୀ କୁ ଆମ ରକ୍ତ ଦାନ ଶିବିର ରେ ପାଳନ କରିଥିଲୁ ।ଏହି ଶିବିର ରୁ ସର୍ବମୋଟ ୩୧ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା।

## ଆଜାଦ୍ କ୍ରିକେଟ କ୍ଲବ ସୁକରପଡା ପକ୍ଷରୁ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି ୧୮/୨ (ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଜାଦ୍ କ୍ରିକେଟ କ୍ଲବ ସୁକରପଡା ପକ୍ଷରୁ ଦୁଇ ଦିନିଆ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେ□ର ଆୟୋଜନ କରାଯାଇଥିଲା । ଉକ୍ତ ଟୁର୍ଣ୍ଣାମେ□ରେ ଗ୍ରାମା□ଳର ମୋଟ ୧୬ ଗୋଟି କ୍ରିକେଟ ଦଳ ଭାଗ ନେଇଥିଲା ବେଳେ ଫାଇନାଲ ମ୍ୟାଚ୍‌ରେ ସୁକରପଡା କ୍ରିକେଟ କ୍ଲବକୁ ପରାସ୍ତ କରି ଗୌଡପଡା କ୍ରିକେଟ ଦଳ ଚମ୍ପିୟାନ ହୋଇଥିଲା । ଉଦ୍‌ଯାପନୀ ଦିବସରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଦକ୍ଷ କଂଗ୍ରେସ ସଂଗଠକ ତଥା ତଥା ପିସିସି ସଦସ୍ୟ ପ୍ରଦୀପ୍ତ ଦାସ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଖେଳାଳୀମାନେ ସ୍ୱାବଲମ୍ବୀ ହେବା ସହ ଭଲ ଖେଳ ପ୍ରଦର୍ଶନ କରୁଥିବା ଖେଳାଳୀମାନେ କିଭଳି ଜିଲ୍ଲା ଓ ରାଜ୍ୟ ସ୍ତରକୁ ଯାଇ ଖେଳ ପ୍ରଦର୍ଶନ କରି ନିଜର ନାଁ କରିବା ସହିତ ମାହାଙ୍ଗାକୁ ଗୌରବାନ୍ୱିତ କରିପାରିବେ ସେଥିପାଇଁ ଯାହା ଆବଶ୍ୟକ ଖେଳାଳୀମାନଙ୍କ ଭାଇ ଭଳି ସର୍ବଦା ତାଙ୍କୁ ସହଯୋଗର ହାତ ବଢାଇବେ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ଯୁବ କଂଗ୍ରେସ ସଭାପତି ଏସ୍ . କେ ସଦାମ୍, ଅମୀଲ ହଜେଫ ମୁଜମିଲ୍, ତୋହିଦ୍ ଫୋୟାଜ, ମଞ୍ଜୁର ସବୋ, ଆଜାଦ୍ ସୁଲତାନ ସାହିଲ, ଆୟାନ୍ ମୁସେବ, ମୁନା ସୋୟାବ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରଛାତ୍ରୀ ଙ୍କ ସହ ମଧ୍ୟାହ୍ନ ଭୋଜନଖାଇଲେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ

ପାଟଣା ୧୮/୨ (ନି.ପ୍ର): ଜିଲ୍ଲପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶ ପାଳନ କରି ଆଜି କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ବୀରକିଶୋର ମାରାଣ୍ଡି ଓ ଘଟଗାଁ ବ୍ଲକ ଯୋଗାଣ ନିରୀକ୍ଷକ ଭାସ୍କର ବାରିକ ଆଜି ଘଟଗାଁ ବ୍ଲକ ଅନ୍ତର୍ଗତ ବଡମସିଣାବିଲ୍ଲା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସହ ମିଶି ମଧ୍ୟାହ୍ନ ଭୋଜନ ଖାଇଛନ୍ତି । ଆଜି ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଭାତ,ଡାଲମା ଓ ଅଣ୍ଡା ସହ ସୋମବାର ଆମିଷ ଖାଉ ନଥିବା ଛାତ୍ରଛାତ୍ରୀ ଙ୍କ ପାଇଁ ଛୁଇଁ ଭଜା ହୋଇଥିଲା । ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରି ଶ୍ରୀ ମାରାଣ୍ଡି ମଧ୍ୟାହ୍ନ ଭୋଜନ ନିଜେ ଖାଇ ସନ୍ତୁଷ୍ଟ ଥିବା ମତ ରଖିବା ସହ ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା ମଧ୍ଯ ଭଲ ଥିବା କହିଥିଲେ । ଆଜି ଜିଲ୍ଲାପାଳଙ୍କ ର ଘଟଗାଁ ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି ସମୟରେ ସେ ଜିଲ୍ଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା ଙ୍କୁ ବଡମସିଣାବିଲ୍ଲା ଉଚ୍ଚ ବିଦ୍ୟାଳୟ ମଧ୍ୟାହ୍ନ ବ୍ୟବସ୍ଥା ତଦାରଖ ପାଇଁ ନିର୍ଦ୍ଦେଶ ଦେଇଥିଲେ ।।

# 'କଳା ଗୁଣ୍ଡ ନୁହଁ କାଳ ଗୁଣ୍ଡ'

## ୫୩ନଂ ମୁଖ୍ୟ ଜାତୀୟ ରାଜପଥ ରେ କାଳ ସାଜିଛି ରାଇସ ମିଲ ରୁ ନିର୍ଗତ (ପାଉଁଶ)କଳା ଗୁଣ୍ଡ

**ବରଗଡ଼ ୧୮/୨ (ନି.ପ୍ର):** ଓଡ଼ିଶାର ଭାତହାଣ୍ଡି ଭାବେ ବେଶ୍ ପରିଚିତ ଥିବା ବରଗଡ଼ ଜିଲ୍ଲା।ଏଠାକାର ଲୋକେ ପ୍ରାୟତଃ ଧାନ ଚାଷ ଉପରେ ନିର୍ଭରଶୀଳ।କୃଷି ତଥା ଆଦିବାସୀ ଜନ ବହୁଳ ହୀରାକୁଦ କମାଣ୍ଡ ଅଞ୍ଚଳ ରେ ଆବାହନ କାଳରୁ ଗଢି ଉଠିଛି ଶତାଧିକ ଗୁଡ଼ିଏ ରାଇସ ମିଲ।ବେନିୟମ ଭାବେ ରାଜରାସ୍ତା, ଜନଗହଳି, ଗାଁ ରାସ୍ତା,ସ୍କୁଲ,କଲେଜ ସ୍ଥାନରୁ ଦୂରରେ ରହିବା ତ ଦେଣିକି ଥାଉ ମିଲ ମାନଙ୍କରେ ଇଟିପି ପ୍ଲାଣ୍ଟ ରହିଥିଲେ ହେଁ ଅନେକେ ବ୍ୟବହାର ନକରି ବିଷାକ୍ତ ତଥା ନର୍ଦ୍ଦମା ପାଣିକୁ ଲୋକଙ୍କ ବ୍ୟବହାର୍ଯ୍ୟ ପୋଖରୀ ଗାଡିଆ,ନିକଟସ୍ଥ କେନାଲ ରେ ଛାଡ଼ି ଦେଇ ମିଲର୍ଷ ଦୌରତ୍ମ୍ୟ ବଢ଼ାଇ ଚାଲିଛନ୍ତି।ଯଦ୍ଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବା ସହ ବିଭିନ୍ନ ପ୍ରକାରର ଚର୍ମ ରୋଗ ର ଶିକାର ହୋଇ ଚିକିତ୍ସା କରାଇ ନୟାନ୍ତ ହୋଇ ସାରିଲେଣି।ଅନେକ ସ୍ଥାନରେ ଏହି ପାଣି ଓ ପାଉଁଶ ଗୁଣ୍ଡ ଯୋଗୁଁ ଚାଷ ଜମି ନଷ୍ଟ ହେବା ଅଞ୍ଚଳରେ ଚରାଜୀବ ଗାଈ ଗୋରୁ ବିଭିନ୍ନ ପ୍ରକାରର ରୋଗାକ୍ରାନ୍ତ ହୋଇ ମୁଖ୍ୟତଃ ଚର୍ମରୋଗ ଥମିବାର ନାଁ ନେଉ ନାହିଁ।ଏନେଇ ବହୁ ଗୁଡ଼ିଏ ସରକାରୀ ନିୟମ ରହିଥିଲେ ହେଁ ପ୍ରଦୂଷଣ ବିଭାଗ ର ଅଧିକାରୀ,ଜିଲ୍ଲା ପ୍ରଶାସନ ଓ କିଛି ନେତା ମନ୍ତ୍ରୀ ଙ୍କ ଛତ୍ର ଛାୟା ତଳେ ଅନେକ ଗୁଡ଼ିଏ ରାଇସ ମିଲ ମାଲିକ ମାନଙ୍କ କିଛି ଟା ସ୍ୱାର୍ଥ ଲାଳସା,ଖାମଖିଆଲି ମନୋଭାବ ଓ ବିଭାଗୀୟ ଅଧିକାରୀ ମାନଙ୍କୁ ହାତ ମୁଠାରେ ରଖି ମନମାନୀ ଯୋଗୁଁ ଭାତହାଣ୍ଡି ଅଞ୍ଚଳ ରେ ବସବାସ କରି ଆସୁଥିବା ଅଧିବାସୀ ମାନଙ୍କ ପାଇଁ ସତେ ଯେମିତି ଅଭିଶାପ ହୋଇ ସାରିଛି।ବେନିୟମ ଭାବରେ ନିଜେ ରାସ୍ତା ଉପରେ ରହି ରାସ୍ତା କଡ଼ରେ ମିଲ ରୁ ବାହାରୁଥିବା କଳାଗୁଣ୍ଡ(ପାଉଁଶ)ରାସ୍ତା କଡ଼ରେ ବେପିକର ଭାବରେ ଏଣେତେଣେ ପକାଇ ରାଇସ ମିଲ ରୁ ବାହାରୁଥିବା ଅଳିଆ ଆବର୍ଜନା ପାଣି ଛାଡ଼ି ଦିଆ ଯାଉଛି।ସେହିପରି ଅଞ୍ଚଳରେ ବରଗଡ଼ ଜିଲ୍ଲା କୁ ଆବାହନ କାଳରୁ ଛୁଇଁ ଯାଇଛି ୬ନଂ ମୁଖ୍ୟ ଜାତୀୟ ରାଜପଥ ଓ ସେହି ରାଜପଥ କୁ ଉନ୍ନତି କରଣ ତଥା ସମ୍ପ୍ରସାରଣ କରିବାକୁ ଯାଇ ରାଜକୋଷ ରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଚାରି ଥାକିଆ ରାସ୍ତା ୫୩ନଂ ମୁଖ୍ୟ ଜାତୀୟ ରାଜପଥ ଭାବେ ଦୀର୍ଘ ବର୍ଷରୁ ଅସମ୍ପୂର୍ଣ୍ଣ ତଥା ତ୍ରୁଟିପୂର୍ଣ୍ଣ ଭାବରେ ପକାଇ ରଖି ନୀରିହ ନିଷ୍କପଟ ଲୋକଙ୍କ ସରଳତା ର ଫାଇଦା ଉଠାଇ ଚଢ଼ା ଦରରେ ଟୋଲ ସହ ପଞ୍ଚାୟତ ରାସ୍ତାରୁ ମଧ ଟୋଲ ଟିକସ ଆଦାୟ କରିବାରେ ମସ୍ ଗୁଲ ରହି ଲୋକଙ୍କ ଜୀବନ ସହ ଖେଳ ଖେଳୁଛି ବୋଲି ଯିବା ଆସିବା ଲୋକେ କହନ୍ତି।ସମ୍ପ୍ରସାରଣ କରିବାକୁ ଯାଇ ରାସ୍ତା କଡ଼ରେ ଥିବା ବଡ ବଡ ଗଛ ଗୁଡିକୁ ଉପାଡ଼ି ସ୍କୁଲ କଲେଜ ପାଚେରୀ ସହ ଯାତ୍ରୀ ବିଶ୍ରାମ ଗାର ଗୁଡ଼ିକ ଭାଙ୍ଗି ପାନୀୟ ଜଳ ପାଇପ ନଳକୂପ କୁ ଉପାଡ଼ି କୂଅ ଜଳାଶୟ,କରନାଲି କୁ ପୋତି ତାର ବିକଳ୍ପ ବ୍ୟବସ୍ଥା ସହ ଅଞ୍ଚଳକୁ ଉନ୍ନତି କରଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ଠକି ଦେଇଥିବା ଅଞ୍ଚଳରେ ନଜିର ରହିଛି।ସେ କଳାଗୁଣ୍ଡ ହେଉ କି ଧଳାଗୁଣ୍ଡ କୌଣସି ଥିରେ ଲୋକଙ୍କ ନିସ୍ତାର ନାହିଁ।ରାଜରାସ୍ତା ଉପରେ ରହିଛି ଅନେକ ଗୁଡ଼ିଏ ରାଇସ ମିଲ,ପ୍ଲାଣ୍ଟ,ଫ୍ଲାଇ ଆସ୍ କ୍ ଇଟା ଭାଟି ଓ ଢ଼ାବା।ଦିନ ରାତି ବଡ ବଡ ଭାରି ଯାନବାହାନ ଗୁଡ଼ିକ ରାଜରାସ୍ତାରେ ଯିବାଆସିବା କରି ଢାବା ମାନଙ୍କରେ ଖିଆ ପିଆ ସାରି ଯିବା ଆସିବା କରି ଦୀର୍ଘ ଦିନ ଧରି ରାଜରାସ୍ତାରେ ଧୂଳି ଗୁଣ୍ଡ ଗୁଡ଼ିକ ଜମି ରହି ପରିବେଶ ପ୍ରଦୂଷିତ ହେବା ସହ ଛୋଟ ଛୋଟ ଗାଡ଼ି ଗୁଡ଼ିକ ସ୍ଲିପ ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇ ଜୀବନ ହାରୁଛନ୍ତି।ଛାତ୍ର ଛାତ୍ରୀ ତଥା ଲୋକେ ତ୍ରୁଟି ପୂର୍ଣ୍ଣ ତଥା ଅସମ୍ପୂର୍ଣ୍ଣ ରାଜରାସ୍ତା ରେ ଯିବାଆସିବାରେ ସୁରକ୍ଷିତ ମଣୁ ନାହାନ୍ତି।ସର୍ଭିସ୍ ରାସ୍ତାରେ ସେ ବିଦ୍ୟୁତ୍ ବିଭାଗର ବିଦ୍ୟୁତ୍ ଖୁଣ୍ଟ ହେଉ କି ବୁଟୁ ନନ୍ଦ ର ଟ୍ରକ୍ ଗେରେଜ ଆଉ ପୁଣି ଦିନରାତି ସର୍ଭିସ୍ ରାସ୍ତା ଲାଦେର ପାଲି ଏଫସିଆଇ ଗୋଦାମ ର ଚାଉଳ ବୋଝେଇ ଟ୍ରକ ଗୁଡ଼ିକ ସର୍ଭିସ୍ ରାସ୍ତା ଉପରେ ଦୋକାନ ସହ ବଡ ବଡ ଯାନବାହାନ ନୋ ପାର୍କିଂ ରେ ପାର୍କିଂ,କରି ଗ୍ୟାରେଜ ଓ ରାସ୍ତା ଉପରେ ବାଲି ଗୋଡ଼ି ମାଟି ରଖି ବେପାର କରି ଯିବା ଆସିବା ଲୋକଙ୍କ ମୁଣ୍ଡ ବ୍ୟଥା ର କାରଣ ହୋଇଛି।ଅନ୍ୟ ପଟେ ପରିବହନ ବିଭାଗ ଦ୍ୱାରା ସଡ଼କ ସୁରକ୍ଷା ସପ୍ତାହ ପାଳିତ ମଧ ହେଉଛି।ସରକାରୀ ନିୟମ ଅନୁଯାୟୀ ରାଜରାସ୍ତାକଡ଼ରେ କୌଣସି ବେନର ପୋଷ୍ଟର ପ୍ରତିଷ୍ଠାନ ତିଆରି କରିବା ନିଷିଦ୍ଧ ରହିଥିବା ବେଳେ ପ୍ରଶାସନ ତଥା ଦାୟୀତ୍ୱ ରେ ଥିବା ସରକାରୀ ବାବୁ ମାନେ କିଭଳି ଭାବରେ କାହା ସ୍ୱାର୍ଥରେ କେତେ ଭଡା ଖାଇ ଜବର ଦଖଲ କାରୀ ମାନଙ୍କୁ ପ୍ରୋତ୍ସାହନ ଦେଇ ନୀରିହ ଜୀବନ ମାନଙ୍କ ସହ ଖେଳ ଖେଳୁଛନ୍ତି ବୋଲି ଲୋକେ କହନ୍ତି।ଏମାନଙ୍କ ଠାରୁ କିଏ ଭଡା ନେଉଛି।ଏନ୍ ଏଚଏଆଇ ନାଁ ରାଜରାସ୍ତା ନିର୍ମାଣ କାରି ଠିକା ସଂସ୍ଥା ବୋଲି କହିଆସୁଥିବା ବେଳେ ଅତାବିରା ଏନ୍ ଏସି ଓ ଆର ଏମ ସି ମଧ ଲୋକଙ୍କୁ ମରଣ ଯନ୍ତା ରେ ବସାଇ ବେନିୟମ ଭାବରେ ଭଡା ଅସୁଲ କରୁଥିବା ଅତାବିରା ଅଞ୍ଚଳ ରେ ବେଶ୍ ନଜିର ରହିଛି।ବ୍ଲକ୍ ଠାରୁ ଜିଲ୍ଲା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଡ ବଡ ଅଧିକାରୀ ମାନେ ନିଇତି ଅନେକ ସଚେତନ ମୂଳକ କାର୍ଯ୍ୟ କରିବାକୁ ଏଇ ବାଟ ଦେଇ ଯିବା ଆସିବା କରୁଥିଲେ ହେଁ ଲକ୍ସରି ଏସି ଗାଡି ଭିତରୁ ଚଷମା ପିନ୍ଧା ଆଖିକୁ ଲୋକଙ୍କ ନିତିଦିନ ଘଟି ଆସୁଥିବା ଦୁଃଖ ଜଣା ପଡୁ ନଥିବା ଲୋକେ କହନ୍ତି।ସେହିପରି ପରିବେଶ ଦୂଷିତ ହେବା ଲୋକଙ୍କ ଆଖିରେ ରାଇସ ମିଲ ରୁ ନିର୍ଗତ ପାଉଁଶ କଳା(ରାଖଡ) ପାଉଁଶ ଗୁଣ୍ଡ ଆଖି ରେ ପଶି ଲୋକେ ଦୁର୍ଘଟଣା ଗ୍ରସ୍ତ ହେବା ସହ ଅନେକେ ଚକ୍ଷୁ ରୋଗ ଓ ରାଇସ ମିଲ ରୁ ନିର୍ଗତ ଅଳିଆ ଆବର୍ଜନା ପାଣି ଅଞ୍ଚଳ ପାଇଁ ମୁଖ୍ୟ ସମସ୍ୟା ହୋଇଛି।ତେବେ ଏଠି ପ୍ରଶ୍ନ ଉଠୁଛି ଯେ ବ୍ଲକ୍ ଜିଲ୍ଲା ତଥା ରାଜ୍ୟ ପ୍ରଶାସନ ବଡବଡ ସରକାରୀ ମୁଣ୍ଡ ମାନଙ୍କ ଦୃଷ୍ଟି ଆଢୁଆଳରେ କିଭଳି ଭାବରେ ରାଜରାସ୍ତା ଉପରେ ବେନିୟମ ଭାବରେ ଜବରଦଖଲ କାରୀ ମାନେ ତାଙ୍କର ଦୌରାତ୍ମ୍ୟ ବଢ଼ାଇ ଚାଲିଛନ୍ତି। ଯାହା ଅଞ୍ଚଳବାସୀ ତଥା ଯିବାଆସିବା ଲୋକଙ୍କ ପାଇଁ ଏବେ ଅଭିଶାପ ପାଲଟି ଛୋଟ ମୋଟ ଘଟଣା ଠାରୁ ଆରମ୍ଭ କରି ମର୍ମନ୍ତୁଦ ଦୁର୍ଘଟଣା ଘଟି ସାରିଛି।ପ୍ରାୟତଃ ଅତାବିରା ଅଞ୍ଚଳରେ ରେଙ୍ଗାଲି କେମ୍ପ ଅଞ୍ଚଳ ସହ ଝାଉଁ ଜୋର ଠାରୁ ଆରମ୍ଭ କରି ଚକୁଳି ଫାର୍ମ ପର୍ଯ୍ୟନ୍ତ ରାଜରାସ୍ତା ଉପରେ ଅନେକ ସ୍ଥାନରେ ଅସାଧୁ ରାଇସ ମିଲ ର ପାଉଁଶ ଗୁଣ୍ଡ ପକାଇ ଦିଆ ଯାଉଛି।ସେ ୫୩ନଂ ଜାତୀୟ ରାଜପଥ ଠାରୁ ଆରମ୍ଭ କରି ୫୪ନଂ ରାଜ୍ୟ ରାଜପଥ ସହ ଗାଆଁ ଗହଳି ରାସ୍ତା କଡ଼ରେ ପକାଇ ଦିଆ ଯାଇଛି।ଯାହା ସାମାନ୍ୟ ପବନ ହେବା ମାତ୍ରେ ସ୍ଥାନୀୟ ଅଞ୍ଚଳ ତଥା ରାଜରାସ୍ତା ଉପରେ ଯିବା ଆସିବା ଲୋକେ ନାକେଦମ୍ ହୋଇ ପଡ଼ିଥାନ୍ତି।ଏନେଇ ଅଞ୍ଚଳବାସୀ ଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇ ଥିଲେ ଆସୁ ଥିଲେ ହେଁ କାହାରି କଥାକୁ କେହି ଖାତିର କରୁନଥିବା ବେଳେ ଏମାନଙ୍କ ଠାରୁ ବୋଧେ ସ୍ଥାନୀୟ ତଥା ଜିଲ୍ଲା ପ୍ରଶାସନ ଭଡା ଅସୁଲି କରୁଛି,ସେ ଯୋଗୁଁ ଚୁପ୍ ରହି ନିଦା ବିଷ୍ଣୁ ସାଜିଛି।ଏନେଇ ତୁରନ୍ତ ସରକାର ବାହାଦୁର ତଥା ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ର ସମାଧାନ କରିବାକୁ ଦାବୀ ହେଉଛି।ନଚେତ୍ ଆଗାମୀ ଦିନରେ ବିରାଟ ଜନ ଆନ୍ଦୋଳନ ର ମୁଣ୍ଡ ଟେକିବ ବୋଲି ସାଧାରଣ ରେ ବେଶ୍ ଚର୍ଚ୍ଚା ହେଉଛି।



## ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**କଣାସ ୧୮/୨ (ନି.ପ୍ର):** ରବିବାର ଦିନ ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ଓ ସୁଦେଷ୍ଣା ଖବରକାଗଜ ମିଳିତ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଉତ୍ସବ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ , ବାଇରୋଇ , ଫୁଲନଖରା କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ସଭାପତି କୁମାରକବି ପ୍ରଶାନ୍ତ ବାହିନୀପତିଙ୍କ ଅନୁପସ୍ଥିତିରେ ନାଟ୍ୟକାର , ଗୀତିକାର , ନାଟ୍ୟ ନିର୍ଦ୍ଦେଶକ , କବି ଶ୍ରୀଯୁକ୍ତ ଅଜୟ କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ , ମୁଖ୍ୟ ବକ୍ତା ଭାବରେ ଜବାହର ଲାଲ ନେହୁରୁ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ପ୍ରଫେସର ଡକ୍ଟର ଉଦୟନାଥ ସାହୁ , ସମ୍ମାନିତ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ , ସମ୍ମାନିତ ଅତିଥି ଭାବେ ଡ. ସାରଦା ପ୍ରସାଦ କର , ସଂସଦର ମୁଖ୍ୟ ଉପଦେଷ୍ଟା ଡକ୍ଟର ଲକ୍ଷ୍ମଣ ସାହୁ , ଉପଦେଷ୍ଟା ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ରାଉତରାୟ ଯୋଗଦାନ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବି କବୟିତ୍ରୀ ଯୋଗଦାନ କରିଥିଲେ । ଅଜୟ କୁମାର ସେଠୀଙ୍କ ଶିଶୁ ନାଟକ 'ଶେଷ ଇଚ୍ଛା' ଓ ଦୈନିକ ଖବରକାଗଜ 'ସୁଦେଷ୍ଣା' ଉନ୍ମୋଚନ କରାଯାଇଥିଲା । ଡ. ବସନ୍ତ ମଞ୍ଜରୀ ଦାସ ମଞ୍ଚ ପରିଚାଳନା ଓ ସଂସଦର ମୁଖ୍ୟ ସଂପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ସୁଶ୍ରୀ କଳ୍ପନା ପଣ୍ଡା ସଂସଦର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରତିନିଧି ମାନସ କୁମାର ମାର୍ଥାଙ୍କ ସମେତ ସଂସଦର ସମସ୍ତ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ । ଏଥିରେ ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ କାର୍ଯ୍ୟକାରିଣୀ ସମ୍ପାଦିକା ସୁଶ୍ରୀ କଳ୍ପନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନ୍ୟାସନାଲ ହୋ ଗାଲାଂ ଜୁମୁର ୨୦୨୫ ପାଇଁ ପ୍ରସ୍ତୁତି ବୈଠକ

**ମୟୂରଭଞ୍ଜ ୧୮/୨ (ନି.ପ୍ର):** ନ୍ୟାସନାଲ ହୋ ଗାଲାଂ ଜୁମୁର ୨୦୨୫ ପାଇଁ ରାଇରଙ୍ଗପୁର ଠାରେ ସଭାପତି ଗଙ୍ଗାଧର ହେମ୍ବ୍ରମଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ହୋ ସମାଜର ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ ।ଆସନ୍ତା ତା:୨୯/୦୩/ ଓ ୩୦/ ୦୩/୨୦୨୫ ରିଖରେ ନ୍ୟାସନାଲ ହୋ ଗାଲାଂ ଜୁମୁର ୨୦୨୫ ପାଳନ କରାଯିବ ବୋଲି ସ୍ଥିର ହୋଇଛି ।ହୋ ସମାଜକୁ ଗୋଟିଏ ସୁତାରେ ବାନ୍ଧିବା ଏବଂ ସଂସ୍କୃତି,ସଭ୍ୟତା ବଜାଇ ରଖିବା,ଶିକ୍ଷା,ଦୀକ୍ଷା ସହ ହୋ ସମାଜରେ ଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ ।ବୈଠକରେ ହୋ ଗାଲାଂର ପ୍ରତିଷ୍ଠାତା ଗିରିଶ୍ ଚନ୍ଦ୍ର ହେମ୍ବ୍ରମ,ଜାମଦା ବ୍ଲକର ରେଁସ ବିରୁଆ,ତିରିଂ ବ୍ଲକର ସୁନିଲ ସ୍ୱାୟାଂ,ବହଳଦା ବ୍ଲକର ରାଜେଶ ବଦ୍ରା,ବିଜାତଳା ବ୍ଲକର ଧନୀ ଗୋଇପାଇ,କୁସୁମୀ ବ୍ଲକର ଶିବ ହେମ୍ବ୍ରମ,ଗହ୍ମା ହେମ୍ବ୍ରମ,ରବି ଶଏ,ବିରସିଂ ବିରୁଆ,ବାଜୁନ ବାନ୍ଧା,ବାଦୁ ପିଙ୍ଗୁଆ,ଟୁବୁନା ବାନରା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



**ବରଗଡ଼ ୧୮/୨ (ନି.ପ୍ର):** ବରଗଡ଼ ଜିଲ୍ଲା ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧକ୍ଷତା ରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା,ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାନ,ପଦ୍ମପୁର ଉପ ଜିଲ୍ଲାପାଳ କୁମାରୀ ଅରୁଗୁଲା ସ୍ନେହା,ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅମୃତପାଲ କୌର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନିରୁପମା ଷଡଙ୍ଗୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କରିସ୍ମା ଭେସ୍ରାଙ୍କ ସମେତ ବ୍ଲକ ଅଧକ୍ଷା ବବି ପ୍ରଧାନ ଉପସ୍ଥିତ ରହି ଲୋକ ଙ୍କ ଅଭିଯୋଗ ଶୁଣିଥିଲେ ।ସୂଚନା ଯୋଗ୍ୟକି,ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ,ପାନୀୟ ଜଳ ଯୋଗାଣ,ରାସନ କାର୍ଡ,ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା,ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୪୮ ଗୋଟି ଅଭିଯୋଗ ମଧ୍ୟରୁ ୨୮ ଗୋଟି ବ୍ୟକ୍ତିଗତ, ୨୦ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆସୁଛି ଗ୍ରୀଷ୍ମଋତୁ: ବନଖଣ୍ଡରେ ଜଣେ ବନପାଳ, ୨୨ ବନରକ୍ଷୀ ପଦବି ଖାଲି

**ମୟୂରଭଞ୍ଜ ୧୮/୨ (ନି.ପ୍ର):** ବର୍ତ୍ତମାନ ସୁଦ୍ଧା ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିଯୁକ୍ତ ପ୍ରତିରୋଧ ସହାୟକ ବା ପିଏମାନଙ୍କୁ ଜାନୁଆରି ମାସର ପ୍ରାପ୍ୟ ମିଳିନି। ଦୈନିକ ସର୍ବନିମ୍ନ ୪୫୨ ଟଙ୍କା ମଜୁରୀରେ ନିୟୋଜିତ ହୋଇଥିଲେ ସୁଦ୍ଧା ଠିକ ସମୟରେ ସେମାନଙ୍କର ପ୍ରାପ୍ୟ ମିଳନଥିବା ଯୋଗୁଁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି ।ରାଇରଙ୍ଗପୁର: ଜଙ୍ଗଲ, ପରିବେଶ ସୁରକ୍ଷା ନିମନ୍ତେ ସରକାରଙ୍କର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ କାମ କରୁଅଛିକ୍ଷ ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ ସରକାର ଯେଉଁ ଅନୁସାରେ ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ପଦକ୍ଷେପ ନେଉଛନ୍ତିକ୍ଷ ବାସ୍ତବରେ ସେହି ଅନୁସାରେ ଜଙ୍ଗଲ ଓ ପରିବେଶର ସୁରକ୍ଷା କରାଯାଇ ପାରୁନାହିଁ। ତାହାର କାରଣ ହେଉଛି ଆବଶ୍ୟକ ସଂଖ୍ୟକ ବିଭାଗୀୟ କ୍ଷେତ୍ର କର୍ମଚାରୀ ନାହାନ୍ତିକ୍ଷ ଠିକା କର୍ମଚାରୀ ରୂପେ ଦୈନିକ ସର୍ବନିମ୍ନ ମଜୁରୀୟରେ ନିଯୁକ୍ତି ପାଇଥିବା ଅସ୍ଥାୟୀ ପ୍ରତିରୋଧ ସହାୟକ(ପି.ଏ) ମାନଙ୍କୁ ଏଥିପାଇଁ ସେମାନଙ୍କର ମଜୁରୀ ତୁଳନାରେ ଅଧିକ ପରିଶ୍ରମ କରିବାକୁ ପଡୁଛି କ୍ଷ ସେମାନଙ୍କୁ ଠିକ ସମୟରେ ମଜୁରୀ ମଧ ମିଳୁନିକ୍ଷବର୍ତ୍ତମାନ ସୁଦ୍ଧା ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିଯୁକ୍ତ ପ୍ରତିରୋଧ ସହାୟକ ବା ପିଏମାନଙ୍କୁ ଜାନୁଆରି ମାସର ପ୍ରାପ୍ୟ ମିଳିନି। ଦୈନିକ ସର୍ବନିମ୍ନ ୪୫୨ ଟଙ୍କା ମଜୁରୀରେ ନିୟୋଜିତ ହୋଇଥିଲେ ସୁଦ୍ଧା ଠିକ ସମୟରେ ସେମାନଙ୍କର ପ୍ରାପ୍ୟ ମିଳନଥିବା ଯୋଗୁଁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲେ ମଧ ସେମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ମୁହଁ ଖୋଲି ପାରୁ ନାହାଁନ୍ତି। ମୁହଁ ଖୋଲିଲେ କାମରୁ ବହିଷ୍କାର କରି ଦିଆଯିବାର ଭୟ ରହୁଛି ।ରାଇରଙ୍ଗପୁର ବନଖଣ୍ଡରେ ରହିଛି ରାଇରଙ୍ଗପୁର, ବହଳଦା, ବାଦାମପାହାଡ଼, ମଣଦା ଏବଂ ବିଶୋଇ(ବନ୍ୟପ୍ରାଣୀ) ବନାଞ୍ଚଳ ବା ରେଞ୍ଜ। ଏହି ରାଇରଙ୍ଗପୁର ରେଞ୍ଜ ଅଧୀନରେ ୪ଟି ସେକ୍ସନ, ବହଳଦା ଅଧୀନରେ ୩ଟି, ବଡ଼ମପାହାଡ଼ ଅଧୀନରେ ୩ଟି, ମଣଦା ଅଧୀନରେ ୨ଟି ଏବଂ ବିଶୋଇ (ବନ୍ୟପ୍ରାଣୀ) ଅଧୀନରେ ୫ଟି ସେକ୍ସନ ରହିଛି। ୧୭ଟି ସେକ୍ସନରେ ଆବଶ୍ୟକ ୧୭ ଜଣ ବନପାଳଙ୍କ ମଧ୍ୟରୁ ନିଶ୍ଚିନ୍ତା ବନପାଳ ପଦବି ଖାଲି ପଡିଛି। ୪୨ ଗୋଟି ବନରକ୍ଷୀ ପଦବି ମଧ୍ୟରୁ ୨୨ଟି ବନରକ୍ଷୀ ପଦବି ଖାଲି ପଡ଼ିଛି ।ରାଇରଙ୍ଗପୁର ସେକ୍ସନର ଇଚିଣ୍ଡା, ଗୋରୁମହିଷାଣି ସେକ୍ସନର ଗୋରୁମାହିଷାଣି, ଧଳାବେଡ଼ା, ରୁଆଁସୀ, ବଡ଼ାମତଳିଆ ସେକ୍ସନର ବିଜାତଳା, ଲୁହସିଲା, ଜାମଦା ସେକ୍ସନର ସୁନାମରା, ହାଟବାଦଡ଼ା ସେକ୍ସନର ହାଟବାଦଡ଼ା, ଦୁବୁଲାବେଡ଼ା, ବିଶୋଇ, ଦେଓପଟା, ମଣଦା ସେକ୍ସନର ବାଙ୍କିଡିହି, ତୁଳସୀବଣି,ବିଶୋଇ ସେକ୍ସନର ଗର୍ଗାଡ଼ିହି, ପୋଖରିଆ, ଚଢ଼େଇପାହାଡି ସେକ୍ସନର ଲୁହସିଲା, ରାଜାବସା ସେକ୍ସନର ରାଜାବସା,ସରଗଡା ସେକ୍ସନର ଜୋକା, ସରଗୋଡ଼ା-୧, ସରଗଡା-୨, ନିଶ୍ଚିନ୍ତା ସେକ୍ସନର ନିଶ୍ଚିନ୍ତା ଏବଂ ଦେଓପଚ୍ଚା ବିଟ ହାଉସ ବନରକ୍ଷୀ ପଦ ଖାଲି ପଡିଛି ।ଆଗକୁ ପତ୍ରଝଡା ସହିତ ଏବଂ ଖରାଦିନ ସମୟ ଆସୁଛି। ଏହି ସମୟରେ ବନାଗ୍ନିକୁ ଆୟତ୍ତ କରିବା ବଡ଼ ଆହ୍ୱାନ। ଏଥିପାଇଁ ଜଙ୍ଗଲ ଖାଲି ପଡ଼ିଥିବା ବନ କର୍ମଚାରୀଙ୍କ ପଦବୀଙ୍କୁ ଶୀଘ୍ର ପୂରଣ କରାଯିବାର ଆବଶ୍ୟକତା ରହିଛି। ଏପୋଟେ ଗ୍ରୀଷ୍ମ ଋତୁରେ ବନାଗ୍ନିକୁ ଆୟତ୍ତ କରିବା ନେଇ ସବୁଠୁଠାରୁ ବଡ ଚାଲେଞ୍ଜ ରହିଛି ବନ ବିଭାଗର। କାହିଁକି ନା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହେଉଥିବାର ଦେଖିବାକୁ ମିଳୁଛି।

## ପାରିବାରିକ ଗଣ୍ଡଗୋଳରେ ମାମୁଁ ମୃତ୍ୟୁ, ଭଣଜା ଗିରଫ

**ପୋଲସରା ୧୮/୨ (ନି.ପ୍ର):** ପୋଲସରା ଥାନା ଅନ୍ତର୍ଗତ କଳମ୍ବ ପଞ୍ଚାୟତର ରୁଖାକଣା ଗ୍ରାମରେ ପାରିବାରିକ ଗଣ୍ଡଗୋଳରୁ ଏକ ହତ୍ୟାକାଣ୍ଡ ଘଟିଯାଇଛି। ମାମୁଁ ଙ୍କ ମୃତ୍ୟୁ ହୋଇଥିବା ବେଳେ, ପୋଲିସ ଭଣଜାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମାମୁଁ କୋକ ବେହେରା (୭୫)ଙ୍କୁ ଭଣଜା ତଥା ପୋଲସରା ଥାନା ଅନ୍ତର୍ଗତ ଲଛିପୁର ଗ୍ରାମର ଇନ୍ଦ୍ରମଣି ବେହେରାଙ୍କ ପୁତ୍ର ରଞ୍ଜିତ ବେହେରା (୪୦) ଦାଣ୍ଡ ଘର କବାଟ ବନ୍ଦ କରି ଟେଲର ମେସିନ୍ ରେ ମୁଣ୍ଡକୁ ଛେଚି ହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ ହତ୍ୟା କାଣ୍ଡର ଶିକାର ହୋଇଥିବା ରୁଖାକଣା ଗ୍ରାମର କୋକୋ ବେହେରା ଛୋଟ ବେଳୁ ଭଣଜା ରଞ୍ଜିତ ବେହେରାଙ୍କୁ ଘରେରଖି ପୋଷି ପାଠ ପଢ଼ାଇବା ସହିତ ଭଣଜାକୁ ବାହାଘର କରିଥିଲେ । କିନ୍ତୁ କୋକୋ ବେହେରାଙ୍କ ଘରେ ସବୁବେଳେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହିଥାଏ ବୋଲି ଶୁଣାଯାଇଛି। ରଞ୍ଜିତ ବେହେରା ମାମୁଁଙ୍କୁ ଠିକ ଭାବେ ଖାଇବାକୁ ଦେଉନଥିବା ଯୋଗୁଁ କୋକ ବେହେରା ରାଧାକୃଷ୍ଣ ମନ୍ଦିରରେ ଭୋଗ ଖାଇ ପାଣି ପିଇ ରାତ୍ର ଯାପନ କରୁଥିବା ଶୁଣିବାକୁ ମିଳିଛି। କୋକଙ୍କ ମୃତ୍ୟୁର ଖବର ଜାଣିବା ପରେ କୋକୋ ବେହେରାଙ୍କ ଭାଇ ବୋହୂ ଅନହଳି ବେହେରା ପୋଲସରା ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ପୋଲସରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି, ଏତଲାକୁ ଆଧାର କରି ଥାନା କେଶ ନଂ ୧୧୩/୨୫, ଭାରତୀୟ ନ୍ୟାୟ ସଂହିତା ଧାରା ୧୦୩(୧) ପ୍ରକାରେ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ। ଅନୁସନ୍ଧାନ ପରେ ରଞ୍ଜିତ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲସରା ପୋଲିସ ଥାନା ଆଇଆଇସି କୌଶିକ ମାଝୀ ପ୍ରକାଶ କରିଛନ୍ତି।

## ଶୋକ ରେ ବୁଡିଲା ଗୋପପୁର ଗାଁ, ଗାର୍ଡ ଅଫ ଅନର ପରେ ହେଲା ଅନ୍ତିମ ସଂସ୍କାର

**ପାଟଣା ୧୮/୨ (ନି.ପ୍ର):** ଗତକାଲି ପାଣି କୋଇଲି ନିକଟରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାଜପୁର ଡି ଏସ ପି ବଳରାମ ନାୟକ(୫୦) ଙ୍କର ଆଜି ଘଟଗାଁ ବ୍ଲକ ତୋରାଣି ପୋଖରୀ ପଂଚାୟତ ଗୋପପୁର ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଛି।ଶବ ବ୍ୟବଚ୍ଛେଦ ପରେ ଯାଜପୁର ଡି ଏସ ପି ଓ ଜଣେ ଆଇ ଆଇ ସି ମର ଶରୀର ଧରି ଗୋପପୁର ରେ ପହଞ୍ଚିଥିବାବେଳେ ଆଜି ସକାଳୁ ସ୍ୱର୍ଗତ ନାୟକ ଙ୍କ ଶେଷ ଦର୍ଶନ ପାଇଁ ଲୋକଙ୍କ ଧାଡ଼ି ଲାଗିଥିଲା ।କେନ୍ଦୁଝର ପୁଲିସ ପକ୍ଷରୁ ଡି ଆଇ ଜି ଅତିରିକ୍ତ ଏସ ପି ଜ୍ୟୋତିର୍ମୟ ଗୁପ୍ତା ,ଘଟଗାଁ ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ , ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ,ଏଏସ ଆଇ ସୁରଥ ଦେହୁରୀ ପ୍ରମୁଖ ଙ୍କ ଉପସ୍ଥିତି ରେ କେନ୍ଦୁଝର ପୁଲିସ ପକ୍ଷରୁ ସ୍ୱର୍ଗତ ନାୟକ ଙ୍କୁ ଗାର୍ଡ ଅଫ ଅନର ଦିଆଯିବା ପରେ ଅନ୍ତିମ ସଂସ୍କାର ପର୍ବ ଆରମ୍ଭ ହୋଇଥିଲା ।ସାଂସଦ ପ୍ରତିନିଧି ଅଖିଳ ପାତ୍ର, ବିଜେଡି ନେତା ଦେବାଶିଷ ପାତ୍ର,ଇମରାନ ଖାନ, ତୋରାଣି ପୋଖରୀ ସରପଞ୍ଚ ଜନାର୍ଦ୍ଦନ ନାଏକ ସମିତି ସଭ୍ୟା ସୁବାସିନୀ ସେଠୀ, କଣ୍ଟିଆପଡ଼ା ସରପଞ୍ଚ ଲିନା ନାଏକ,ଜିଲ୍ଲା ପରିଷଦ ସଦସ୍ୟା ଯାଜ୍ଞସେନି ମହାନ୍ତ , ଘଟଗାଁ ବ୍ଲକ ଅଧକ୍ଷା ଗୀତାଞ୍ଜଳି ନାୟକ , ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରଣଜିତ ନାୟକ ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଅନ୍ତିମ ସଂସ୍କାର ପର୍ବ ରେ ସାମିଲ ଥିଲେ । ସ୍ୱର୍ଗତ ନାୟକ ଙ୍କ ପତ୍ନୀ ଯଶୋଦା, ବଡ ଝିଅ କ୍ରିଷ୍ଣା (୧୫)ଓ ସାନ ଝିଅ ଏଲିନା(୧୧)ଙ୍କ ଉପସ୍ଥିତି ରେ ଅନ୍ତିମ ସଂସ୍କାର ହୋଇଥିଲା। ଚଳିତ ମାଟ୍ରିକ ପରୀକ୍ଷା ଦେବାକୁ ଥିବାରୁ ବଡ ଝିଅ ପରିବର୍ତ୍ତେ ସାନ ଝିଅ ଏଲିନା ପିତାଙ୍କୁ ମୁଖାଗ୍ନି ଦେବା ଦେଖଣାହାରୀ ମାନଙ୍କୁ ବିଚଳିତ କରିଥିଲା ।ଅପର ପକ୍ଷରେ ବଳରାମ ଙ୍କ ସହ ଦୁର୍ଘଟଣାରେ ପ୍ରାଣ ହରାଇଥିବା ତାଙ୍କ ଭିଣେଇ ମଇଦାନ କେଲ ନିକଟ ବୁଢାବଣ ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ନାୟକ ଙ୍କ ର ମଧ ତାଙ୍କ ଗ୍ରାମ ରେ ଆଜି ଅନ୍ତିମ ସଂସ୍କାର କରାଯାଇଛି ।

## ଭାମଶ୍ୟାଳୀ ପଞ୍ଚାୟତର ମାଁ ରତନେଇ ଶକ୍ତି ପୀଠ ଅବହେଳିତ

**ବୁଗୁଡା ୧୮/୨ (ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ବ୍ଲକର ଭାମଶ୍ୟାଳୀ ପଞ୍ଚାୟତର ବହୁ ପୁରାତନ ମାଁ ରତନେଇ ଶକ୍ତି ପୀଠ ଅବହେଳିତ ହୋଇ ପଡିରହିଥିବା ଦେଖିବାକୁ ମିଳିଛି। ମାଁ ରତନେଇ ଶକ୍ତି ପୀଠ ହେଉଛି ଏକ ଆଞ୍ଚଳିକ ପର୍ଯ୍ୟଟନ କ୍ଷେତ୍ର। ବର୍ଷର ବିଭିନ୍ନ ସମୟରେ ମାଁ ରତନେଇ ପୀଠରେ ବିଭିନ୍ନ ପର୍ବପର୍ବାଣୀ ସହ ବିବାହ କାର୍ଯ୍ୟ ଓ ବଣଭୋଜି ଲାଗିରହିଥାଏ। ବହୁ ଜନ ସମାଗମ ହେଉଥିବା ମା' ଙ୍କ ପୀଠକୁ ଯିବାପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ। ଯେଉଁ ନଳକୂପ ଖଣ୍ଡେ ଅଛି ସେଥିରୁ ଖାରୀ ପାଣି ସହ ଲୁହା କଳଙ୍କ ବାହାରିବା ଯୋଗୁଁ ତାହା ପାନୀୟ ଜଳ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ପ୍ରାକୃତିକ ଶୋଭା ଭରା ମାଁ ରତନେଇ ଶକ୍ତି ପୀଠ ଏକ କ୍ଷୁଦ୍ର ପର୍ଯ୍ୟଟନ କ୍ଷେତ୍ର ହୋଇଥିବା ବେଳେ ଗମନାଗମନ ପାଇଁ ଉତ୍ତମ ରାସ୍ତା ନଥିବା ଓ ପାନୀୟ ଜଳର ସୁବିଧା ନଥିବା ଯୋଗୁଁ ବହୁ ପର୍ଯ୍ୟଟକ ସେଠାକୁ ଯିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି। ପ୍ରତିଦିନ ଊଣା ଅଧିକେ ମାନସିକ ବ୍ୟକ୍ତି ଓ ବିବାହ, ବ୍ରତ କରୁଥିବା ବ୍ୟକ୍ତି ଓ ବଣଭୋଜି କରିବା ପାଇଁ ସ୍କୁଲ, କଲେଜର ଛାତ୍ରଛାତ୍ରୀ ବୃନ୍ଦ ଯାଉଥିବା ବେଳେ ମୁଖ୍ୟ ସମସ୍ୟା ଭାବେ ପ୍ରତିବନ୍ଧକ ସାଜିଛି ପକ୍କା ରାସ୍ତା ଓ ପାଣି ସମସ୍ୟା। ବର୍ତ୍ତମାନ ରାଜ୍ୟ ସରକାର ବିକଶିତ ଗାଁ, ବିକଶିତ ଓଡିଶା ଯୋଜନା ମାଧ୍ୟମରେ ପ୍ରତି ପଞ୍ଚାୟତକୁ ବାର୍ଷିକ ଏକ କୋଟି ଟଙ୍କା ହିସାବରେ ପାଞ୍ଚ ବର୍ଷରେ ପାଞ୍ଚ କୋଟି ଟଙ୍କା ଦେଇ ବିଭିନ୍ନ କାର୍ଯ୍ୟସହ ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ର ଓ ରାସ୍ତା ଘାଟ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନା ହେଉ ବା ବିଧାୟକ ଓ ସାଂସଦଙ୍କ ହାତପାଣ୍ଠିରୁ ଅନୁଦାନ ଦେଇ ମାଁ ରତନେଇ ପୀଠର ଉନ୍ନତି ପାଇଁ ଆନ୍ତରିକ ଉଦ୍ୟମ କଲେ ଏହି ପୀଠକୁ ବହୁ ପର୍ଯ୍ୟଟନ ଯାଇପାରନ୍ତେ।

## କେନ୍ଦୁଝର ଜିଲ୍ଲା ରେ ଅସହାୟ ଶବ ର ସାହା କେନ୍ଦୁଝର ର ଭରସା ପରିବାର ଟ୍ରଷ୍ଟ

**ପାଟଣା ୧୮/୨ (ନି.ପ୍ର):** କେନ୍ଦୁଝର ମଣ୍ଡୁଆ ଗ୍ରାମ ନିବାସୀ ବୁଧୁ ମୁଣ୍ଡା ଅନେକ ଦିନ ହେବ ଗଳିତ କୁଷ୍ଠ ରୋଗରେ ପୀଡିତ ଥିଲେ ଏବଂ ଗତ ଶୁକ୍ରବାର ଦିନ ଏହି ରୋଗ ରେ ସେ ମୃତ୍ୟୁ ବରଣ କରିଥିଲେ।ଏହି ରୋଗ ପାଇଁ ତାଙ୍କ ଡ଼ାହାଣ ଗୋଡ଼ଟି ତଳ ଭାଗ ରୁ ସଡିଯାଇ ସେଥିରେ ପୋକ ହୋଇ ତାଙ୍କ ବାସସ୍ଥାନ ରେ ଏକ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା।ଏଭଳି ପରିସ୍ଥିତି ପାଇଁ ତାଙ୍କ ମୃତ ଶରୀର କୁ କେହି ହାତ ମଧ ଲଗାଉ ନଥିଲେ।ତାଙ୍କର ନିଜର ଛୋଟ ଛୋଟ ପୁତୁରା , ଝିଆରୀ ଏବଂ ବୁଢ଼ୀ ମା ଙ୍କୁ ଛାଡିଦେଲେ ଆଉ ଏ ଦୁନିଆ ରେ ତାଙ୍କର କେହି ନାହାନ୍ତି।ଏହି ସମୟ ରେ ସାହାଯ୍ୟ ର ହାତ ବଢାଇଛି ଭରସା ପରିବାର ଟ୍ରଷ୍ଟ, କେନ୍ଦୁଝର ଏବଂ ଏହି ମହତ୍ କାମ ରେ ଭରସା ପରିବାର ସହ ମଣ୍ଡୁଆ ଗ୍ରାମ ର ତିନି ଜଣ ଯୁବ ସମାଜସେବୀ ଯଥା ଅଂଶୁମାନ ଚକ୍ରବର୍ତ୍ତୀ , ସିଦ୍ଧାର୍ଥ ସାହୁ ଏବଂ ପ୍ରିୟାଂଶୁ ଶେଖର ବାରିକ ନିଜ ସାହାଯ୍ୟ ର ହାତ ମିଶାଇ ଥିଲେ ଏବଂ ମୃତ ଶରୀର କୁ



ଉଦ୍ଧାର କରି ଶ୍ମଶାନ ନେବାର ବ୍ୟବସ୍ଥା କରିଥିଲେ।ଏହି ମହତ୍ କାର୍ଯ୍ୟ କୁ ସମ୍ପନ୍ନ କରିବା ପାଇଁ ଟାଉନ ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ଭରସା ପରିବାର କୁ ଅନୁରୋଧ କରିଥିଲେ।ତେଣୁ ଶ୍ମଶାନ ରେ ପହଞ୍ଚିବା ପରେ ସେଠାରେ ଅନ୍ତିମ ସଂସ୍କାର ପାଇଁ ପୂର୍ବରୁ ସମସ୍ତ ପ୍ରସ୍ତୁତି ସାରି ପ୍ରସ୍ତୁତ ଥିଲେ ଭରସା ପରିବାର ଟ୍ରଷ୍ଟ ର ରାଜ୍ୟ ସଭାପତି ଲମ୍ବୋଦର ମହାନ୍ତ, ଭରସା ପରିବାର ର ରକ୍ତଦାନ ବିଭାଗ ର ସଂଯୋଜକ ଶେଖ୍ ତାହିର, ଯୁବ ସମାଜସେବୀ ଶେଖର ସାମଲ , କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫାଣ୍ଡି ଅଧିକାରୀ ତଥା ଭରସା ପରିବାର ର ପ୍ରମୁଖ ସଦସ୍ୟ ରାଜେନ୍ଦ୍ର କୁମାର ସାହୁ ଏବଂ ଶ୍ମଶାନ ରକ୍ଷକ ସିଦ୍ଧେଶ୍ୱର ନାଏକ। ଅନ୍ତିମ ସଂସ୍କାର ସରିବା ପରେ ସମସ୍ତେ ଫେରିଥିଲେ।

# ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ ପାଇଁ କୋଇଡା ପାଲଟିଛି ପ୍ରଦୂଷଣର ଗନ୍ତାଘର

- ରୁଙ୍ଗଟା ଖଣି ଓ ପ୍ଲାଣ୍ଟ ପାଇଁ ହନ୍ତସନ୍ତ ଜନସାଧାରଣ
- ଧୂଳି ଧୂଆଁ ବିଶୁଦ୍ଧ ପାନୀୟ ଜଳରେ ଉହଳ ବିକଳ କମଣ୍ଡ କୁଶୁମୁଣ୍ଡି ଗ୍ରାମବାସୀ

ବଣାଇ,୧୮/୨ (ନି.ପ୍ର): ଖଣି ରାଜଧାନୀ କୋଇଡା ଅଞ୍ଚଳ ରେ ପ୍ରଦୂଷଣ କରୁଛି ହନ୍ତସନ୍ତ । ଉଜୁଡ଼ି ଗଲାଣି ପ୍ରକୃତି ଧ୍ୱଂସ ହେଲାଣି ପରିବେଶ । ଅଣ ନିସ୍ୱାଶି ଜନ ଜୀବନ । ନାମ କୁ ମାତ୍ର ପରିବେଶ ଜନସୁନାଣି । ଗତ ଅକ୍ଟବର ମାସରେ କେନ୍ଦ୍ର ମନ୍ତ୍ରୀ ଜୁଏଲ୍ ଓରାମ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ କୁ ଅଫିସିଆଲ୍ ଲେଟର କରିଛନ୍ତି ହେଲେ ମଧ୍ଯ କାର୍ଯ୍ୟ ସୁନ ମନ୍ତ୍ରୀ ଙ୍କ ଲେଟର କୁ ମଧ୍ଯ ଅଣ ଦେଖା କରୁଛି ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ ପ୍ରଦୂଷଣ ହାର କମାଇବା ପରିବର୍ତ୍ତେ ପ୍ରଦୂଷଣ ହାର ବଢାଇ ଚାଲିଛନ୍ତି ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ । ପ୍ରଦୂଷଣ ଯୋଗୁଁ କମଣ୍ଡ , କୁସୁମୁଣ୍ଡି, କୁଲ୍ଲା ନାରାୟଣପସି, ଓରାଉରି ଗ୍ରାମ ବାସୀ ହେଲେଣି ହନ୍ତ ସନ୍ତ କିନ୍ତୁ ଏଠି ନିଦାବିଷ୍ଣୁ ସାଜିଛନ୍ତି ପ୍ରଶାସନ ହନ୍ତ ସନ୍ତ ଜନସାଧାରଣ। ପ୍ରଦୂଷଣ ନିୟନ୍ତ୍ରଣ କରିବା ବଦଳରେ ପ୍ରଦୂଷଣ ବଢାଇ ଚାଲିଛନ୍ତି ହେଲେ ନିଦାବିଷ୍ଣୁ କାହିଁକି ସାଜିଛନ୍ତି ପ୍ରଦୂଷଣ ବୋର୍ଡ ଅଧିକାରୀ। ସୁନ୍ଦରଗଡ ଜିଲ୍ଲା ଖଣି ରାଜଧାନୀ କୋଇଡା ସାଜିଛି ପ୍ରଦୂଷଣ ଗନ୍ତା ଘର ଅରାଘାଟ, ଇନ୍ଦିପୂର୍ ରୁଙ୍ଗଟା ଖଣି ଠାରୁ କମଣ୍ଡ ଷ୍ଟିଲ ପ୍ଲାଣ୍ଟ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କୁ ଦେଖିଲେ ଲାଗୁଛି ପ୍ରକୃତି ଉପରେ ପ୍ରଦୂଷଣ ର ବର୍ଷା । ଗଛକୁ ଦେଖିଲେ ଲାଗୁନି ଗଛରେ ପ୍ରଦୂଷଣ ଏତେ ମାତ୍ରା ରେ ବଢ଼ିଚାଲିଛି ଯେ ଏହା ଗଛନା ମାଟିରେ ଗଣନା କରିହେବନି। । କିନ୍ତୁ ଏଠି ପ୍ରଶ୍ନ ଉଠୁଛି କାହିଁକି ଚୁପ୍ ସ୍ଥାନୀୟ ଜନପ୍ରତିନିଧି କାହିଁକି ଚୁପ୍ ପ୍ରଶାସନ । ସରକାର ଙ୍କ ନୀରବ ପାଇଁ ବଳି ପଡୁଛନ୍ତି ନିରୀହ ଜନସାଧାରଣ ପ୍ରଦୂଷଣ ବଢ଼ିବା



ଦ୍ୱାରା ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହେଉଛନ୍ତି ସାଧାରଣ ଜନତା । ପ୍ରଦୂଷଣ ନିୟନ୍ତ୍ରଣ କରିବା ବଦଳରେ ପ୍ରଦୂଷଣ ବଢେଇ ଚାଲିଛନ୍ତି ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟ ସାଧାରଣ ରେ ଚର୍ଚ୍ଚା ହେଲାଣି କମ୍ପାନୀ ଓ ପ୍ରଶାସନ ଭିତର ରହିଛି ମଧୁଚନ୍ଦ୍ରିକ । ପ୍ରଦୂଷଣ ନିୟନ୍ତ୍ରଣ କରିବା ବଦଳରେ ଖଣି ଅଞ୍ଚଳ ରେ ପ୍ରଦୂଷଣ କରିବା ନେଇ ଏନେକ୍ କମ୍ପାନୀ କରୁଛି ଷଡ଼ଯନ୍ତ୍ର ପ୍ରଦୂଷଣ ବୃଦ୍ଧି ହେବା ସତ୍ତ୍ୱେ ଅନେକ ରୋଗ ରେ ଆକ୍ରାନ୍ତ ହୋଇ ଜୀବନ ହାନି ହେଉଛି କେବେ ଧ୍ୟାନ ଦେବେ ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧି ।

# ରାୟଗଡ଼ ଡିଜିଟାଲ ମିଡ଼ିଆର ବନ୍ଧୁ ମିଳନ ଏବଂ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ



ରାୟଗଡ଼,୧୮/୨ (ନି.ପ୍ର): ରାୟଗଡ଼ ପିତମହଲ ସ୍ଥିତ ବନଦୁର୍ଗା ମନ୍ଦିର ପରିସରରେ ଥିବା ବଗିଚାରେ ଆର୍ ଡି ଏମ ସଂଘର ବନ୍ଧୁ ମିଳନ ଏବଂ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଏବଂ ଗ୍ରନ୍ଥାକାର ଡମ୍ବୁରୁଧର ପଣ୍ଡା ଉପସ୍ଥିତ ଥିଲେ। ଆର ଡି ଏମ ସଭାପତି ଅଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବୈଠକ ଆରମ୍ଭ ହୋଇଥିଲା।

ବୈଠକରେ ଜିଲ୍ଲା ସୁଚନା ଅଧିକାରି କୌଣସି କାରଣରୁ ଅନୁପସ୍ଥିତ ଥିବାରୁ, ଶ୍ରୀ ପଣ୍ଡା ସାମ୍ବାଦିକମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଆଜିର ଦିନ ହେଉଚି ଡିଜିଟାଲ ଯୁଗ। ଡିଜିଟାଲ କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯେ କୌଣସି କ୍ଷେତ୍ରରେ ଡିଜିଟାଲ କମ ସମୟ ମଧରେ ଅଧିକ କିଛି ପ୍ରଚାର୍ ପ୍ରସାର କରିବା ସହ ଘଟଣା, ଦୁର୍ଘଟଣା, ଲୋକଙ୍କ ସମସ୍ୟା ଓ ତାହାର ସମାଧାନକୁ ପ୍ରଶାସନିକ ଅଧିକାରୀ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପାରୁଛି। ଅନ୍ୟପଟେ ସରକରଙ୍କ ଯେ କୌଣସି ଯୋଜନା ଏବଂ କାର୍ଯ୍ୟକ୍ରମ ଗୁଡ଼ିକୁ ମଧ ଡିଜିଟାଲ ମାଧମରେ ପ୍ରଚାର ହୋଇ ପାରୁଛି। ଏଗୁଡ଼ିକୁ ଲୋକଲୋଚନକୁ ଆଣିବା, ସରକାରଙ୍କ ଯୋଜନା ଗୁଡିକ ମାଧମରେ ଜନ ସଚେତନତା ସୃଷ୍ଟି କରିବା, ସତର୍କତା ଅବଲମ୍ବନ କରିବା ଏହିସବୁ କ୍ଷେତ୍ରରେ ଡିଜିଟାଲ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହିସବୁ ପ୍ରଚାର୍ ପ୍ରସାର ପାଇଁ ଯେଉଁମାନେ ଦିନରାତି, ୨୪ଘଣ୍ଟା ନିଜକୁ ସମର୍ପିତ କରି ଦେଇ ଥାଆନ୍ତି ସେ ହେଉଛନ୍ତି ଡିଜିଟାଲ ତଥା ୱେବ୍ ଚ୍ୟାନେଲ ସାମ୍ବାଦିକ। ଆଜିର ବୈଠକରେ ଉପସ୍ଥିତ ଥିବା ଯୋଗୁଁ ମୋତେ ବହୁତ୍ ଖୁସୀ ଲାଗିଲା କହିଛନ୍ତି ଶ୍ରୀଯୁକ୍ତ ପଣ୍ଡା। ଜିଲ୍ଲାର ସମସ୍ୟା ଜିଲ୍ଲା ପ୍ରଶାସନର ନଜରକୁ ଆଣି ତାହାର ସମାଧାନ କରିବା ସହିତ ଜନହିତକାରୀ ଯୋଜନାରୁ କେହି ବଞ୍ଚିତ ନ ରୁହନ୍ତୁ। ଡିଜିଟାଲ ମିଡ଼ିଆ ସାମ୍ବାଦିକମାନେ ସରକାରଙ୍କ ଏବଂ ପ୍ରଶାସନର ତୃତୀୟ ନୟନ ଭଳି କାର୍ଯ୍ୟ କରୁଛନ୍ତି। ଆଗକୁ ଆହୁରି ତତ୍ପରତା ଦେଖାଇ କାର୍ଯ୍ୟ କରିବା ପାଇଁ ପଡିବ। କୌଣସି ଖବର ଛୋଟ କିମ୍ବା ବଡ଼ ନୁହେଁ। ନିଜକୁ ଛୋଟ କିମ୍ବା ବଡ଼ ସାମ୍ବାଦିକ ବୋଲି ଭାବିବା ଉଚିତ୍ ନୁହେଁ। ନିଜ ନିଜର ଡିଜିଟାଲ ଚ୍ୟାନେଲ ମାଧ୍ୟମରେ ପ୍ରଚାର ଖବର ଓ ପ୍ରସାରିତ ହୋଇଥିବା ଘଟଣା ନିଜକୁ ଛୋଟ ବଡ଼ କରିଦେଇଥାଏ। ଅନ୍ୟପଟେ ସଭାପତି ଶ୍ରୀ ନାୟକ ସଂଘକୁ ସୁଦୃଢ଼ କରିବା ସହ ସଂଘଠିତ ହୋଇ ରହିବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି କହିଛନ୍ତି। ମଞ୍ଚାସିନ ଅତିଥି ମାନଙ୍କ ମଧରେ ତତ୍କାଳୀନ ସଭାପତି ଆଶୁତୋଷ ଝୁଲା ପଟନାୟକ, ଉପ ସଭାପତି ଖଗେଶ୍ୱର ସିଂ, ଉପଦେଷ୍ଟା ସରୋଜ କୁମାର୍ ମିଶ୍ର, ପ୍ରସାଦ ଲିମା, କେକେମ୍ ପଟନାୟକ ଉପସ୍ଥିତ ଥିଲେ। ନୂତନ ସଦସ୍ୟ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ତୋରୀୟ ଦେଇ ସମ୍ମାନିତ କରିବା ସହ ଶୃଙ୍ଖଳିତ ଭାବେ ସଂଘର ସଦସ୍ୟ ହୋଇ ସଂଘର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବେ ସେ ନେଇ ଶପଥ ନେଇଥିଲେ।

# ମନରେଗା କାର୍ଯ୍ୟରେ ମହା ଦୁର୍ନୀତି ଅଭିଯୋଗ, ନିରୀହ ଲୋକଙ୍କ ନାଁରେ ଖାଇଗଲେ ଲକ୍ଷ ଲକ୍ଷ ଟଙ୍କା

ସଇଁତଲା୧୮/୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଏକ ଜନପ୍ରିୟ ଯୋଜନା ହେଉଛି 'ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା' ବା ମନରେଗା। ଏହି ଯୋଜନା ଅତିତରେ ଗରିବ ଖଟିଖିଆଙ୍କ ପାଇଁ ବଞ୍ଚିବାର ଦେଖାଇଥିଲା। ଏବେ କିନ୍ତୁ ଏହା ଦୁର୍ନୀତିର ଉତ୍ସ ପାଲଟିଥିବା ଅଭିଯୋଗ ପରେ ଅଭିଯୋଗ ହୋଇ ଆସୁଛି। ଖଟିଖିଆ ଗରିବ ଲୋକଙ୍କ ପାଇଁ ସରକାର ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ରୋଜଗାରର ରାସ୍ତା ଖୋଲିଲେ ସତ ହେଲେ ଏଠି ତା'ର ଭରପୁର ମଜା ଉଠାଇବାରେ ବ୍ୟସ୍ତ କିଛି ଅସାଧୁ ଅଧିକାରୀ। ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ସ୍ଥିତ କିଛି ଗ୍ରାମ ପଞ୍ଚାୟତ ମାନଙ୍କରେ ନିୟୋଜିତ ରହିଥିବା କିଛି କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଜିଆରଏସ ଏସବୁ ବେଆଇନ କାର୍ଯ୍ୟରେ ସଂଶ୍ଲିଷ୍ଟ ରହିଥିବା କୁହାଯାଉଛି। ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ ବେଲଗାଁ ଗ୍ରାମ ପଞ୍ଚାୟତରେ ମନରେଗା କାର୍ଯ୍ୟ କରିବା ନାଁ ଲକ୍ଷାଧିକ ଟଙ୍କା ହଡପ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଜି.ଆର୍.ଏସ ଗରିବ ନିରୀହ ଲୋକଙ୍କ ନାଁରେ ଫଲ୍ସ ଏଟେନଡେନ୍ସ ପ୍ରସ୍ତୁତ କରି ଦୀର୍ଘ ବର୍ଷରୁ କାମକୁ ଯାଉନଥିବା ଲୋକଙ୍କ ନାଁରେ ଟଙ୍କା ଉଠେଇ ହଡପ କରି ନେଇଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳର ଅନେକ ଜନସାଧାରଣ। କିଛି ଜବ କାର୍ଡ ଧାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବେଲ ଗାଁ ଷ୍ଟେଟ ବ୍ୟାଙ୍କରେ ଥିବା ବେଳେ ତାଙ୍କ ନାଁରେ ଟିଟିଲାଗଡ଼ ଷ୍ଟେଟ ବ୍ୟାଙ୍କରେ ଆଉ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ଟଙ୍କା ହଡପ କରାଯାଇଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ଜବ କାର୍ଡ ଧାରୀ। ସଇଁତଲା ବ୍ଲକରେ ବଡ଼ ପ୍ରମାଣ ଆଧାରିତ ଉକ୍ତ ଠକେଇ ଘଟଣା ସମ୍ବଳିତ ଜଣାପଡ଼ିଛି, ଯେଉଁଥିରେ ସରପଞ୍ଚ, ଜିଆରଏସ (ଗ୍ରାମ ରୋଜଗାର ସେବକ) ଓ ଏଡିଇଓ ସମ୍ପୃକ୍ତି ସାମ୍ନାକୁ ଆସିଛି। ଏହି କ୍ଷେତ୍ରରେ ଯେତେକି ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପ୍ରକଳ୍ପ ପାଇଁ ସମସ୍ତଙ୍କୁ ସରକାରୀ ଅନୁଦାନ ମିଳିବା ଉଚିତ, କିନ୍ତୁ ସେହିଠାରେ ସରପଞ୍ଚ, ଜି.ଆର୍.ଏସ ଓ ଏଡିଇଓ ସମ୍ପୂର୍ଣ ଜାଲିଆତି କରି ଆର୍ଥିକ ଲାଭ ନେଇଛନ୍ତି। ଏହି ଆପରାଧ ତଥା ଠକେଇ ପ୍ରକଳ୍ପ ନିମିତ୍ତରେ ଅଧିକାରୀ ଓ ସମ୍ପୃକ୍ତ ସଂସ୍ଥାଗତ କର୍ମଚାରୀ ଆବଶ୍ୟକ




କାର୍ଯ୍ୟ କରୁଛନ୍ତି। ସେଥିରେ ସଇଁତଲା ବ୍ଲକରେ ଗରିବ ଲୋକଙ୍କ ଆର୍ଥିକ ଧନରେ ଏହି ଠକେଇ ଚାଲିଛି। ଏହି ସମ୍ପୃକ୍ତ ବ୍ଲକରେ ସରକାରୀ କାର୍ଯ୍ୟବିଧି କ୍ଷତିଗ୍ରସ୍ତ ହେଉଛି ଓ ଗ୍ରାମବାସୀ ପ୍ରତି ଅଧିକାରୀ ଓ ପ୍ରାଥମିକ ସେବା ସମୟରେ ଏହି ପ୍ରକଳ୍ପ କାମରେ ଅସଂଗତ ପଦ୍ଧତିରେ ରହିଛି। ସଇଁତଲା ବ୍ଲକରେ ଏହି ଠକେଇ ଘଟଣା ପ୍ରତି ଆଗାମୀ ତଦନ୍ତ ତଥା ଅଧିକାରୀଙ୍କ ପ୍ରତି ଅଧିକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରାଯିବାରେ ପ୍ରତିଷ୍ଠା ଏବଂ ଗ୍ରାମବାସୀଙ୍କ ଅଧିକାର ସୁରକ୍ଷିତ ହେବା ପାଇଁ ଶକ୍ତ ନିୟମ ତଥା କାର୍ଯ୍ୟବିଧି ଅନୁଷ୍ଠାନ କରାଯିବା ଉଚିତ। ଏଣୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ଜୋର ଧରୁଛି।

# କେନ୍ଦ୍ର ବଜେଟ-୨୦୨୫ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ




ବାରିପଦା,୧୮/୨ (ନି.ପ୍ର): ଗତ ଫେବୃୟାରୀ ୧ ତାରିଖରେ ଭାରତର ସଂସଦରେ ଭାରତର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ବଜେଟ ଉପସ୍ଥାପନ କରାଯାଇଛି । ଏହି ବଜେଟର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା ନିମନ୍ତେ ଏମପିସି ଅଟନମାସ କଲେଜର ଅର୍ଥନୀତି ଏବଂ ବାଣିଜ୍ୟ ବିଭାଗ ତରଫରୁ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ରୂପେ ଆଇ.ଆଇ.ଟି ରୁର୍କୀର ଆସୋସିଏଟ ପ୍ରଫେସର ଡ଼. ପ୍ରତାପ ଚନ୍ଦ୍ର ମହାନ୍ତି, ଅନ୍ୟତମ ବକ୍ତା ଭାବରେ ଶୈକ୍ଷିକ ମୁଖ୍ୟ ଡ଼.ଆଲବେର୍ଟିନା ତିର୍କୀ, ପ୍ରଶାସନିକ ମୁଖ୍ୟ ଡ଼.ଦୀପକ କୁମାର ବେହେରା, ବାଣିଜ୍ୟ ବିଭାଗର ମୁଖ୍ୟ ଡ଼.ଆଶୁତୋଷ ପ୍ରୟାସ ଦାଶ, ଅର୍ଥନୀତି ବିଭାଗର ମୁଖ୍ୟ ଡ଼.ସିଦ୍ଧେଶ୍ୱର ପଣ୍ଡା ପ୍ରମୁଖ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ବିଭିନ୍ନ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ବଜେଟ କିପରି ଭାରତକୁ ବିକାଶ ଅଭିମୁଖେ ଅଗ୍ରସର କରାଇଛି ସେ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ । ସହକାରୀ ପ୍ରଫେସର ଡ.ରୂପସା ମହାପାତ୍ର ସଭା ପରିଚାଳନା କରିଥିବା ବେଳେ, ଅଧାପିକା ମଧୁସ୍ମିତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ. କାର୍ଯ୍ୟକ୍ରମରେ ବିଭାଗୀୟ ଅଧାପକ ଓ ଅଧାପିକା ଭୀମ ଚରଣ ମୁର୍ମୁ , ଡ଼ ଅନାମ ଚରଣ ରାଉଳ, ଡ଼ ଅର୍ଜୁନ କୁମାର ସାହୁ, ସୀମା ଅଗରୱାଲ ପ୍ରମୁଖ ଯୋଗଦେଇଥିଲେ ।

# ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ରେ ଇଂରାଜୀ ପାଠଚକ୍ର

ବୌଦ୍ଧ, ୧୮/୨ (ନି.ପ୍ର): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ର ଇଂରାଜୀ ବିଭାଗ ର ମୁଖ୍ୟ ଲକ୍ଷ୍ମଣ ମେହେରଙ୍କ ଅଧକ୍ଷତା ରେ ଆନ୍ତଃ ଇଂରାଜୀ ପାଠ ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ର ରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ର ଅଧକ୍ଷ ନିରଞ୍ଜନ ମିଶ୍ର ମୁକ୍ଷ ଅତିଥି ଭାବରେ ଯୋଗଦେଇ ଇଂରାଜୀ ପାଠ ଚକ୍ର କୁ ସଫଳ କରିଥଲେ। ଏହି ଆଲୋଚନା ଚକ୍ର ରେ "The Poetry of Earth is Never Dead: Critical Studies on English and American Poets' ଉପରେ ଆଲୋଚନା ହୋଇଥିଲା। ଉକ୍ତ ଆଲୋଚନା ଚକ୍ର ରେ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପୁରୁଣା କଟକ ଓ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ବୌଦ୍ଧ ର ଇଂରାଜୀ ସମ୍ମାନ ର ପ୍ରାୟ ୮୦ ଛାତ୍ର ଛାତ୍ରୀ ଯୋଗ ଦେଇ ୨୭ ଟି ସନ୍ଦର୍ଭ ପାଠ କରିଥିଲେ। ଓ ତାପରେ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଦ୍ୱାରା ସନ୍ଦର୍ଭ ପାଠ




କରାଯାଇ ପଙ୍ଖାନୁ ପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନା ଚକ୍ର ରେ ମୁଖ୍ୟ ଆଲୋଚକ ଭାବେ ଡ଼ ପ୍ରଭାତ ଚନ୍ଦ୍ର ମିଶ୍ର ସମସ୍ତ ଦିଗ ଦିଗନ୍ତ ଉପରେ ଆଲୋଚନା କରିଥିଲେ । ଏହି ଆଲୋଚନା ଚକ୍ର ରେ ଅଧାପିକା ଶ୍ରୀମତୀ ପ୍ରଣତୀ ମିଶ୍ର ଯୋଗଦାନ ଦେଇ ଆଲୋଚନା ଚକ୍ର କୁ ସଫଳ କରିଥଲେ । ସ୍ୱୟଂ ଚାଳିତ ମହାବିଦ୍ୟାଳୟ ଖୋର୍ଦ୍ଧା ର ଇଂରାଜୀ ବିଭାଗ ମୁଖ୍ୟ ଡ଼ ବ୍ରଜ କିଶୋର ସାହୁ ଯୋଗ ଦାନ ଦେଇ ଇଂରାଜୀ ସାହିତ୍ୟ ଉପରେ ଆଲୋଚନା କରିଥିଲେ ।ଏହି ଆଲୋଚନା ଚକ୍ର ରେ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ର ଇଂରାଜୀ ବିଭାଗ ର ମୁଖ୍ୟ ଡ଼ ପ୍ରମୋଦ କୁମାର ମହାପାତ୍ର, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ର ଅଧାପକ ଡ଼ ପ୍ରକାଶ ମେହେର, ଅଧାପିକା କଲ୍ୟାଣୀ ଦେବୀ ସୁନାନି ଯୋଗ ଦେଇଥିଲେ। ଉକ୍ତ ଆଲୋଚନା ଚକ୍ର ରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ର ଛାତ୍ରୀ ନୌଷିନ ଫାତ୍ମା ଓ ବିକାଶ ମେହେର ସଂଯୋଜନା କରିଥିଲେ ଓ ଇଂରାଜୀ ବିଭାଗ ର ଅଧାପିକା କଲ୍ୟାଣୀ ଦେବୀ ସୁନାନି ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ଅସଦାଚରଣ,ସାମ୍ବାଦିକ ନାମରେ ମାମଲା ରୁଜୁ

ହାଟଡିହି,୧୮/୨ (ନି.ପ୍ର): ପି ପି ଏଲ ସାମ୍ବାଦିକ ସାଜିଛନ୍ତି ମାଫିଆ ଙ୍କ ସୁରକ୍ଷା କର୍ମୀ। ରାସ୍ତା କାମ ଚାଲୁଥିବା ବେଳେ ସାମ୍ବାଦିକ ଜଣକ ବଟି ମାଗିବା ସହ ,ମହିଳା ଙ୍କୁ କଲେ ଅସଦାଚରଣ ।ଏହାକୁ ନେଇ ସାମ୍ବାଦିକ ନାମରେ ଥାନାରେ ହେଲା ମାମଲା ରୁଜୁ ।ଏହିଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଶାଳନିଆଁ ଗ୍ରାମରେ ।ନନ୍ଦିପଦା ଥାନାରେ କେଶ ନମ୍ବର ୩୦/୨୦୨୫ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଦଫା ୧୨୬(୨), ୧୧୭(୨), ୭୪,୩(୫) ରେ ପି ପି ଏଲ ସାମ୍ବାଦିକ ଅଭିମନ୍ୟୁ ଜେନାଙ୍କ ନାମରେ ମାମଲା ରୁଜୁ ହୋଇଛି ।ଜଣେ ଗଣମାଧ୍ୟମ ପ୍ରତିନିଧି ଏତେ ତଳକୁ ଯାଇ ଗୁଣ୍ଡାଗିରି ଓ ଗୋଲାମୀ ର ପରାକାଷ୍ଠା ଦେଖାଇବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ପୋଲିସ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ଦେଖିବାକୁ ବାକି ରହିଲା।

# ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡ

ବ୍ରହ୍ମପୁର, ୧୮/୨ (ନି.ପ୍ର): ୨୦୨୩ ମସିହା ଅଗଷ୍ଟ ମାସରେ ପାଟପୁର ଥାନା ଅନ୍ତର୍ଗତ ତପ୍ତପାଣି ଘାଟି ଇଲାକାରେ ସଙ୍ଗୀତା ପ୍ରଧାନଙ୍କୁ ହତ୍ୟା ହୋଇଥିଲା । ଏହି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ସୋମବାର ପ୍ରକାଶ ପାଇଛି। ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ୍ ରୂପଶ୍ରୀ ଚୌଧୁରୀ ଏହି ହତ୍ୟା ମାମଲାର ଶୁଣାଣି କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀସାବ୍ୟସ୍ତ ଅଭିଯୁକ୍ତ ଜଣକ ହେଲେ ପାଟପୁର ଥାନା ସିନ୍ଦୂରପୁର ଗ୍ରାମର ମିଥୁନୁ ବିଷୋୟୀ(୩୭) । ସୂଚନାଯୋଗ୍ୟ ଯେ, ମିଥୁନ ଓ ସଙ୍ଗୀତା ଦୁହେଁ ଦୁହେଁଙ୍କୁ ଭଲ ପାଉଥିଲେ । ୨୦୨୩ଅଗଷ୍ଟ ୩ ତାରିଖରେ ଘରୁ ସୁନା ଅଳଙ୍କାର ନେଇ ଫେରାର ହୋଇ ଯାଇଥିଲେ ସଙ୍ଗୀତା । ଦିନକ ପରେ ସଙ୍ଗୀତାଙ୍କୁ ହତ୍ୟା କରି ତପ୍ତପାଣି ଘାଟିର ଏକ ଖାଲୁଆ ଜାଗାରେ ଫୋପାଡ଼ି ଦେବା ସହ ଶବ ଉପରେ ପଥର ପକାଇ ଦେଇଥିଲା ଅଭିଯୁକ୍ତ ମିଥୁନ । ଅଗଷ୍ଟ ୮ ତାରିଖରେ ଶବ ମିଳିବା ପରେ ସଙ୍ଗୀତାଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିଲେ। ପୋଲିସ ସେହି ଆଧାରରେ ତଦନ୍ତ କରି ପ୍ରେମିକ ମିଥୁନକୁ ଗିରଫ କରି ହତ୍ୟାରେ ବ୍ୟବହୃତ ପଥର ଜବତ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲ ଏ ନେଇ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୧୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ଗିରଫ ପରଠାରୁ ମିଥୁନୁ ବ୍ରହ୍ମପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହିଆସୁଥିଲା । ସୋମବାର ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ବେଳେ ଅଭିଯୁକ୍ତ ମିଥୁନୁ ବିଷୋୟୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଉପଯୁକ୍ତ ଚାର୍ଜସିଟ ଓ ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡା ମକଦ୍ଦମା ପରିଚାଳନା କରିଥିଲେ।

# ହିତାଧିକାରୀଙ୍କ ଜମି ମରାମତି ଟଙ୍କା ହରିଲୁଟ: ଫଳକରେ ନାହିଁ କୋଡ଼ ନମ୍ବର

ବଙ୍ଗୋମୁଣ୍ଡା,୧୮/୨ (ନି.ପ୍ର):ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜମି ମରାମତି କାର୍ଯ୍ୟ କରି ହିତାଧିକାରୀ ଟଙ୍କା ହରିଲୁଟ ର ଶିକାର ହୋଇଥିବା ହିତାଧିକାରୀ ସାଙ୍ଘାତିକ ଅଭିଯୋଗ କରିଛନ୍ତି । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଠେମରା ପଞ୍ଚାୟତ ଯାମତରା ଗାଁର ହିତାଧିକାରୀ ଅନାକାର ଲୁହା ଙ୍କୁ ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ ଜମି ମରାମତି ଗୋଟିଏ କର ୫୦,୦୦୦ ଟଙ୍କା ପଡିବ ବୋଲି କହିଥିଲେ । ଅନାକାର ନିଜ ଓ ଜମିର କାଗଜ ପତ୍ର ଦେଇ ଆର୍ଥିକ ବର୍ଷ ୨୦୨୩-୨୦୨୪ ରେ ନିଜ ଜମିକୁ ସରପଞ୍ଚ ଙ୍କ ଅନୁମତି ନେଇ ଶ୍ରମିକ ଲଗାଇ ମରାମତି କାର୍ଯ୍ୟ କରିଥିଲେ । ତାପରେ ସରପଞ୍ଚ ବୋର୍ଡ ଲଗାଇବା ପାଇଁ କହିବାରୁ ହିତାଧିକାରୀ ବୋର୍ଡ ତିଆରି କରି ସରପଞ୍ଚ ଙ୍କୁ ଜଣାଇଥିଲେ ତାପରେ ସରପଞ୍ଚ ଏବେ ଟଙ୍କା ପଡିଯିବ ବୋଲି କହିଥିଲେ । ହେଲେ ଟଙ୍କା ହିତାଧିକାରୀ ଅନାକାର ଲୁହା ପାଇନାହାନ୍ତି । ଟଙ୍କା ନ ମିଳୁବାରୁ ହିତାଧିକାରୀ ଅନାକାର ଲୁହା ନିଜ ହାତରୁ କାମ କରିଥିବା ଶ୍ରମିକ ମାନଙ୍କୁ ୫୦,୦୦୦ ଟଙ୍କା ଦେଇଥିବା କହିଛନ୍ତି । ଜମି ମରାମତି ଟଙ୍କା ଙ୍କୁ ସରପଞ୍ଚ ନିଜେ ଉଡାଇ ଦେଇଛନ୍ତି ବୋଲି ହିତାଧିକାରୀ ଅଭିଯୋଗ କରୁଛନ୍ତି । ଟଙ୍କା ନପାଇବାରୁ ବଙ୍ଗୋମୁଣ୍ଡା ବିଡ଼ିଓ ଙ୍କ ପାଖରେ ଦ୍ୱାରସ୍ଥ ହୋଇ ଏନେଇ ବିଡ଼ିଓ ଙ୍କୁ ଜଣାଇଥିଲେ ହେଲେ ବର୍ତ୍ତମାନ ସୁଦ୍ଧା ଟଙ୍କା ହିତାଧିକାରୀ ଙ୍କୁ ମିଳିନାହିଁ । ଟଙ୍କା ହରିଲୁଟ କରିବାପାଇଁ ହିଁ ସୂଚନା ଫଳକ ରେ କୋର୍ଡ ନମ୍ବର ଲେଖିନଥିଲେ ବୋଲି ଏହା ହିତାଧିକାରୀ କହିଛନ୍ତି । ଏ ସମ୍ପର୍କରେ ବୁଝିବା ପାଇଁ ବଙ୍ଗୋମୁଣ୍ଡା ବିଡ଼ିଓ ଶଙ୍କରର୍ଷଣ ବେହେରା ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲୁ ହେଲେ ବିଡ଼ିଓ ଫୋନ ଉଠାଇନଥିବାରୁ ଅଧିକ ତଥ୍ୟ ମିଳିପାରିନାହିଁ । ଜମିମରାମତି ନାଁରେ ହିତାଧିକାରୀ ଙ୍କୁ ଏପରି ଲଣ୍ଠନ ଦେଖାଇ ଟଙ୍କା ହରିଲୁଟ କରିଥିବା ବ୍ୟକ୍ତି ଙ୍କ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରାଯାଉ ବୋଲି ଏନେଇ ହିତାଧିକାରୀ ଦାବି କରିଛନ୍ତି ।

# କ୍ରୋମାଇଟ ମୂଲ୍ୟ କେ.ପି.ଏମ.ଜି ସୂତ୍ରରେ ନିର୍ଦ୍ଧାରଣ କରିବାପାଇଁ ଦାବି

କଳିଙ୍ଗନଗର ୧୮/୨ (ନି.ପ୍ର): ଖଣି ନିଗମ ଦ୍ୱାରା ୧୭ ଜାନୁଆରୀ ରେ ଅନୁଷ୍ଠିତ ଇ-ନିଲାମ ପ୍ରକ୍ରିୟାରେ ୪୮-୫୦ ଗ୍ରେଡ଼ କ୍ରୋମାଇଟ ଉପରେ ଲାଗୁ କରାଯାଉଥିବା ଅତିରିକ୍ତ ୫୦ ପ୍ରତିଶତ ରୟାଲିଟିକୁ ନିୟମ ବହିର୍ଭୁତ ଦର୍ଶାଇ କେ.ପି.ଏମ.ଜି ସୂତ୍ର ଅନୁସାରେ ଆସନ୍ତା ଇ-ନିଲାମରେ କ୍ରୋମାଇଟର ମୂଲ୍ୟ ନିର୍ଦ୍ଧାରଣ କରିବାପାଇଁ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଅଛି କଳିଙ୍ଗନଗର ଶିଳ୍ପ ସଂଘ। ପ୍ରକାଶ ଥାଉକି ଜାନୁଆରୀ ମାସରେ ହୋଇଥିବା ଇ-ନିଲାମ ରେ ଖଣି ନିଗମ ୪୮-୫୦ ଗ୍ରେଡ଼ କ୍ରୋମାଇଟ ଉପରେ ଅତିରିକ୍ତ ୫୦ ପ୍ରତିଶତ ରୟାଲିଟି ଲାଗୁ କରିଥିଲା । ଯାହା ଫଳରେ ଏହି ଗ୍ରେଡ଼ର କ୍ରୋମାଇଟ ମୂଳ ମୂଲ୍ୟ ଟନ ପିଛା ୧୪୦୦୦ ଟଙ୍କା ପରିବର୍ତ୍ତେ ୩୭୫୦ ଟଙ୍କା ବୃଦ୍ଧି ପାଇଁ ଟନ ପିଛା ୧୮୦୩୮ ଟଙ୍କାକୁ ବୃଦ୍ଧି ପାଇଥିଲା । ଖଣି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ୧୯.୧୦.୨୦୨୩ ଗାଇଡଲାଇନର ଅବମାନନା କରି ଖଣି ନିଗମ କ୍ରୋମାଇଟ ଉପରେ ଏହି ଅତିରିକ୍ତ ରୟାଲିଟି ଲାଗୁକରିଅଛି ବୋଲି ଶିଳ୍ପସଂଘ ଏହି ପତ୍ରରେ ଉଲ୍ଲେଖ କରିଅଛି । ଶିଳ୍ପସଂଘ କହିବା କଥା ହେଲା ଯେ ଖଣି ଓ ଖଣିଜ ଉନ୍ନୟନ ତଥା ନିୟନ୍ତ୍ରଣ ଅଧିନିୟମ (ଏମ.ଏମ.ଡି. ଆର. ଆକ୍ଟ) ଅନୁସାରେ ଆଦାୟ ହେବାକୁ ଥିବା ରୟାଲିଟି ବ୍ୟବସ୍ଥାକୁ ଏପ୍ରିଲ ୨୦୨୪ ଠାରୁ ବନ୍ଦ କରିବା ପାଇଁ ଖଣି ମନ୍ତ୍ରଣାଳୟ, ଭାରତ ସରକାର ୧୯.୧୦.୨୦୨୩ ରେ ଗାଇଡଲାଇନ ଜାରି କରି ଅଛନ୍ତି । ହେଲେ ଖଣି ନିଗମ ଏହି ଗାଇଡଲାଇନକୁ ଅଣଦେଖା କରି ଅତିରିକ୍ତ ୫୦ ପ୍ରତିଶତ ରୟାଲିଟି ଲାଗୁ କରିଆସୁଅଛି । ଫଳରେ କ୍ରୋମାଇଟ ମୂଳ ମୂଲ୍ୟ ବୃଦ୍ଧି ପାଉଅଛି ଓ ଦୀର୍ଘ ମିଆଦୀ ସୂତ୍ରରେ କ୍ରୋମାଇଟ କ୍ରୟ କରୁଥିବା ଓ ରାଜ୍ୟ ଭିତରେ ଗଢ଼ିଉଠିଥିବା ଶିଳ୍ପସଂସ୍ଥା ଗୁଡିକ କ୍ଷତି ସହ୍ୟ କରୁଅଛନ୍ତି। ଶିଳ୍ପସଂଘ ପତ୍ର ମାଧ୍ୟମରେ ଖଣି ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଆସନ୍ତା ଇ-ନିଲାମରେ ଫେରୋକ୍ରୋମର ବର୍ତ୍ତମାନ ବଜାରମୂଲ୍ୟ ଯାହାକି ଟନ ପିଛା ୯୭୬୦୦ ଟଙ୍କା ରହିଅଛି ଓ ଖଣି ମନ୍ତ୍ରଣାଳୟର ରୟାଲିଟି ଉଚ୍ଛେଦ ଗାଇଡଲାଇନକୁ ନଜରରେ ରଖି କ୍ରୋମାଇଟ ମୂଳ ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଅନୁରୋଧ କରିଅଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ